ଧରିତ୍ରୀ 51 Years
DHARITRI
ଆଜି ମହାନବମୀ
ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧/୨୦୨୫ (୧୬ ପୃଷ୍ଠା) | Bhubaneswar, Wednesday, October 1/2025 | Page 16 | ₹ 7.00 | BERHAMPUR
୫୧ଶ ଭାଗ ୩୦୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 307 | ମୂଲ୍ୟ ₹୭/-

**ପାର୍ବଣ ଶୁଭେଚ୍ଛା**

ପବିତ୍ର ମହାନବମୀ ଓ ଦଶହରା ଅବସରରେ ଧରିତ୍ରୀ ପରିବାର ତା'ର ଅଗଣିତ ପାଠିକାପାଠକ, ଲେଖିକାଲେଖକ, ବିଜ୍ଞାପନଦାତା, ଏଜେଣ୍ଟ, ବିତରକ ଓ ଶୁଭେଚ୍ଛୁମାନଙ୍କୁ ଶାରଦୀୟ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

**ଧରିତ୍ରୀର ଛୁଟି**

ମହାନବମୀ ଓ ଦଶହରା ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ଅକ୍ଟୋବର ୧ ଓ ୨ ତାରିଖ (ବୁଧବାର, ଗୁରୁବାର) ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂସ୍କରଣ ୪ ତାରିଖ ଶନିବାର ସକାଳେ ପ୍ରକାଶ ପାଇବ।

**ଆଜିର ସମ୍ପାଦକୀୟ**

**କାର୍ଯ୍ୟ ବି, ସନ୍ତାନ ବି**

# ପରୀକ୍ଷା ପୂର୍ବରୁ ଜାଲିଆତି

ବ୍ରହ୍ମପୁର,୩୦।୯ (ସୁବାସ ଚନ୍ଦ୍ର ପାଢ଼ୀ)

ପୋଲିସ ଏସ୍ଆଇ ପରୀକ୍ଷା ପୂର୍ବରୁ ଏକ ବଡ଼ ଜାଲିଆତି ଧରାପଡ଼ିଛି। ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ସଂସ୍ଥା ୧୨୦ରୁ ଊର୍ଦ୍ଧ୍ୱ ଚାକିରି ଆଶାୟୀଙ୍କୁ କୋଚିଂ ଦେବା ପାଇଁ ଭୁବନେଶ୍ୱରରୁ ୩ଟି ବସ୍‌ରେ ହାଇଦ୍ରାବାଦ ନେଇଥିବା ସମ୍ପର୍କରେ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଅଭିଯୋଗ ହୋଇଥିଲା। ଚାକିରି ଆଶାୟୀଙ୍କୁ ଗଞ୍ଜାମ ଜିଲା ଦେଇ ନିଆଯାଉଥିବା ଜଣାପଡିବା ପରେ ସେମାନଙ୍କୁ ପିଛା କରିବା ପାଇଁ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ

**ଆମ୍ବପୁଆ ରିଜର୍ଭ ପଡ଼ିଆରେ ୧୨୦ରୁ ଊର୍ଦ୍ଧ୍ୱ ଆଶାୟୀ**

ଏମ୍.ଙ୍କୁ ପୋଲିସ ମୁଖ୍ୟାଳୟରୁ ନିର୍ଦ୍ଦେଶ ଆସିଥିଲା। ପରେ ଏସ୍‌ପି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଉକ୍ତ ବସ୍‌ଗୁଡିକର ପିଛା କରି ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ନିକଟରୁ ଧରିଥିଲେ। ବସ୍‌ଗୁଡିକରୁ ୧୨୦ରୁ ଊର୍ଦ୍ଧ୍ୱଙ୍କୁ ବ୍ରହ୍ମପୁର ଅଣାଯାଇ ଆମ୍ବପୁଆ ପୋଲିସ ରିଜର୍ଭ ପଡ଼ିଆରେ ରଖାଯାଇଛି। ☞ପୃଷ୍ଠା-୪

## ପୋଲିସ ଏସ୍ଆଇ ପରୀକ୍ଷା ସ୍ଥଗିତ

କଟକ,୩୦।୯ (କାର୍ତ୍ତିକ ସାହୁ)

ଓଡ଼ିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ (ଓପିଆର୍‌ବି) ଦ୍ୱାରା ପରିଚାଳିତ ପୋଲିସ ସବ୍‌ଇନ୍‌ସପେକ୍ଟର (ଏସ୍ଆଇ) ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ପରୀକ୍ଷାରେ ଜାଲିଆତି ଉଦ୍ୟମ ହୋଇଥିବା ଅଭିଯୋଗ ହେବା ପରେ ବୋର୍ଡ ପରୀକ୍ଷାକୁ ସ୍ଥଗିତ ରଖିଛି। ଆସନ୍ତା ଅକ୍ଟୋବର ୫ ଓ ୬

**କ୍ରାଇମବ୍ରାଞ୍ଚ ଟିମ୍‌ର ତଦନ୍ତ**

ତାରିଖରେ ଏହି ପରୀକ୍ଷା ହେବାର ଥିଲା। ହେଲେ ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ଆନ୍ଧ୍ରପ୍ରଦେଶର ଏକ ଘରୋଇ ସଂସ୍ଥା ୧୨୦ଜଣ ପରୀକ୍ଷା ଆଶାୟୀଙ୍କୁ ଆନ୍ଧ୍ରପ୍ରଦେଶ ନେଉଥିବା ଖବର ମିଳିବା ପରେ ଆନ୍ଧ୍ରର ଶ୍ରୀକାକୁଲମ୍‌ଠାରେ ପୋଲିସ ପରୀକ୍ଷା ☞ପୃଷ୍ଠା-୪

# ଏଫ୍ଆଇଆଇ ଉଠାଇନେଲେଣି ୨ ଲକ୍ଷ କୋଟି

ମୁମ୍ବାଇ,୩୦।୯


୨୦୨୫ରେ ଭାରତୀୟ ପୁଞ୍ଜି ବଜାରରୁ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍ଆଇଆଇ)ମାନେ ୨ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଉଠାଇସାରିଲେଣି। ସେମାନେ କେବଳ ସେପ୍ଟେମ୍ବର ମାସରେ ୩୩,୦୦୦ କୋଟି ଟଙ୍କାର ଷ୍ଟକ୍ସ ସେଲ୍ କରିଥିବା ଏକ ରିପୋର୍ଟରୁ ଜଣାପଡ଼ିଛି। କ୍ୟାଶ୍ ମାର୍କେଟରେ ଏଥିରୁ ୧୯,୫୫୦ କୋଟିର ସେଲ୍-ଅଫ୍ ଗତ ସପ୍ତାହରେ ଦେଖିବାକୁ ମିଳିଥିଲା। ଘରୋଇ ବଜାର ଆୟରେ ମନ୍ଥରତା ସାଙ୍ଗକୁ ଇକ୍ୱିଟି ମୂଲ୍ୟରେ ଭୋଲାଟିଲିଟି ବୃଦ୍ଧି ପାଉଥିବାବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏ ଦିଗରେ ଆଖିବୁଜିଆ ☞ପୃଷ୍ଠା-୪


## ୧ ଡଲାର=୮୮.୮୮ ଟଙ୍କା


ମୁମ୍ବାଇ,୩୦।୯




ଡଲାର ତୁଳନାରେ ଭାରତୀୟ ମୁଦ୍ରା ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ସେପ୍ଟେମ୍ବର ମାସର ଶେଷ ଦିନ ମଙ୍ଗଳବାର ସେସନ୍‌ରେ ଡଲାର ପିଛା ଟଙ୍କାର ମୂଲ୍ୟରେ ୪ ପଇସା ହ୍ରାସ ପାଇ ୮୮.୮୮ ରହିଥିଲା। ପରେ କାରବାର ଶେଷ ବେଳକୁ ଟଙ୍କା ୮୮.୭୮ରେ ସ୍ଥିର ରହିଥିଲା। ଏହା ପୂର୍ବରୁ ସୋମବାର ଭାରତୀୟ ମୁଦ୍ରା ୮୮.୭୬ ଟଙ୍କାରେ କ୍ଲୋଜ୍ ହୋଇଥିଲା। ଅକ୍ଟୋବରର ଆର୍‌ବିଆଇ ଏମ୍‌ପିସି ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ବୁଧବାର ଘୋଷଣା କରାଯିବାକୁ ଥିବାବେଳେ ଏହାର ଦିନକ ପୂର୍ବରୁ ଟଙ୍କା ପୁନର୍ବାର ଏକ ନୂଆ ଲୋ'କୁ ସ୍ପର୍ଶ କରିବା ଭାରତୀୟ ଅର୍ଥନୀତି ପାଇଁ ଶୁଭଙ୍କର ନୁହେଁ ବୋଲି ବିଶେଷଜ୍ଞମାନେ ☞ପୃଷ୍ଠା-୪




A quality product from
PAN BAHAR
ବିଜୟା ଦଶମୀ
ର ହାର୍ଦ୍ଦିକ ଶୁଭକାମନା
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
TOLL FREE NO.: 1800 257 2258 | www.panbahar.in




# କେନ୍ଦୁଝରରେ ମେଢ଼ ବୁଲିଲେ ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂଜାର୍ଚ୍ଚନା କରୁଛନ୍ତି।

**କେନ୍ଦୁଝର, ୩୦।୯ (ନରେଶ ଚନ୍ଦ୍ର ପଟ୍ଟନାୟକ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଦିନିକିଆ କେନ୍ଦୁଝର ଜିଲା ଗସ୍ତରେ ଆସିଛନ୍ତି। ମଧ୍ୟାହ୍ନରେ ରାଇସୁଆଁ ଏୟାର ଷ୍ଟ୍ରିପ୍‌ରେ ଓହ୍ଲାଇ ସଡ଼କ ପଥରେ ଝୁମ୍ପୁରା ଯାଇଥିଲେ। ଏୟାର ଷ୍ଟ୍ରିପ୍‌ରେ ତାଙ୍କୁ ପ୍ରଶାସନ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଦଳୀୟ କର୍ମୀ, ନେତା ତଥା ଶୁଭେଚ୍ଛୁମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଝୁମ୍ପୁରାରେ ସାର୍ବଜନୀନ ଦୁର୍ଗାପୂଜାରେ ସାମିଲହୋଇ ପୂଜାର୍ଚ୍ଚନା କରିବା ସହ ହୋମଯଜ୍ଞରେ ବସିଥିଲେ। ପରେ ସେ ନିଜ ଗ୍ରାମ ରାଇକଳା ଯାଇ ଲୋକଙ୍କ ସହ ମିଶିଥିଲେ। ସେଠାରେ ଗ୍ରାମବାସୀ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ସେଠାରୁ କେନ୍ଦୁଝର ଆସି ପ୍ରଥମେ ପୁରୁଣା ବଜାର, ରାସପୂଜା ମାର୍କେଟ, ଜଗନ୍ନାଥପୁର ସାହି ପୂଜାମଣ୍ଡପ ବୁଲିଥିଲେ। ପୂଜା କମିଟି ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସେଠାରୁ ସର୍କିଟ ହାଉସ୍ ଯାଇ ବିଶ୍ରାମ ନେବା ସହ ରାତିରେ ସ୍ଥାନୀୟ ଗୁଜରାଟୀ ସମାଜରେ ଅନୁଷ୍ଠିତ ଦାଣ୍ଡିଆ ନୃତ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ବାହୁଦାରେ ଭାସିଯାଇ ୩ ମୃତ, ଜଣେ ଗୁରୁତର

## ମନ୍ଦିରରେ ପ୍ରସାଦ ଖାଇ ଫେରୁଥିଲେ ମା'ଝିଅ, ନାତିନାତୁଣୀ

**ଦିଗପହଣ୍ଡି,୩୦।୯ (ଅଶେଷ ନାଥ ମିଶ୍ର)**

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଗଡ଼ ଗୋବିନ୍ଦପୁର ପଞ୍ଚାୟତ କଳିଙ୍ଗଦଳା ଗାଁ ନିକଟ ବାହୁଦା ନଦୀରେ ଭାସିଯାଇ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟାରେ ଏହି ଅଘଟଣ ଘଟିଛି। ମୃତକମାନେ ହେଲେ କଳିଙ୍ଗଦଳା ଗାଁର ଉଷା ବେହେରା(୫୫) ତାଙ୍କ ଝିଅ ଅନସୂୟା ବେହେରା(୩୧), ନାତି ଆଦିତ୍ୟ ବେହେରା(୪)। ଉଷାଙ୍କ ୩ ବର୍ଷୀୟା ନାତୁଣୀ ମଲ୍ଲୀ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଜକର ପଞ୍ଚାୟତ କେ. ନୂଆଗାଁ ଥାନା ନିକଟ ମା' ରତ୍ନେଶ୍ୱରୀଙ୍କ ମନ୍ଦିରରେ ମହାଷ୍ଟମୀ ପୂଜା ଦେଖିବାକୁ ଉଷା, ତାଙ୍କ ଝିଅ ଓ ନାତିନାତୁଣୀଙ୍କୁ ଧରି ଆସିଥିଲେ। କଳିଙ୍ଗଦଳା ନିକଟ ଦେଇ ଯାଇଥିବା ବାହୁଦା ନଦୀରେ ଅଳ୍ପ ପାଣି ଥିବାରୁ ସେମାନେ ହାତ ଧରାଧରି ହୋଇ ନଦୀ ପାର ହୋଇ ମନ୍ଦିରକୁ ଆସିଥିଲେ। ମନ୍ଦିରରେ ପ୍ରସାଦ ସେବନ କରି ସେମାନେ ଅପରାହ୍ନରେ ପୁଣି ସେହି ନଦୀ ପାର ହେଉଥିବା ବେଳେ ଅସାବଧାନତାରୁ ପାଣି ସ୍ରୋତରେ ଭାସି ଯାଇଥିଲେ। ନଦୀ ତଟରେ ଥିବା କେତେଜଣ ବ୍ୟକ୍ତି ସମସ୍ତଙ୍କୁ ଉଦ୍ଧାର କରି ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଉଷା, ଅନସୂୟା ଓ ଆଦିତ୍ୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମଲ୍ଲୀଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ କେ.ନୂଆଗାଁ ଥାନା ଚିକିଟି ଫାଣ୍ଡି ଏସ୍‌ଆଇ ଗୌତମ ସାହୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛନ୍ତି। ସୂଚନାଯୋଗ୍ୟ, ଅନସୂୟା ଦିଗପହଣ୍ଡି ବ୍ଲକ ଭ୍ରମରପୁର ଗ୍ରାମ ବଡ଼ଦାଣ୍ଡ ସାହିର ଧୋବା ବେହେରାଙ୍କୁ ବିବାହ କରିଛନ୍ତି। ସେ ପିଲାମାନଙ୍କୁ ଧରି ବାପଘରକୁ ବୁଲି ଆସିଥିଲେ।



କଳିଙ୍ଗଦଳା ଗାଁ ନିକଟ ବାହୁଦା ନଦୀ

# ୪ ଦିନ ଯାଏ ପ୍ରବଳ ବର୍ଷିବ


## ରାଇକିଆରେ ହୋଇଛି ସର୍ବାଧିକ ୪୧.୬ ମି.ମି. ବର୍ଷା

**ଭୁବନେଶ୍ୱର, ୩୦।୯ (ବନ୍ଦନା ସେଠୀ)**

ବର୍ଷାରେ ଭିଜିବ ଦଶହରା। ଲଘୁଚାପ ପ୍ରଭାବରେ ଆସନ୍ତା ୪ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହା ଅକ୍ଟୋବର ୨ତାରିଖ ବେଳକୁ ପଶ୍ଚିମ-କେନ୍ଦ୍ରୀୟ ଏବଂ ପାର୍ଶ୍ୱବର୍ତ୍ତୀ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଅବପାତରେ ପରିଣତ ହେବା ନେଇ ସମ୍ଭାବନା ରହିଛି। ଏହାର ପ୍ରଭାବରେ ବୁଧବାରଠାରୁ ବର୍ଷା ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ପାଣିପାଗ ବିଜ୍ଞାନୀ ସଞ୍ଜୀବ ଦ୍ୱିବେଦୀ ସୂଚନା ଦେଇଛନ୍ତି। ରାଜ୍ୟର ଉତ୍ତର ଆଭ୍ୟନ୍ତରୀଣ ସହ ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ ପୂର୍ଣ୍ଣବଳୟ ଲଘୁଚାପ ପ୍ରଭାବରେ ଆସନ୍ତା ୨୪ଘଣ୍ଟାରେ ବିଭିନ୍ନ ଜିଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ବିଶେଷକରି ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ରାୟଗଡ଼ା, କଳାହାଣ୍ଡି, ଗଜପତି ଓ ଗଞ୍ଜାମ ଆଦି ୮ଟି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ଲଘୁଚାପ ସୃଷ୍ଟି ହେବା ପରେ ୨ତାରିଖରୁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ୫ ଜିଲା ଯଥା-ମାଲକାନଗିରି, କୋରାପୁଟ, ରାୟଗଡ଼ା ସହ କନ୍ଧମାଳ ଓ ଗଜପତି ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରିଛି ପାଣିପାଗ ବିଜ୍ଞାନ କେନ୍ଦ୍ର। ଏଥିସହ ବିଜୁଳି ଘଡ଼ଘଡ଼ି ଏବଂ ୪୦ରୁ ୫୦ କିଲୋମିଟର ପ୍ରତି ଘଣ୍ଟା ବେଗରେ ପବନ ବହିବାର ସମ୍ଭାବନା ନେଇ ପାଣିପାଗ ବିଜ୍ଞାନ କେନ୍ଦ୍ର ଆକଳନ କରିଛି। ଅପରପକ୍ଷେ ଗତ ୨୪ ଘଣ୍ଟାରେ କେତେକ ସ୍ଥାନରେ ହାଲୁକାରୁ ମାଧ୍ୟମ ଧରଣର ବର୍ଷା ହୋଇଥିବାବେଳେ କନ୍ଧମାଳର ରାଇକିଆରେ ସର୍ବାଧିକ ୪୧.୬ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

ଧରିତ୍ରୀ DHARITRI Oriya daily
ଧରିତ୍ରୀ 51 Years
WANTED
Full Stack Developer (PHP | WordPress | Databases | Cloud | Android | iOS)
- Should be proficient in developing WordPress themes/plugins, PHP coding, database management, server setup, cloud environments, and mobile app development for Android and iOS.
- Experience should include PHP, WordPress, MySQL/PostgreSQL, server tech, cloud platforms (AWS/Azure/Google Cloud), front-end tech (HTML5/CSS3/JavaScript), and mobile development (Android & iOS).
- Modern JavaScript frameworks (React/Vue.js), containerization (Docker), AI is an added skill.
- Minimum 3 years+ experience will be preferred.

Interested candidates can send their resume to
recruitment@dharitri.com / recruitment.dharitri52@gmail.com






# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ମହାନବମୀ ପୂଜା, ସ୍ଥାନ: ବୀର ସୁରେନ୍ଦ୍ର ସାଏ ନଗର, ସମୟ: ସକାଳ ୮ଟା।
- ରେସିଡେଣ୍ଟସ୍ ୱେଲ୍‌ଫେୟାର ଆସୋସିଏଶନ୍ ପକ୍ଷରୁ ସାର୍ବଜନୀନ ଶାରଦୀୟ ଦୁର୍ଗା ମହାନବମୀ ପୂଜା, ସ୍ଥାନ: ଶୈଳଶ୍ରୀ ବିହାର, ଫେଜ୍ ୭, ସମୟ: ସକାଳ ୭ଟା ୩୦।
- ୭୦ତମ ଦୁର୍ଗାପୂଜା ମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ଷ୍ଟେଶନ୍ ବଜାର ପୂଜା ମଣ୍ଡପ, ସମୟ: ସକାଳ ୮ଟା।
- ଖାରପଡ଼ା ଦୁର୍ଗାପୂଜା ସମିତି ପକ୍ଷରୁ ମହାନବମୀ ପୂଜା, ସ୍ଥାନ: ଖାରପଡ଼ା ମେଲଣ ପଡ଼ିଆ, ସମୟ: ସକାଳ ୯ଟା ୩୭।
- ନୃତ୍ୟ ନୈବେଦ୍ୟ ଓଡ଼ିଶୀ ଉତ୍ସବ ୨୦୨୫, ସ୍ଥାନ: ଭଞ୍ଜ କଳାମଣ୍ଡପ, ସମୟ: ଅପରାହ୍ନ ୪ଟା।
- ବମିଖାଲ ଦୁର୍ଗାପୂଜା ସମିତି ପକ୍ଷରୁ ମହାନବମୀ ପୂଜା, ସ୍ଥାନ: ବମିଖାଲ ଦୁର୍ଗାପୂଜା ମଣ୍ଡପ, ସମୟ: ଅପରାହ୍ନ ୫ଟା।

**ବାଲେଶ୍ୱର**
- ପଥ ସଞ୍ଚାଳନ କାର୍ଯ୍ୟକ୍ରମ, ସ୍ଥାନ: ଏସ୍‌ଏନ୍ ହାଇସ୍କୁଲ ନିକଟ ଖେଳପଡ଼ିଆ, ବସ୍ତା, ସମୟ: ସକାଳ ୯ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଜିଲା ରକ୍ତଭଣ୍ଡାର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ତାଲିମ ପ୍ରକୋଷ୍ଠ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ତର୍ଜାତିକ ଜରା ଦିବସ, ସ୍ଥାନ: କପିଳମୁନି ବୃଦ୍ଧାଶ୍ରମ, ବାଲିଆ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ବୈଦିକ ଭଜନ ଓ ପ୍ରବଚନ, ସ୍ଥାନ: ପରିଖି ଫାଣ୍ଡିଛକ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ବିରାଟ ରାବଣ ପୋଡ଼ି ସମାରୋହ, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ଦୁର୍ଗା ନବମୀରେ ଭଜନ ସମାରୋହ, ସ୍ଥାନ: ଗଡ଼ପଦା କନକଦୁର୍ଗାଙ୍କ ପୀଠ, ରୂପସା, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

**ଭଦ୍ରକ**
- ମହାନବମୀ ପୂଜା, ସ୍ଥାନ: ଗାନ୍ଧୀପଡ଼ିଆ ମଣ୍ଡପ, ଭଦ୍ରକ, ସମୟ: ପ୍ରାତଃ ୫ଟା ୩୯।
- ମହାନବମୀ ପୂଜା, ସ୍ଥାନ: ପ୍ରାଚୀନଗର, ବଙ୍କବାସୁଳୀ ମନ୍ଦିର, ରାଜଘାଟ, ମାଧବନଗର, ବିଶାଣିଖରିଦା, ଭଦ୍ରକ, ସମୟ: ସକାଳ ୮ଟା।
- ମା' ଦୁର୍ଗାଙ୍କ ନବମୀ ପୂଜା, ସ୍ଥାନ: ଥାନାହାଟ ପୂଜା ମଣ୍ଡପ, ବାସୁଦେବପୁର, ସମୟ: ସକାଳ ୮ଟା।
- ମା' ଦୁର୍ଗାଙ୍କ ନବମୀ ପୂଜା, ସ୍ଥାନ: ବିଦ୍ୟୁତ୍ ମାର୍ଗ ପୂଜା ମଣ୍ଡପ, ତୃପ୍ତି ମହିଳା ମହାବିଦ୍ୟାଳୟ ସାମ୍ନା, ବାସୁଦେବପୁର, ସମୟ: ସକାଳ ୮ଟା।
- ନବମୀ ପୂଜା, ସ୍ଥାନ: ସାର୍ବଜନୀନ ଦୁର୍ଗାପୂଜା ମଣ୍ଡପ, ବାଲିନଗର ଛକ, ବାସୁଦେବପୁର, ସମୟ: ସକାଳ ୮ଟା।
- ସାର୍ବଜନୀନ ନବମୀ ପୂଜା, ସ୍ଥାନ: ସାବରଙ୍ଗ, ପାଟଣା ମିଶ୍ରପୁର, ଗୋବିନ୍ଦପୁର, ବିଦେଇପୁର, ପଦ୍ମପୁର, ଏଡ଼ତାଳ, କରଞ୍ଜଆଡ଼ିଆ, ନାୟକାଣିଡିହୀ, ବେତଡ଼ା, ବ୍ରାହ୍ମଣଗାଁ, ଲକ୍ଷ୍ମୀଦାସପୁର, ବାସୁଦେବପୁର, ସମୟ: ସକାଳ ୮ଟା।

**କେନ୍ଦୁଝର**
- ମା' ମଙ୍ଗଳାଙ୍କ ମନ୍ଦିରରେ ଦଶମୀ ପୂଜା ଓ ଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: ଯୋଡ଼ା, ସମୟ: ସକାଳ ୬ଟା।
- ସ୍ୱତନ୍ତ୍ର ଗୁଜୁରାଟି ପାରମ୍ପରିକ ଗରବା ନୃତ୍ୟ,ସ୍ଥାନ: ଗୁଜରାଟୀ ସନାତନ ସମାଜ,ସମୟ: ରାତି ୧୧ଟା।

**ମୟୂରଭଞ୍ଜ**
- ଫୁଟ୍‌ବଲ ଟୁର୍ଣ୍ଣାମେଟ ଉଦ୍‌ଘାଟନୀ, ସ୍ଥାନ: ପାଟଶାଣୀପୁର ଖେଳ ପଡ଼ିଆ, ଉଦଳା, ସମୟ: ପୂର୍ବାହ୍ନ ୧୧ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ସଙ୍ଗୀତ ସୁରଭି, ସ୍ଥାନ: ତାଳପଦା ଦୁର୍ଗାପୂଜା ମଣ୍ଡପ, ବଡ଼ସାହି,ସମୟ: ସନ୍ଧ୍ୟା ୭ଟା।
- ଭଜନ ସନ୍ଧ୍ୟା,ସ୍ଥାନ: ତୁଳସୀଚଉରା ଦୁର୍ଗାପୂଜା ମଣ୍ଡପ, ବାରିପଦା,ସମୟ: ସନ୍ଧ୍ୟା ୭ଟା।

**କେନ୍ଦ୍ରାପଡ଼ା**
- ମା' ଦୁର୍ଗାଙ୍କ ମହାସରସ୍ୱତୀ ବେଶ, ସ୍ଥାନ: ଦୁର୍ଗା ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୫ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ତରାସ, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବର୍ଷର ଉଦ୍‌ଘାଟନୀ ଉତ୍ସବ ଓ ପଥ ସଞ୍ଚାଳନ, ସ୍ଥାନ: ବ୍ଲକ ପଡିଆ, ମହାକାଳପଡ଼ା, ସମୟ: ଅପରାହ୍ନ ୩ଟା।

**ଯାଜପୁର**
- ଧର୍ମଶାଳା ପୂଜା ମହୋତ୍ସବ କମିଟି ପକ୍ଷରୁ ପ୍ରଜ୍ଞା ହୋତାଙ୍କ ମେଲୋଡି ଓ ଦାଣ୍ଡିଆ ନୃତ୍ୟ, ସ୍ଥାନ : ଧର୍ମଶାଳା ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ମା' ବିରଜା ମନ୍ଦିରରେ ଦଶମୀ ବିହିତ ପୂଜା, ଘଟ ବିସର୍ଜନ, ରଥ ବିସର୍ଜନ ଓ ସେବାୟତଙ୍କ ମଙ୍ଗଳାର୍ପଣ କର୍ମ, ସ୍ଥାନ: ବିରଜା ମନ୍ଦିର ପରିସର, ସମୟ : ସନ୍ଧ୍ୟା ୭ଟା।

**ନୟାଗଡ଼**
- ମା' ଭାନୁମତୀଙ୍କ ବାର୍ଷିକ ଉତ୍ସବ ଉଦ୍‌ଯାପନ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଘଣ୍ଟାଶାଳିଆ ନିକଟସ୍ଥ ହଟିଆପଲ୍ଲୀ, ସମୟ: ସକାଳ ୭ଟା।
- ତ୍ରିଦିନାତ୍ମକ ପାର୍ବଣ ତୃତୀୟ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ ପୁରୁଣା ସହର ରାଜବାଟି ପାଖ, ସମୟ: ସକାଳ ୭ଟା।
- ବିଶ୍ୱଶାନ୍ତି ମହଯଜ୍ଞର ୪ର୍ଥ ଦିବସ, ସ୍ଥାନ: କଣ୍ଟିଲୋ ପାଣ୍ଡୁସାହୁ ପାଟଣା, ସମୟ: ସକାଳ ୮ଟା।
- ୩୭ତମ ବାର୍ଷିକ ଚାଲେଞ୍ଜ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସରେ ବିବିଏ ବାଙ୍କୀ ବନାମ ଆୟୋଜକ ବନମାଳୀପୁର କ୍ରିକେଟ ଟିମ୍, ସ୍ଥାନ:ଖଣ୍ଡପଡା ବ୍ଲକ ବନମାଳିପୁର ହାଇସ୍କୁଲ ପଡିଆ, ସମୟ:ପୂର୍ବାହ୍ନ ୧୧ଟା।
- ୬୪ ତମ ସାର୍ବଜନିନ ଦୁର୍ଗାପୂଜାର ନବମୀରେ ନାଟକ କାଳିଆ ସାଜିବ ନବକଳେବର, ସ୍ଥାନ: ନୟାଗଡ ପଠାଣି ସାମନ୍ତ ଅଡିଟୋରିୟମ୍ ପରିସରସ୍ଥ ଦୁର୍ଗା ମଣ୍ଡପ ସମ୍ମୁଖ, ସମୟ: ଅପରାହ୍ନ ୨ଟାରୁ ରାତି ୧୦ଟା।
- ୬୪ ତମ ସାର୍ବଜନିନ ଦୁର୍ଗାପୂଜାର ନବମୀ ପୂଜା, ସ୍ଥାନ:ନୟାଗଡ ପଠାଣି ସାମନ୍ତ ଅଡିଟୋରିୟମ୍ ପରିସରସ୍ଥ ଦୁର୍ଗା ମଣ୍ଡପ, ସମୟ: ଅପରାହ୍ନ ୫ଟା ୪୨।

**ନବରଙ୍ଗପୁର**
- ଆଦିବାସୀଙ୍କ ପାରମ୍ପରିକ ଦଶହରା ପାଳନ, ସ୍ଥାନ: ଡାବୁଗାଁ ବ୍ଲକ ସଦରମହକୁମା ଭୈରବ ମନ୍ଦିର, ସମୟ: ଅପରାହ୍ନ ୪ଟା।

**କୋରାପୁଟ**
- ମା' ବିମଳାଙ୍କ ନବମୀ ପୂଜା, ସ୍ଥାନ: ଶାବର ଶ୍ରୀକ୍ଷେତ୍ର, କୋରାପୁଟ, ସମୟ: ସକାଳ ୮ଟା।
- ବିଏସ୍‌ଏଫ୍ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବିଏସଏଫ ମୁଖ୍ୟ କ୍ୟାମ୍ପ, ହେଲିପେଡ, ଓଏମପି, କୋରାପୁଟ, ସମୟ: ସକାଳ ୯ଟା।
- ବରିଷ୍ଠ ନାଗରିକ ଦିବସ ପାଳନ, ସ୍ଥାନ: ବରିଷ୍ଠ ନାଗରିକ କାର୍ଯ୍ୟାଳୟ ପରିସର, ସୁନାବେଡା-୧, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ରକ୍ତଦାତା ଫୋରମର ରକ୍ତଦାନ ଶିବିର, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୦ଟା।
- ନନ୍ଦପୁରର ପୀଠ ପ୍ରତୀକ ଝଣ୍ଡା ଯାତ୍ରା, ସ୍ଥାନ: ନନ୍ଦପୁର ରାଜଦାଣ୍ଡ ଓ ଦଶହରା ଭଟା, ସମୟ: ପୂର୍ବାହ୍ନ ୧୧ଟା।

**ସମ୍ବଲପୁର**
- ଯୋଗ ପରିବାର ପକ୍ଷରୁ ନିଶୁଳ୍କ ଯୋଗ ଶିବିର, ସ୍ଥାନ: ଜେଲଛକ ନିକଟସ୍ଥ ହାୱା ମଇଦାନ, ସମୟ:ସକାଳ ୫ଟା ୩୦।
- ଚାଉଁରପୁର ସ୍ଥିତ ଆଦି ସମଲେଇ ପୀଠରେ ବାଡିଖେଲ, ସ୍ଥାନ:ଚାଉଁରପୁର , ସମୟ: ସନ୍ଧ୍ୟା ୬ଟା।
- ମା' ମଙ୍ଗଳାଙ୍କ ପୀଠରେ ନବକନ୍ୟା ପୂଜା, ସ୍ଥାନ: ଭୂତାପଡା ମା' ମଙ୍ଗଳା ମନ୍ଦିର, ସମୟ:ସକାଳ ୯ ଟା।
- ଶ୍ରୀରାମ ବିଜୟା ନବମୀ ମହୋତ୍ସବ, ସ୍ଥାନ: ଅଇଁଠାପାଲି ବୀର୍ସାମୁଣ୍ଡା ମଇଦାନ, ସମୟ:ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ଦୁର୍ଗା ମଣ୍ଡପରେ ସିଦ୍ଧିଦାତ୍ରୀ ପୂଜା ଓ ନବକୁମାରୀ ପୂଜା, ସ୍ଥାନ: ରୁଗୁଡିପଡା, ପିପି ଏକାଡେମୀ, ଟିକ୍ରାପଡ଼ା, ଠିକାଦାରପଡ଼ା, ଗାନ୍ଧୀନଗର ପଡ଼ା, ଶାନ୍ତିପଡ଼ା, ରାଜେନ୍ଦ୍ରପଡ଼ା, ତୁଳସୀନଗର, ତାଲପାଲିପଡା, ରାଧାରାଣୀପଡା, ଜଗନ୍ନାଥପଡା, କଲେଜଛକ, ପୁରୁଣା ରାଜବାଟି, କ୍ଲବପଡା, ମଙ୍ଗଳା ମନ୍ଦିର, ବଲାଙ୍ଗୀର, ସମୟ: ଅପରାହ୍ନ ୧ଟା

**ରାଉରକେଲା**
- ନବରାତ୍ରି ପୂଜା ଓ କନ୍ୟାପୂଜନ, ସ୍ଥାନ: ଜଗଦା ମା' ବାଟ ମଙ୍ଗଳା ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ବିଭିନ୍ନ ମଣ୍ଡପରେ ନବମୀ ପୂଜା, ସ୍ଥାନ: ସେକ୍ଟର-୨ ସମେତ ଅନ୍ୟ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

**ବରଗଡ଼**
- ସୁପ୍ରିୟା ସ୍ମାରକୀ ଫୁଟବଲ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ: ଅପରାହ୍ନ ୨ଟା।
- ତିହାର୍ ଲୋକ ମହୋତ୍ସବ,ସ୍ଥାନ:ତିହାର ମଣ୍ଡପ, ଅତାବିରା, ସମୟ: ରାତି ୮ଟା।

**କଳାହାଣ୍ଡି**
- ମା'ମାଣିକେଶ୍ୱରୀଙ୍କ ବିଶ୍ରାମ ପୂଜା, ସ୍ଥାନ: ଭବାନୀପାଟଣା ମା'ମାଣିକେଶ୍ୱରୀଙ୍କ ମନ୍ଦିର, ସମୟ: ସକାଳ ୮ଟା।

**ବୌଦ୍ଧ**
- ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ, ସ୍ଥାନ: ଜିଲା ତାଲିମ କେନ୍ଦ୍ର, ବୌଦ୍ଧ, ସମୟ: ସକାଳ ୯ଟା ୩୦।

**ସୁବର୍ଣ୍ଣପୁର**
- ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ମହିଷାସୁର ମର୍ଦ୍ଦିନୀ ବେଶ, ସ୍ଥାନ: ମନ୍ଦିର ପରିସର, ସମୟ:ସକାଳ ୮ଟା ୩୦।
- ମହାନବମୀ ପୂଜା, ସ୍ଥାନ: ଅମରପାଲି ଦୁର୍ଗା ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ବଶିଷ୍ଠ ଓ ସୁଧାଂଶୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସ, ସ୍ଥାନ: ଲୁଥୁରପଙ୍କ ହାଇସ୍କୁଲ ପଡ଼ିଆ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ମା' ଦୁର୍ଗାଙ୍କ ମହାନବମୀ ପୂଜା, ସ୍ଥାନ: ଖଣ୍ଡହତା, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ସନ୍ଧ୍ୟା ଆଳତି, ସ୍ଥାନ: ଲୁଥୁରପଙ୍କ ଦୁର୍ଗା ମେଢ଼, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ସୁବର୍ଣ୍ଣପୁର ସହର ମହାନଦୀର ତେନ୍ତୁଳିଘାଟରେ ମା' ଲଙ୍କେଶ୍ୱରୀଙ୍କ ମହାଆଳତି, ସ୍ଥାନ: ବଡବଜାର ତେନ୍ତୁଳିଘାଟ, ସମୟ: ସନ୍ଧ୍ୟା ୭ଟା ୩୦।

**ନୂଆପଡ଼ା**
- ନବରାତ୍ର ଦୁର୍ଗା ପୂଜାରେ ପ୍ରାତଃ ଓ ସନ୍ଧ୍ୟା ଆଳତି, ସ୍ଥାନ: ତେଲିପଡା ଛକ ନୂଆପଡା, ସମୟ: ପ୍ରାତଃ ୬ଟା ଓ ସନ୍ଧ୍ୟା ୭ଟା।
- ଶ୍ରୀ ଦୁର୍ଗା ମନ୍ଦିରରେ ଅଖଣ୍ଡ ଦୀପ ପ୍ରଜ୍ୱଳନ, ସ୍ଥାନ: ବୋଡେନ ବ୍ଲକ ରାମତୀର୍ଥ ପାତାଳ ଗଙ୍ଗା, ସମୟ: ସକାଳ ୭ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ପଞ୍ଚଦଶ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୧ଟା।
- ନବରାତ୍ର ଦୁର୍ଗାପୂଜା ଉପଲକ୍ଷେ ଭଣ୍ଡାରା, ସ୍ଥାନ: ସାପ୍ତାହିକ ବଜାର ପଡିଆ ତରବୋଡ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ସାର୍ବଜନୀନ ଦୁର୍ଗାପୂଜା ଉପଲକ୍ଷେ ଭଣ୍ଡାରା, ସ୍ଥାନ: ଦୈନିକ ବଜାର ପଡିଆ ଦୁର୍ଗାମଣ୍ଡପ ନୂଆପଡା, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଶାରଦୀୟ ନବରାତ୍ର ଦୁର୍ଗା ପୂଜାରେ ମାତା ସିଦ୍ଧିରାତ୍ରୀ, ନବ କୁମାରୀ ପୂଜା, ସ୍ଥାନ: କୋମନା ବ୍ଲକ ତରବୋଡ ସପ୍ତାହିକ ବଜାର ପଡିଆ, ସମୟ: ସନ୍ଧ୍ୟା ୬ଟା ୩୧।
- ଜୟହିନ୍ଦ ଯୁବକ ସଂଘ ପକ୍ଷରୁ ନବଦୁର୍ଗା ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବୋଡେନ ବ୍ଲକ ବିରେଶକେଲା ଗାଁ, ସମୟ: ରାତି ୯ଟା ୩୦।

# ୨୬.୮୨ ଲକ୍ଷ ଚାଷୀ ନେଲେଣି ୨୧,୭୧୦ କୋଟିର ଶସ୍ୟରଣ

ଭୁବନେଶ୍ୱର,୩୦।୯(ରବିନାରାୟଣ ଜେନା)

ଚଳିତବର୍ଷ ଖରିଫ୍ ଋତୁ ଲାଗି ରାଜ୍ୟରେ ୨୬ ଲକ୍ଷ ୮୨ ହଜାର ୧୯୨ ଚାଷୀଙ୍କୁ ୨୧ ହଜାର ୭୧୦ କୋଟି ୯୦ ଲକ୍ଷ ଟଙ୍କାର ଶସ୍ୟରଣ ପ୍ରଦାନ କରାଯାଇଛି ବୋଲି କୃଷି ବିଭାଗ ସମୀକ୍ଷା ବୈଠକରୁ ଜଣାପଡ଼ିଛି।

ବୈଠକର ସୂଚନା ଅନୁଯାୟୀ, ସେପ୍ଟେମ୍ବର ୧୫ ସୁଦ୍ଧା ୨୨ ଲକ୍ଷ ୬୧ ହଜାର ୨୧୮ ଚାଷୀଙ୍କ ଫସଲ ବୀମାଭୁକ୍ତ ହୋଇଛି। ସମ୍ପୃକ୍ତ ଚାଷୀଙ୍କ ୧୪ ଲକ୍ଷ ୭ ହଜାର ୩୫ ହେକ୍ଟର ଚାଷଜମି ପ୍ରଧାନମନ୍ତ୍ରୀ ଫସଲବୀମାଭୁକ୍ତ ହୋଇଛି। ସେହିପରି ରାଜ୍ୟରେ ଚଳିତ ଖରିଫ୍‌ଋତୁ ଲାଗି ୫୩.୮୬ ଲକ୍ଷ ହେକ୍ଟରରେ ଧାନଫସଲ ହୋଇଛି। ଚଳିତବର୍ଷ ରାଜ୍ୟ ସରକାର ୫୮.୫୦ ଲକ୍ଷ ହେକ୍ଟରରେ ଧାନଫସଲ କରିବା ପାଇଁ ଲକ୍ଷ୍ୟ ରଖିଥିବାବେଳେ ୯୨.୦୭ ପ୍ରତିଶତ ଲକ୍ଷ୍ୟଧାର୍ଯ୍ୟ ପୂରଣ ହୋଇଛି।

ସେହିପରି ୨ ଲକ୍ଷ ୪୭ ହଜାର ୫୦୦ ହେକ୍ଟରରେ ମାଣ୍ଡିଆ ଚାଷ ହୋଇଥିବାବେଳେ ୨ ଲକ୍ଷ ୪୯ ହଜାର ୬୭୦ ହେକ୍ଟରରେ ମକା, ୨ ଲକ୍ଷ ୩୭ ହଜାର ୮୩୦ ହେକ୍ଟରରେ କପା, ୪ ଲକ୍ଷ ୭୮ ହଜାର ୯୦୦ ହେକ୍ଟରରେ ଡାଲିଜାତୀୟ ଏବଂ ୧ ଲକ୍ଷ ୫୧ ହଜାର ୬୭୦ ହେକ୍ଟରରେ ତୈଳବୀଜ ଏବଂ ୩ ଲକ୍ଷ ୫୭ ହଜାର ୯୧୦ ହେକ୍ଟର ଜମିରେ ପନିପରିବା ଚାଷ ହୋଇଛି। ଗତବର୍ଷ ଏହି ଅବଧି ମଧ୍ୟରେ ୩ ଲକ୍ଷ ୯୨ ହଜାର ୧୦୬ କୁଇଣ୍ଟାଲ ଧାନବିହନ ଯୋଗାଇ ଦିଆଯାଇଥିବାବେଳେ ଚଳିତବର୍ଷ ୪ ଲକ୍ଷ ୬୯୨ କୁଇଣ୍ଟାଲ ଧାନବିହନ ଚାଷୀଙ୍କୁ ଯୋଗାଇ ଦିଆଯାଇଥିବା ବୈଠକରୁ ଜଣାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅନ୍ଧ ଦେଶକୁ ଗଲି ଦର୍ପଣ ବିକି**
**କନ୍ଧ ହସ୍ତରେ ଦେଲି ଗୋଦାନ ଟେକି,**
**ଜଡ଼ା ମଧୁରେ କଲି ଖଡା ରନ୍ଧନ**
**କାମୁଡ଼ା ଘୋଡା ମୁଖେ ଦେଲି ଚୁମ୍ବନ,**
**ହେ ରାଜା! କି କଲ?**
**ବିଷ୍ଣୁ ପ୍ରତିମାକୁ ତଳେ ଥୋଇଲ।**

ଅଯୋଗ୍ୟକୁ ଯୋଗ୍ୟ ଆସନରେ ବସାଇବା ଅର୍ଥ ଯୋଗ୍ୟତାର ପଦକୁ ଅମର୍ଯ୍ୟାଦା କରିବା ସଙ୍ଗେ ସମାନ। ଅଯୋଗ୍ୟ ଯେତେ ଗର୍ବ ବହିଲେ ମଧ୍ୟ ତାକୁ ଯୋଗ୍ୟ ପଦରେ ବସାଇଲେ ଉପହସିତ ହେବା ହିଁ ସାର ହୋଇଥାଏ। ସେହିପରି ଯୋଗ୍ୟକୁ ଅନୁପଯୁକ୍ତ ଆସନରେ ବସାଇଲେ ଯୋଗ୍ୟତାକୁ ଅସମ୍ମାନ କରାହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଅବାଣି କାଟଇ ଝୋଟ**
**ଠାଏ ସରୁ ଠାଏ ମୋଟା**

ବାଣି ବା ସୂତା ଯିଏ କାଟି ଜାଣି ନ ଥାଏ ତା' ଦ୍ୱାରା ସୂତା କାଟିବା କାର୍ଯ୍ୟଟି କେବେହେଲେ ଠିକ୍ ସେ ହୋଇପାରି ନ ଥାଏ। ତେଣୁ କୌଣସି କାମ ନ ଜାଣି ସେଭଳି କାମରେ ହାତ ଦେଲେ କେବଳ ବିଫଳତା ହିଁ ମିଳିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଏଫ୍‌ଆଇଆଇ ଉଠାଇନେଲେଣି...

ପଦକ୍ଷେପ ନ ନେବା ପୁଞ୍ଜିବଜାରକୁ ନିମ୍ନଗାମୀ କରାଉଥିବା କୁହାଯାଉଛି। ଗତ ୨ଟି ତ୍ରୈମାସିକରେ ଭାରତୀୟ କମ୍ପାନୀଗୁଡ଼ିକର ଆୟ ହ୍ରାସ ପାଇଥିବାବେଳେ ବଜାର ଉପରୁ ଏଫ୍‌ଆଇଆଇଙ୍କ ଆସ୍ଥା ତୁଟିଯାଇଛି। ଆମେରିକା ପକ୍ଷରୁ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୫୦% ଆମଦାନୀ ଶୁଳ୍କ ଏବଂ ଏଚ୍-୧ବି ଭିଜା ଫି' ୧ ଲକ୍ଷ ଡଲାରକୁ ବୃଦ୍ଧି କରାଯିବା ପରେ ମାର୍କେଟ ସେଣ୍ଟିମେଣ୍ଟ ଆହୁରି ଖରାପ ହୋଇଯାଇଛି। ଏଭଳି ସ୍ଥିତିରେ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ଲଗାତର ହ୍ରାସ ପାଇ ପ୍ରତ୍ୟହ ନୂଆ ରେକର୍ଡ ଭାଙ୍ଗୁଛି। ଭାରତୀୟ ଶେୟାର ବଜାର ମଙ୍ଗଳବାର କ୍ରମାଗତ ଅଷ୍ଟମ ଦିନ ଧରି ତଳକୁ ଖସିଛି। ବିଭିନ୍ନ ଦେଶରେ ଭୂରାଜନୈତିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ବିଶ୍ୱର ଅନ୍ୟ ମାର୍କେଟ ଓ ଏସୀୟ ବଜାରଗୁଡ଼ିକରେ ଉତ୍‌ଥାନ ପତନ ଦେଖିବାକୁ ମିଳୁଛି। କିନ୍ତୁ ଭାରତୀୟ ପୁଞ୍ଜି ବଜାର ଉଠିପାରୁନାହିଁ। ଇତିମଧ୍ୟରେ କେନ୍ଦ୍ର ସରକାର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)ରେ ଆଣିଥିବା ସଂସ୍କାର ମଧ୍ୟ ବଜାର ପାଇଁ ସହାୟକ ହୋଇନାହିଁ। ସେପ୍ଟେମ୍ବର ୨୯ରୁ ଚାଲିଥିବା ଆର୍‌ବିଆଇର ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକ ବୁଧବାର ଶେଷ ହେବ, ଯାହାର ନିଷ୍କର୍ଷ ପୂର୍ବାହ୍ନରେ ବାହାରିବ। ଏଥର ମଧ୍ୟ କେନ୍ଦ୍ରୀୟ ବ୍ୟାଙ୍କ ରେପୋ ରେଟ୍ ହ୍ରାସ କରି ନ ପାରେ ବୋଲି ଅଧିକାଂଶ ଅର୍ଥନୀତିଜ୍ଞ ମନେକରୁଛନ୍ତି। ଏପରି ହେଲେ ଆଗକୁ ଶେୟାର ମାର୍କେଟ ଆହୁରି ଖସିବା ଆଶଙ୍କା କରାଯାଉଛି, ଯାହାକି ପାର୍ବଣ ଋତୁରେ ପୂର୍ବରୁ କେବେ ଦେଖିବାକୁ ମିଳି ନ ଥିଲା।

### ୧ ଡଲାର...

ମତ ଦେଇଛନ୍ତି। ଏଫ୍‌ଆଇଆଇ ଭାରତୀୟ ପୁଞ୍ଜି ବଜାରରୁ ଯେପରି ଭାବେ ମୁହଁ ଫେରାଉଛନ୍ତି, ତାହା ଜାରି ରହିଲେ ଆଗାମୀ ସପ୍ତାହରେ ଡଲାର ସହ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୮୯କୁ ଖସିପାରେ ବୋଲି ଆଶଙ୍କା କରାଯାଉଛି।

### ପରୀକ୍ଷା ପୂର୍ବରୁ...

ଜଣେ ଜଣେ ଆଶାୟୀ ୧୫ରୁ ୨୦ ଲକ୍ଷ ଟଙ୍କା ଉକ୍ତ ସଂସ୍ଥାକୁ ଦେଇଥିବା ଜଣାପଡିଛି। ପୋଲିସ ସେମାନଙ୍କୁ ଏ ସମ୍ପର୍କରେ ପଚରାଉଚୁରା କରୁଥିବା ସୂଚନା ମିଳିଛି। କ୍ରାଇମବ୍ରାଞ୍ଚ ଓ ବ୍ରହ୍ମପୁର ପୋଲିସ ପକ୍ଷରୁ ଛାନଭିନ ଜାରି ରହିଛି। ଚାକିରି ରାକେଟର ପର୍ଦ୍ଦାଫାଶ ପରେ ଓଡିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ (ଓପିଆରବି) ପକ୍ଷରୁ ଆଶାୟୀମାନଙ୍କ ପାଇଁ ହେଲ୍ପଲାଇନ୍ ନମ୍ବର (୯୦୪୦୪୯୩୨୨୩) ଜାରି କରାଯାଇଛି। ଯେଉଁମାନଙ୍କର ଯାହା ଅଭିଯୋଗ ରହିଛି, ସେମାନେ ଏହି ନମ୍ବରରେ ଅଭିଯୋଗ କରିପାରିବେ। ତେବେ ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ସଂସ୍ଥା ପକ୍ଷରୁ କୌଣସି ମତାମତ ମିଳିପାରି ନ ଥିବା ବେଳେ ବ୍ରହ୍ମପୁର ଏସ୍‌ପି ମଧ୍ୟ ଏ ସମ୍ପର୍କରେ କିଛି ମୁହଁ ଖୋଲୁନାହାନ୍ତି।

### ପୋଲିସ ଏସ୍‌ଆଇ...

ଆଶାୟୀମାନଙ୍କୁ ଧରିଥିଲା। ସେମାନଙ୍କୁ ବ୍ରହ୍ମପୁର ଆଣି ତଦନ୍ତ କରିବା ପରେ ଜାଲିଆତି ଉଦ୍ୟମ ସଂକ୍ରାନ୍ତରେ ଜଣାପଡ଼ିଥିଲା। ତେବେ ପୋଲିସ ବିଭାଗ ପକ୍ଷରୁ ଏ ନେଇ କୌଣସି ସୂଚନା ମିଳି ନ ଥିବା ବେଳେ କ୍ରାଇମବ୍ରାଞ୍ଚର ଏକ ଟିମ୍ ବ୍ରହ୍ମପୁର ପୋଲିସ ସହାୟତାରେ ତଦନ୍ତ କରୁଥିବା ଜଣାପଡ଼ିଛି।

# ଲୋକଙ୍କ ଭରସା ଫେରାଇବା ଦିଗରେ କାର୍ଯ୍ୟ କରନ୍ତୁ ସରକାର: ନବୀନ

**■ ଏସ୍‌ଆଇ ପରୀକ୍ଷା ବାତିଲ ନେଇ ବର୍ଷିଲେ ବିରୋଧୀ ■ ୫ ଓ ୬ ରେ ହୋଇଥାଆନ୍ତା ପରୀକ୍ଷା**

ଭୁବନେଶ୍ୱର,୩୦।୯(ସୁନିତ୍ ମିଶ୍ର)

ପୋଲିସ ଏସ୍‌ଆଇ(ସବ୍ ଇନ୍ସପେକ୍ଟର) ପରୀକ୍ଷା ଆସନ୍ତା ୫ ଏବଂ ୬ ତାରିଖରେ ଅନୁଷ୍ଠିତ ହେବାର ଥିଲା। ଅପ୍ରତ୍ୟାଶିତ ଘଟଣାକ୍ରମକୁ ନେଇ ପରୀକ୍ଷା ସ୍ଥଗିତ ରଖାଯିବାକୁ ଓଡ଼ିଶା ପୋଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ ପକ୍ଷରୁ ମଙ୍ଗଳବାର ନିଷ୍ପତ୍ତି ନିଆଯାଇଛି। ଖୁବ୍‌ଶୀଘ୍ର ସାନି ପରୀକ୍ଷା ତାରିଖ ଘୋଷଣା କରାଯିବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହି ଘଟଣାକୁ ନେଇ ସରକାରଙ୍କୁ ବିରୋଧୀଙ୍କ ପକ୍ଷରୁ ଟାର୍ଗେଟ କରାଯାଇଛି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସାମାଜିକ ଗଣମାଧ୍ୟମରେ ପ୍ରତିକ୍ରିୟା ରଖି କହିଛନ୍ତି, ପୁଣି ଏକ ପରୀକ୍ଷା ସରକାରଙ୍କ ପକ୍ଷରୁ ବାତିଲ କରାଯାଇଛି। ପୋଲିସ ଏସ୍‌ଆଇ ପାଇଁ ହେବାକୁ ଥିବା ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ପରୀକ୍ଷାରେ ପାସ୍ କରାଇଦେବାକୁ ଟଙ୍କା କାରବାର ଏବଂ ପ୍ରଶ୍ନପତ୍ର ଲିକ୍ କାରଣରୁ ବାତିଲ କରାଯାଇଥିବା ଜଣାପଡ଼ିଛି। ପୂର୍ବରୁ ଓଟିଇଟି-୨୦୨୫ ପରୀକ୍ଷା ମଧ୍ୟ ପରୀକ୍ଷାର କିଛି ସମୟ ପୂର୍ବରୁ ବାତିଲ କରାଯାଇଥିଲା। ଏଥିସହ କିଛିଦିନ ତଳେ ଆର୍‌ଆଇ, ଅମିନ, ଏଆର୍‌ଆଇ ଆଦି ପରୀକ୍ଷାକୁ ମଧ୍ୟ ବାତିଲ କରାଯାଇଥିଲା। ଦ୍ୱିତୀୟ ଥର ଲାଗି ଓଟିଇଟି-୨୦୨୫ ପରୀକ୍ଷାକୁ ବାତିଲ କରାଯାଇଥିଲା। ଏଭଳି ବାରମ୍ବାର ପରୀକ୍ଷା ବାତିଲ ନିଯୁକ୍ତି ବ୍ୟବସ୍ଥା ଉପରକୁ ପ୍ରଶ୍ନ ଉଠୁଛି। ସରକାରଙ୍କ ଏଭଳି ବ୍ୟବସ୍ଥାଗତ ତ୍ରୁଟି କାରଣରୁ ଲୋକମାନଙ୍କ ଭରସା ତୁଟୁଛି। ତେଣୁ ତୁରନ୍ତ ଲୋକଙ୍କ ଭରସା ସରକାରଙ୍କ ବ୍ୟବସ୍ଥା ଉପରକୁ ଯେପରି ଫେରିବ ସେଥିପାଇଁ ପଦକ୍ଷେପ ନିଅନ୍ତୁ ବୋଲି ସେ କହିଛନ୍ତି। ବିଜୁ ଛାତ୍ର ଜନତା ଦଳ ସଭାପତି ଇପ୍ସିତା ସାହୁ କହିଛନ୍ତି, ଗତ ୧୫ ମାସର ଶାସନରେ ୧୫ଥର ନିଯୁକ୍ତି ପାଇଁ ହେଉଥିବା ବିଭିନ୍ନ ପରୀକ୍ଷାକୁ ବାତିଲ କରାଯାଇଛି, ଯାହା ରାଜ୍ୟ ସରକାରଙ୍କ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ରାଜ୍ୟର ଅନେକ ହଜାର ଯୁବତୀଯୁବକ ଯେଉଁମାନେ ଚାକିରିଟିଏ ପାଇବା ପାଇଁ ଦୀର୍ଘଦିନ ଅକ୍ଲାନ୍ତ ପରିଶ୍ରମ କରୁଛନ୍ତି ପରୀକ୍ଷା ବାତିଲ ହେବା ପରେ ସେମାନେ ହତୋତ୍ସାହିତ ହୋଇପଡ଼ୁଛନ୍ତି। ତେଣୁ ନିଯୁକ୍ତି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଆମେ ଦାବି କରୁଛୁ ବୋଲି ନବୀନ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ଭାଗ୍ୟସ୍ଥାନରେ ରହିଥିବାରୁ ପାରିବାରିକ ଅଶାନ୍ତ ବାତାବରଣ ବଦଳି ଯିବ। ଚନ୍ଦ୍ରଙ୍କ ପ୍ରତି ଶନିଙ୍କ ଦୃଷ୍ଟି କାରଣରୁ ମନ ଅନୁଯାୟୀ କାମ କରିବା ସହଜସାଧ୍ୟ ହେବନାହିଁ। ଦୂରାଗତ ବନ୍ଧୁଙ୍କ ସମସ୍ୟା ସମାଧାନ ପାଇଁ ନିଜକୁ କିଛି କରିବାକୁ ପଡ଼ିପାରେ। ଆର୍ଥିକ ସଙ୍କଟକୁ ଦୂରେଇବାରେ ପଡ଼ୋଶୀ ସହଯୋଗର ହାତ ବଢ଼ାଇପାରନ୍ତି।

**ବୃଷ** ଚତୁର୍ଥାଧିପତି ରବି ଯୋଗକାରକ ହେତୁ ପୂର୍ବ ସଂକଳ୍ପିତ କାମ ବନ୍ଧୁଙ୍କ ମାଧ୍ୟମରେ ସମ୍ପନ୍ନ କରିବାରେ ସଫଳ ହେବେ। ଅଫିସରେ ଅଟକିଥିବା ଫାଇଲ୍ କାମ ସକାଶେ ବ୍ୟସ୍ତତା ବଢ଼ିବ। ଶିଳ୍ପ ଓ ବ୍ୟବସାୟ, ପରିବହନରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। କୌଣସି ନିଷ୍ପତ୍ତିର ଶେଷ ସମୟରେ ଅର୍ଥ ସମ୍ପର୍କୀୟ ଟଣାଓଟରା ଲାଗିପାରେ।

**ମିଥୁନ** ବୁଧଙ୍କ ପ୍ରତି ଶନିଙ୍କ ଦୃଷ୍ଟିରୁ ସ୍ନାୟବିକ ଦୁର୍ବଳତା କାର୍ଯ୍ୟହାନି ନିରୁତ୍ସାହିତାର କାରଣ ହେବ। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇ କାମ ହାସଲ କରିବେ। ଅନୁଗାମୀଙ୍କ ପରାମର୍ଶରେ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। ପାରିବାରିକ ଅସ୍ଥିରତା ଲାଗିରହିବାରୁ ଅନ୍ୟମନସ୍କ ରହିପାରନ୍ତି।

**କର୍କଟ** ଧନାଧିପତି ରାଶ୍ୟାଧିପତି ସଂଯୋଗରୁ ଆର୍ଥିକ ଅଭିବୃଦ୍ଧି ସକାଶେ ଉଦ୍ୟମ ବୃଥା ଯିବନାହିଁ। କେତେକ କ୍ଷେତ୍ରରେ ଅନ୍ୟମାନଙ୍କର କଥାକୁ ବିଶ୍ୱାସ କରି ନିଜ ଲୋକଙ୍କୁ ସନ୍ଦେହ କରିପାରନ୍ତି। ଭୁଲ୍ ବୁଝାମଣା ହେତୁ ପାରିବାରିକ କ୍ଷେତ୍ରରେ କଳହର ସୂଚନା ରହିଛି। ପୁଲିଙ୍ଗ୍ କାରବାର ଓ ନୂତନ ଯାନବାହନ କ୍ରୟ କରିବା କ୍ଷେତ୍ରରେ ସୁଫଳ ପାଇପାରିବେ।

**ସିଂହ** ଭୂମିପୁତ୍ର ମଙ୍ଗଳ ଗୁରୁଙ୍କ ଦୃଷ୍ଟିରେ ରହିଥିବାରୁ ଜମିଜମା ସମସ୍ୟା ବୃଦ୍ଧି ପାଇବ। ଭଲ ସମ୍ପର୍କ ନ ଥିବା ବନ୍ଧୁ ପୂର୍ବରାଗ ଶୁଝାଇବାକୁ ଯାଇ ପ୍ରତିଶୋଧ ନେବେ। କର୍ମକ୍ଷେତ୍ରରେ ପଛକଥା ନ ଭାବି ପରିସ୍ଥିତିକୁ ସାମନା କରିବା ଭଲ ହେବ। ସଭାସମିତିରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବାର ସୌଭାଗ୍ୟପ୍ରାପ୍ତ ହେବେ।

**କନ୍ୟା** ବୁଧାଦିତ୍ୟ ଯୋଗ ପ୍ରଭାବରେ ସାମାଜିକ ପ୍ରତିଷ୍ଠା ପାଇବେ ଏବଂ ସ୍ଥଗିତ କାର୍ଯ୍ୟକୁ ସମ୍ପନ୍ନ କରିପାରିବେ। ବୃହସ୍ପତିଙ୍କ ଶୁଭଦୃଷ୍ଟି ପ୍ରଭାବରେ ପାରିବାରିକ ସମସ୍ୟାର ସମାଧାନ କରିପାରିବେ। ଫାଇଦା ହାସଲ ପାଇଁ ବନ୍ଧୁମାନେ ଫନ୍ଦିଫିକର କରିପାରନ୍ତି। ଆବଶ୍ୟକତା ପୂରଣ କରିବାକୁ ଯାଇ ଧାର କରଜ କରିବାକୁ ପଡ଼ିପାରେ।

**ତୁଳା** ରାଶିରେ ମଙ୍ଗଳ ଥିବାରୁ ଜମିଜମା କିମ୍ବା ନୂତନ ଚୁକ୍ତିପତ୍ର ସମ୍ବନ୍ଧୀୟ କାର୍ଯ୍ୟ ସମ୍ପାଦିତ ହେବ। କେତେକ କ୍ଷେତ୍ରରେ ନିଜ ଲୋକଙ୍କ ଉପରେ ପୂର୍ଣ୍ଣ ଭରସା କରିପାରିବେ ନାହିଁ। ପ୍ରକାଶନ କ୍ଷେତ୍ର, ରାଜନୈତିକ ସ୍ଥିତି, ବନ୍ଧୁଙ୍କ ସହ ଆଲୋଚନା ନିଷ୍ଫଳ ହେବନାହିଁ। ଧନାଧିପତିଙ୍କ ଶୁଭତ୍ୱ କାରଣରୁ ଅର୍ଥଲାଭ ପାଇଁ ମାର୍ଗ ଉନ୍ମୁକ୍ତ ହୋଇଯିବ।

**ବିଛା** ଦୁଃସ୍ଥାନସ୍ଥ ରାଶ୍ୟାଧିପ ଯୋଗୁ ଶାରୀରିକ ଅସୁସ୍ଥତା ସଙ୍ଗକୁ ଅର୍ଥସଂକଟ ଲାଗିରହିବ। ଆତ୍ମୀୟମାନେ ଦୂରେଇଯିବାରୁ ସାମାଜିକ ସ୍ତରରେ ଅସୁବିଧାର ସମ୍ମୁଖୀନ ହେବେ। ଦୂରଯାତ୍ରା ଯୋଜନା ଶେଷ ମୁହୂର୍ତ୍ତରେ ବାତିଲ ହୋଇପାରେ। ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତାରେ ଅଟକିଥିବା କାମକୁ ସମ୍ପନ୍ନ କରିବାରେ ସମର୍ଥ ହେବେ।

**ଧନୁ** ଦେବଗୁରୁଙ୍କ କୃପାଦୃଷ୍ଟିରୁ ବିଭିନ୍ନ ଯୋଜନାର ପରିକଳ୍ପନା କରି ସଫଳତା ହାସଲ କରିବେ। ଅପ୍ରିୟ ସତ୍ୟ ଭାଷଣରୁ ନିବୃତ୍ତ ରହିବା ଭଲ। ଦୂରଯାତ୍ରା ଯୋଜନା ଶେଷ ସମୟରେ ସ୍ଥଗିତ ରହିଯାଇପାରେ। ସାଧାରଣ କଥାରୁ ସ୍ତ୍ରୀଙ୍କ ସହ ମତାନ୍ତରର ସୂଚନା ରହିଛି। ଚତୁର୍ଥଭାବସ୍ଥ ଶନି ଆପଣଙ୍କ ମନୋରଞ୍ଜନରେ ବାଧକ ସାଜିପାରେ।

**ମକର** ଗୁରୁକ୍ଷେତ୍ରସ୍ଥ ରାଶ୍ୟାଧିପତି କର୍ମର ପୁଷ୍ଟି ସାଧନ ସହ ପାରିବାରିକ ଜୀବନକୁ ପ୍ରୀତିପ୍ରଦ ରଖିବେ। ଖଳ ଲୋକଙ୍କ ଦ୍ୱାରା ମିଥ୍ୟାଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। ବିଗତ ଦିନର ଘଟଣାଗୁଡିକ ସମ୍ପର୍କରେ ଭାବି ମନସ୍ତାପ କରିପାରନ୍ତି। ସଭାସମିତିରେ ପ୍ରଶଂସିତ ହେବା ସହ ସମ୍ମାନ ଲାଭ ଓ ମର୍ଯ୍ୟାଦା ବୃଦ୍ଧି ପାଇବ।

**କୁମ୍ଭ** ଷଷ୍ଠାଧିପ ଚନ୍ଦ୍ର ଏକାଦଶ ଭାବରେ ରହିଥିବାରୁ ପ୍ରାପ୍ୟ ପାଇବାରେ ସମସ୍ୟାର ସମ୍ମୁଖୀନ ହେବେ। ପରିବାର ସଦସ୍ୟଙ୍କ ରୋଗପୀଡା ଏବଂ ପରୋକ୍ଷ ଶତ୍ରୁତାଜନିତ ମାନସିକ ଅଶାନ୍ତି ଲାଗିରହିବ। ସାଙ୍ଗସାଥୀଙ୍କ ପରାମର୍ଶରେ ଦେବାର୍ଚ୍ଚନା ପାଇଁ ମନ ବଳାଇପାରନ୍ତି। ଉପରିସ୍ଥଙ୍କ ଅନୁକମ୍ପାରୁ ସମସ୍ୟା ସମାଧାନରେ ସହକର୍ମୀ ସାହାଯ୍ୟ କରିବେ।

**ମୀନ** ରାଶ୍ୟାଧିପ ବୃହସ୍ପତି କେନ୍ଦ୍ରସ୍ଥ ଯୋଗୁ ଉନ୍ନତଚିନ୍ତା ସଙ୍ଗକୁ ବିଶିଷ୍ଟବ୍ୟକ୍ତିଙ୍କ ସୁନଜରରେ ଆସିବେ। ଦେହ ଭଲ ରହିଲେ ମଧ୍ୟ କ୍ରନିକ୍ ରୋଗରେ କଷ୍ଟ ପାଇପାରନ୍ତି। କଚେରି ମାମଲା, ପ୍ରଶାସନିକ ଆଲୋଚନା, ରାଜନୈତିକ ବିତର୍କ ସାଙ୍ଗକୁ କୃତି ଓ କୃତିତ୍ୱରୁ ପ୍ରଶଂସିତ ହେବେ। ପରିବାରର ଖର୍ଚ୍ଚ ବୃଦ୍ଧିରୁ କରଜ କରିବାକୁ ବାଧ୍ୟ ହୋଇପାରନ୍ତି।

ଆଜି ଅକ୍ଟୋବର ୧ ତାରିଖ, ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ, ଜାତୀୟ ରକ୍ତଦାନ ଦିବସ, ଆଶ୍ୱିନ ଶୁକ୍ଳ ନବମୀ ବୁଧବାର, ପୀଠେ ବିଶ୍ରାମ ପୂଜା, ମୃଣ୍ମୟୀ ଦେବୀଙ୍କ ମହାନବମୀ। ରାଶିନକ୍ଷତ୍ର-ସକାଳ ଘ.୦୮.୦୫ମି. ଗତେ ଉତ୍ତରାଷାଢା/ଧନୁ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୪୧ମି. ଗତେ ଘ.୦୮.୦୩ମି. ମଧ୍ୟେ, ଘ.୧୦.୨୫ମି. ଗତେ ଘ.୧୧.୩୬ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୨୫ମି. ଗତେ ଘ.୧୧.୩୬ମି. ମଧ୍ୟେ ରାହୁ କାଳ।

# ୧୫ ଦିନରେ ବକେୟା ଜନଶୁଣାଣି ଶେଷ ନିର୍ଦ୍ଦେଶ

**ଭୁବନେଶ୍ୱର,୩୦।୯ (ରବିନାରାୟଣ ଜେନା)**

ରାଜ୍ୟବାସୀଙ୍କ ଅଭିଯୋଗ ଶୁଣିବା ପାଇଁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ଜନଶୁଣାଣି ନିମନ୍ତେ ସ୍ୱତନ୍ତ୍ର ପୋର୍ଟାଲ କାର୍ଯ୍ୟକ୍ଷମ ହେବା ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ତାଙ୍କ ମନ୍ତ୍ରୀ ପରିଷଦଙ୍କୁ ସାଙ୍ଗରେ ଧରି ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଶୁଣିଥିବା ବ୍ୟକ୍ତିର ଅଭିଯୋଗ ଯେପରି ପଡ଼ି ନ ରହିବ, ତାହାକୁ ନେଇ ସରକାରଙ୍କ ପକ୍ଷରୁ ଥରକୁ ଥର ନିର୍ଦ୍ଦେଶନାମା ଜାରି ହେଉଛି। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ପ୍ରତି ମାସରେ ଥରେ ସମୀକ୍ଷା କରାଯାଉଥିବାବେଳେ ବିଭାଗୀୟ ସଚିବଙ୍କ ସ୍ତରରେ ମଧ୍ୟ ଏହାର ସମୀକ୍ଷା ହେଉଛି। ହେଲେ କେତେକ ବିଭାଗୀୟ ଅଧିକାରୀ ଏଥିପ୍ରତି ଆନ୍ତରିକତା ଦେଖାଉନାହାନ୍ତି। ଏହାକୁ ନେଇ ସାଧାରଣ ପ୍ରଶାସନ ତଥା ଜନଅଭିଯୋଗ ନିର୍ଦ୍ଦେଶକ ସ୍ୱତନ୍ତ୍ର ବୈଠକ କରିବା ସହ ସବୁ ବିଭାଗର କ୍ଷେତ୍ରୀୟ ଅଧିକାରୀଙ୍କୁ ପତ୍ର ଲେଖି ୧୫ ଦିନ ମଧ୍ୟରେ ବକେୟା ଥିବା ଅଭିଯୋଗର ସମାଧାନ କରିବାକୁ ଅବଗତ କରାଇଛନ୍ତି। ନିର୍ଦ୍ଦେଶକ ସୁକାନ୍ତ କୁମାର ବେହେରା ଗତମାସ ୨୦ ତାରିଖରେ ସବୁ କ୍ଷେତ୍ରୀୟ ଅଧିକାରୀଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି ଯେ, ଗତମାସ ୧୧ରେ ଅନୁଷ୍ଠିତ ବୈଠକର ନିଷ୍ପତ୍ତି ଅନୁଯାୟୀ, ଯେଉଁ ବିଭାଗ ନିକଟରେ ଯାହା ବି ଜନଶୁଣାଣି ପାଇଁ ବକେୟା ରହିଛି ତାକୁ ଶେଷ କରିବାକୁ ହେବ। ଏ ଦିଗରେ କ୍ଷେତ୍ରୀୟ ଅଧିକାରୀ ତ୍ୱରିତ ପଦକ୍ଷେପ ନେବାକୁ ପଡ଼ିବ। ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ଅଭିଯୋଗସବୁ ସମାଧାନ ହେବା ଆବଶ୍ୟକ। ଏନେଇ କ୍ଷେତ୍ରୀୟ ଅଧିକାରୀ ବାରମ୍ବାର ସମୀକ୍ଷାକରି ଅଭିଯୋଗଗୁଡ଼ିକର ସମାଧାନ କରିବେ। ଯେଉଁ ଅଭିଯୋଗର ସମାଧାନ ହେଲା ତାହାକୁ ପୋର୍ଟାଲରେ ଅପ୍‌ଲୋଡ୍ କରିବେ। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଅଭିଯୋଗକାରୀଙ୍କୁ ପ୍ରଦାନ କରାଯାଉଥିବା ଆଇଡିରେ ବିଭିନ୍ନତା ନ ରହି ଏକତା ରହିବା ଆବଶ୍ୟକ। ନଚେତ୍ ଏକାଧିକ ଆଇଡିରେ ବାରମ୍ବାର ଅଭିଯୋଗ ଆସିବା ଦ୍ୱାରା ସମସ୍ୟା ସୃଷ୍ଟି ହେଉଛି। ଏନେଇ ଗୃହ ବିଭାଗ ପକ୍ଷରୁ ଏକୀକୃତ ଆଇଡି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶକ ତାଙ୍କ ପତ୍ରରେ ଦର୍ଶାଇଛନ୍ତି। ସୂଚନା ଅନୁଯାୟୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ଗତ ସେପ୍ଟେମ୍ବର ୬ ସୁଦ୍ଧା ୩୪୦୪ଟି ଅଭିଯୋଗ ଶୁଣାଣି ଲାଗି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଓ ଅନ୍ୟାନ୍ୟ ମାଧ୍ୟମରୁ ଆସିଥିବାବେଳେ ୧୭୬୮ଟିର ଫଇସଲା ହୋଇଛି। ୧୬୩୬ଟି ବକେୟା ରହିଛି, ଯାହାଦ୍ୱାରା ବିଭାଗର ସଫଳତା ସର୍ବନିମ୍ନ ୫୨ ପ୍ରତିଶତ ରହିଛି। ଅନ୍ୟପକ୍ଷରେ ମିଶନ ଶକ୍ତି ଓ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ୯୨ପ୍ରତିଶତରୁ ଅଧିକ ଅଭିଯୋଗର ଫଇସଲା କରିଛି।

# ଦୋକାନ ଉପରେ ମାଡ଼ିଗଲା ଟ୍ରକ୍



ଭାଙ୍ଗିରୁଜି ଯାଇଥିବା ଦୋକାନ ଗୃହ।

## ଜଣେ ମୃତ,୩ ଗୁରୁତର

**ଝାରପୋଖରିଆ,୩୦।୯ (ସୁଧୀର କୁମାର ମହାନ୍ତ)**

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ବମ୍ଫେଛକ ଗୋଲେଇଠାରେ ସୋମବାର ରାତି ୧୦ଟା୪୦ ସମୟରେ ଏକ ମାଲ୍ ବୋଝେଇ ଟ୍ରକ୍ ମାଡ଼ିଯିବାରୁ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି। କୋଲକାତା ଅଭିମୁଖେ ଯାଉଥିବା ଏହି ଟ୍ରକ୍‌ର ଚାଳକ ଭାରସାମ୍ୟ ହରାଇବାରୁ ୧୦ଟି ଦୋକାନ ଉପରେ ମାଡ଼ିଯାଇଥିଲା। ଫଳ ବ୍ୟବସାୟ କରୁଥିବା ସୁଜିତ ମହାନ୍ତଙ୍କ ସ୍ତ୍ରୀ ସସ୍ମିତା ମହାନ୍ତ(୩୭)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସେହିପରି ମିଠାଦୋକାନ କରିଥିବା ଜାହ୍ନବୀ ମହାପାତ୍ର (୪୫) ଗୁରୁତର ହୋଇଛନ୍ତି । ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଜଳଖିଆ ଦୋକାନ କରିଥିବା ଗୋପାଳ ମହାପାତ୍ରଙ୍କ ୧୧ ବର୍ଷର ଝିଅ ପ୍ରିୟଙ୍କା ଓ ଷ୍ଟେଶନେରି ଦୋକାନୀ ସରୋଜ ଦଣ୍ଡପାଟ ଆହତ ହୋଇଛନ୍ତି। ଝାରପୋଖରିଆ ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିଥିବା ବେଳେ ଡ୍ରାଇଭର ଫେରାର ହୋଇଯାଇଥିବା ସୂଚନା ମିଳିଛି।

# ନବମୀରେ କଟକର ୩୧ ପୂଜା ମଣ୍ଡପ ବୁଲିବେ ମୁଖ୍ୟମନ୍ତ୍ରୀ

**କଟକ,୩୦।୯(ଶିଳ୍ପା ପ୍ରିୟଦର୍ଶିନୀ)**

ମହାନବମୀରେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକ ଗସ୍ତ କରିବେ। ସଡ଼କପଥ ଯୋଗେ ସକାଳ ୯ଟା ୩୦ରେ ପ୍ରଥମେ ପ୍ରତାପନଗରୀ ପୂଜା ମଣ୍ଡପରେ ପହଞ୍ଚିବେ। ପରେ ବାଲିକୁଦା, ଗୋପାଳପୁର, ନୂଆପଡା, ଚାଉଳିଆଗଞ୍ଜ, ନୂଆବଜାର, ପୋତାପୋଖରୀ, ଶିଖରପୁର-ଗଣ୍ଡରପୁର-ମହାଦନୀବିହାର, ଯୋବ୍ରା, ମଙ୍ଗଳାବାଗ, ରାଣୀହାଟ, କଲେଜ ଛକ, ଶଗଡିଆ ସାହି, ଛତ୍ରବଜାର, ମଧୁପାଟଣା, ଖାନ୍‌ନଗର, ବାଦାମବାଡି, ପିଠାପୁର, ଝୋଲାସାହି, ନିମ ସାହି, ଚୌଧୁରୀ ବଜାର, ଫିରିଙ୍ଗି ବଜାର, ନୟାସଡକ, ଚାନ୍ଦିନୀଚୌକ, ଶେଖବଜାର, ରାମଗଡ କନିକା ରୋଡ, କାଫ୍ଲା ବଜାର, ଅଲିଶା ବଜାର, ମର୍କତନଗର ସେକ୍ଟର-୬, ମର୍କତନଗର ସେକ୍ଟର-୭, ମର୍କତନଗର ସେକ୍ଟର-୯ ଆଦି ମଣ୍ଡପ ବୁଲିବା ପରେ ଭୁବନେଶ୍ୱର ଅଭିମୁଖେ ଗସ୍ତ କରିବେ ବୋଲି ଭାଜପା କଟକ ଜିଲା ସଭାପତି ସୁକାନ୍ତ ବିଶ୍ୱାଳ ପ୍ରେସ ବିବୃତି ଜରିଆରେ ସୂଚନା ଦେଇଛନ୍ତି। ଅନ୍ୟପଟେ ମୁଖ୍ୟମନ୍ତ୍ରୀଙ୍କ କଟକ ଗସ୍ତକୁ ନଜରରେ ରଖି ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ଜଙ୍ଗଲ ଜମିରେ ଶିଳ୍ପାୟନ: ହସ୍ତକ୍ଷେପ କଲା ପିଏମ୍‌ଓ

## ମୁଖ୍ୟ ସଚିବଙ୍କୁ ତଦନ୍ତ ନିର୍ଦ୍ଦେଶ

**ଭୁବନେଶ୍ୱର,୩୦।୯ (ରବିନାରାୟଣ ଜେନା)**

ବହୁଚର୍ଚ୍ଚିତ ଜଗତ୍‌ସିଂହପୁର ଜିଲା ଅନ୍ତର୍ଗତ ଢିଙ୍କିଆ ଅଞ୍ଚଳର ଜଙ୍ଗଲଜମି ବଳପୂର୍ବକ ଦଖଲ ସମସ୍ୟା ଏବେ ପୁଣି ଥରେ ଲୋକଲୋଚନକୁ ଆସିଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ ଏକ ଅଭିଯୋଗକୁ ଆଧାର କରି ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ଉକ୍ତ ଘଟଣାରେ ହସ୍ତକ୍ଷେପ କରିଛି। ଏହାକୁ ନେଇ ପ୍ରଧାନମନ୍ତ୍ରୀଙ୍କ ଉପବିଭାଗ ଅଧିକାରୀ କୁମାର ରାଜୀବ ରଞ୍ଜନ ମୁଖ୍ୟ ଶାସନ ସଚିବଙ୍କୁ ପତ୍ରଲେଖି ଅଭିଯୋଗର ଅନୁସନ୍ଧାନ କରି ତୁରନ୍ତ ଅବଗତ କରାଇବାକୁ କହିଛନ୍ତି। ଏହାକୁ ନେଇ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶକ୍ରମେ ଜଙ୍ଗଲ ଓ ପରିବେଶ ବିଭାଗ ଉପସଚିବ କୃତୀବାସ ପରିଡ଼ା ଚଳିତମାସ ୨୨ରେ ପିସିସିଏଫ୍(ହଫ୍)ଙ୍କୁ ପତ୍ରଲେଖି ତୁରନ୍ତ ଅନୁସନ୍ଧାନ କରି ଘଟଣାର ସତ୍ୟତା ଜଣାଇବାକୁ ଦର୍ଶାଇଛନ୍ତି।

ଢିଙ୍କିଆର ପ୍ରତିବ କୁମାର ଶତପଥୀ ଓ ପଞ୍ଚାୟତବାସୀ ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଏହି ଅଞ୍ଚଳର ପ୍ରାୟ ୯୦ପ୍ରତିଶତ ଲୋକ ଜମିହରା। ଲୋକେ ଜୀବନଜୀବିକା ପାଇଁ ଜଙ୍ଗଲ ଜମି ଉପରେ ନିର୍ଭର କରନ୍ତି। ପନିପରିବା ଚାଷଠାରୁ ଆରମ୍ଭ କରି ଛେଳି, ମେଣ୍ଢା ଓ ମାଛଚାଷ କରି ଚଳନ୍ତି। ହେଲେ ୨୦୦୫ରେ ତତ୍କାଳୀନ ସରକାର ପୋସ୍କୋ ସହିତ ଏକ ବୁଝାମଣା କରି ଶତାଧିକ ଏକର ଜଙ୍ଗଲ ଜମି ଟେକି ଦେଇଥିଲେ। ପୋସ୍କୋ ସେଠାରେ ଏକ ଇସ୍ପାତ ଶିଳ୍ପ କରିବ ବୋଲି ବୁଝାମଣା କରିଥିଲେ ହେଁ ୨୦୧୭ରେ ଓହରି ଯାଇଥିଲା। ସେତେବେଳେ ଗ୍ରାମବାସୀମାନେ ଉକ୍ତ ଜମି ପାଇଁ ବହୁ ସଂଘର୍ଷ କରିଥିଲେ। ଏପରି କି ୫ଜଣଙ୍କ ମୃତ୍ୟୁ ହୋଇଥିଲାବେଳେ ଶତାଧିକ ଲୋକଙ୍କ ନାମରେ ମିଥ୍ୟା ମାମଲା ରୁଜୁ ହୋଇଥିଲା। ୨୦୧୮ରେ ପୁନର୍ବାର ଉକ୍ତ ଜମିକୁ ଏକ ଶିଳ୍ପ ସଂସ୍ଥାକୁ ଟେକି ଦେବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ଗ୍ରାମସଭା କରାଯାଇ ନାହିଁ। ବରଂ ପୋଲିସ ଲଗାଇ ଉକ୍ତ ଜମି ଦଖଲକୁ ନିଆଯାଉଛି। ଦଖଲ ସମୟରେ ଶହ ଶହ ବର୍ଷର ବଡ଼ ବଡ଼ ଗଛ ମଧ୍ୟ କାଟି ଦିଆଯାଉଛି। ଏହାଦ୍ୱାରା ଜଙ୍ଗଲ ଅଧିକାର ଆଇନ-୨୦୦୬ରୁ ଖୋଲା ଉଲ୍ଲଂଘନ ହେଉଛି ବୋଲି ପ୍ରଧାନମନ୍ତ୍ରୀଙ୍କୁ ଅଭିଯୋଗରେ ଦର୍ଶାଯାଇଛି। ଏହି ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ତୁରନ୍ତ ସେଠାରେ ପୋଲିସ ମାଧ୍ୟମରେ ଚାଲିଥିବା ବଳପୂର୍ବକ ଦଖଲକୁ ବନ୍ଦ କରିବା ସହିତ ଗ୍ରାମସଭା ଡାକି ସେ ସଂକ୍ରାନ୍ତରେ ନିଷ୍ପତ୍ତି ନେବାକୁ ପ୍ରତିବ ଅନୁରୋଧ କରିଛନ୍ତି। ଏହାସହିତ ଗ୍ରାମବାସୀଙ୍କ ନାମରେ ଦିଆଯାଇଥିବା ମିଥ୍ୟା ମାମଲାକୁ ପ୍ରତ୍ୟାହାର କରି ନେବା, ଜଙ୍ଗଲ ଜମି ଅଧିକାର ଆଇନକୁ ସୁରକ୍ଷା ଦେବା ସହିତ ନିରପେକ୍ଷ ତଦନ୍ତ କରିବାକୁ ଦାବି ହୋଇଛି।

# ମହାବଳ ବାଘର ପାଦଚିହ୍ନ ଠାବ, ଲୋକେ ଭୟଭୀତ

**ଦେବଗଡ଼,୩୦।୯ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ବନଖଣ୍ଡ ରିଆମାଳ ବନାଞ୍ଚଳ ଅଧୀନ ବାବାଜି ମଠ ଗ୍ରାମ ନିକଟ ଝାରମୁଣ୍ଡା ଜଙ୍ଗଲରେ ମହାବଳ ବାଘର ପାଦଚିହ୍ନ ଠାବ ହୋଇଛି। ଏହାକୁ ନେଇ ଅଞ୍ଚଳବାସୀ ଭୟଭୀତ ହୋଇପଡିଛନ୍ତି। ଖବରପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ପାଦଚିହ୍ନର ନମୂନା ସଂଗ୍ରହ କରିଥିବାବେଳେ ବିଶେଷଜ୍ଞ ଟିମ୍ ଏହାର ଯାଞ୍ଚ କରିଛି। ରିଆମାଳ ବନାଞ୍ଚଳରେ କିଛିଦିନ ହେଲା ଏକ ମହାବଳ ବାଘ ବୁଲୁଥିବା ବନ ବିଭାଗ ପାଖରେ ଖବର ରହିଥିଲା। ଏପରି କି ବାଘର ଗତିବିଧି ଉପରେ ନଜର ରଖିବା ପାଇଁ ବନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଟ୍ରାପ୍ କ୍ୟାମେରା ଲଗାଯାଇଛି। ବାଘକୁ ଠାବ କରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଉକ୍ତ ଅଞ୍ଚଳରେ ନିୟମିତ ପାଟ୍ରୋଲିଂ କରାଯାଉଛି। ଅପରପକ୍ଷେ ନିକଟସ୍ଥ ଜଙ୍ଗଲକୁ ଗୃହପାଳିତ ପ୍ରାଣୀଙ୍କୁ ନ ଛାଡିବା ସହିତ ସ୍ଥାନୀୟ ଜନସାଧାରଣ ସତର୍କ ରହିବାକୁ ବନ ବିଭାଗ ପକ୍ଷରୁ କୁହାଯାଇଛି। ମହାବଳ ବାଘର ଫଟୋ କିମ୍ବା ଭିଡିଓ ଉତ୍ତୋଳନ ହୋଇ ନ ଥିଲେ ମଧ୍ୟ ବାଘକୁ ବିଭିନ୍ନ ସମୟରେ ସ୍ଥାନୀୟ ଲୋକେ ଦେଖିଥିବା ଦାବି କରୁଛନ୍ତି। ଏହାକୁ ନେଇ ବନବିଭାଗ ବେଶ୍ ସତର୍କ ରହିଛି।



ଠାବ ହୋଇଥିବା ମହାବଳ ବାଘର ପାଦଚିହ୍ନ।

# ଶ୍ରୀମନ୍ଦିର ୧ କି.ମି. ପରିଧି ଭିତରେ ବନ୍ଦ ହୋଇପାରେ ମଦ ବିକ୍ରି

- **ନୂଆ ଅବକାରୀ ନୀତିରେ ସ୍ପଷ୍ଟ ହୋଇଯିବ**
- **ମୁଖ୍ୟମନ୍ତ୍ରୀଙ୍କ ମୋହରକୁ ଅପେକ୍ଷା**

**ଭୁବନେଶ୍ୱର, ୩୦।୯ (ସୁନିତ୍ ମିଶ୍ର)**

ଶ୍ରୀମନ୍ଦିରର ପାଖରେ ଆଉ ତାମସିକ ଜିନିଷ ରହିବ ନାହିଁ। ଏଭଳି ଏକ ବଡ଼ ନିଷ୍ପତ୍ତି ସରକାର ନେବାକୁ ଯାଉଛନ୍ତି। ଏନେଇ ଆଲୋଚନା କରାଯାଇଛି। ନୂଆ ଅବକାରୀ ନୀତି ଆସିବା ପରେ ସେଥିରେ ଏଭଳି ନିୟମ ରଖାଯିବାକୁ ଯୋଜନା କରାଯାଉଥିବା ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଙ୍ଗଳବାର ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଶ୍ରୀମନ୍ଦିରର ୧ କି.ମି. ପରିଧି ଭିତରେ ମଦ ବିକ୍ରି ଉପରେ କଟକଣା ଲାଗିପାରେ। ଏହାସହ ଆମିଷ ବିକ୍ରି ଉପରେ ମଧ୍ୟ ସରକାର ପ୍ରତିବନ୍ଧକ ଲଗାଇପାରନ୍ତି ବୋଲି ଶୁଣିବାକୁ ମିଳୁଛି। ଏନେଇ ମନ୍ତ୍ରୀ ହରିଚନ୍ଦନଙ୍କ ପ୍ରତିକ୍ରିୟା ପରେ ଏହାକୁ ବାସ୍ତବ ରୂପ ଦିଆଯାଇପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ନୂଆ ଅବକାରୀ ନୀତିକୁ ବହୁ ଲୋକଙ୍କ ଅପେକ୍ଷା ରହିଛି। ଅବକାରୀ ନୀତି ଆଣିବାରେ ସରକାର ବାରମ୍ବାର ସମୟ ଗଡ଼ାଇ ଚାଲିଛନ୍ତି। କିଛି ମାସ ତଳେ ସରକାରଙ୍କ ପକ୍ଷରୁ ଏକ ଟିମ୍ ୩ଟି ରାଜ୍ୟକୁ ଯାଇ ସେଠାରେ ଅବକାରୀ ନୀତି କିପରି ଲାଗୁ ହୋଇଛି ତା'ର ତଥ୍ୟ ସଂଗ୍ରହ କରିଥିଲେ। ଉକ୍ତ ତଥ୍ୟ ପରେ ରାଜ୍ୟର ନୂଆ ଅବକାରୀ ନୀତିର ରୂପରେଖ ପ୍ରସ୍ତୁତ ହୋଇସାରିଥିବା ବେଳେ ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ବୈଠକକରି ଆଲୋଚନା କରାଯିବ। ମୁଖ୍ୟମନ୍ତ୍ରୀଙ୍କ ମୋହର ବାଜିବା ପରେ ରାଜ୍ୟରେ ନୂଆ ଅବକାରୀ ନୀତି ଲାଗୁହେବ ବୋଲି କିଛିଦିନ ତଳେ ମନ୍ତ୍ରୀ ହରିଚନ୍ଦନ ସୂଚନା ଦେଇଥିଲେ।




# ୩୫ ଚୋରି ମୋବାଇଲ ଜବତ


## ୧୯ ଜଣଙ୍କୁ ପୋଲିସ ଫେରାଇଲା

**ଢେଙ୍କାନାଳ,୩୦।୯ (ରତନ ନାୟାର)**

ଢେଙ୍କାନାଳ ସହରରେ ପ୍ରାୟ ୩ବର୍ଷ ମଧ୍ୟରେ ଚୋରି ହୋଇଥିବା ୩୫ଟି ମୋବାଇଲ୍ ଟାଉନ ଥାନା ପୋଲିସ ଜବତ କରିଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜଣଙ୍କ ନିକଟରୁ ୧୨ଟି ମୋବାଇଲ ଜବତ କରାଯାଇଛି। ମଙ୍ଗଳବାର ସୁଦ୍ଧା ଟାଉନ ଥାନା ପୋଲିସ ୧୯ଜଣଙ୍କୁ ସେମାନଙ୍କର ମୋବାଇଲ ଫୋନ୍ ଫେରାଇଥିବା ଟାଉନ ଥାନା ଅଧିକାରୀ ପ୍ରଭାତ ସାହୁ କହିଛନ୍ତି। ମୋବାଇଲ ଫେରାଇବା ସମୟରେ ଟାଉନ ଥାନା ଅଧିକାରୀ ସାହୁ ଓ ଅତିରିକ୍ତ ଅଧିକାରୀ ମଧୁସ୍ମିତା ନାଥଶର୍ମା ଉପସ୍ଥିତ ଥିଲେ।



❝ କେବଳ ବାହ୍ୟ ରୂପକୁ ଦେଖି କୌଣସି ଘଟଣାର ବିଚାର କର ନାହିଁ। ସେଗୁଡ଼ିକ ଅନବରତ ଅନ୍ୟ କିଛିକୁ ପ୍ରକାଶ କରିବା ନିମିତ୍ତ ଏକ ଏକ ଅପାରଗ ପ୍ରଚେଷ୍ଟା ମାତ୍ର । କିନ୍ତୁ ତାହା ଭିତରେ ଯେଉଁ ପ୍ରକୃତ ସତ୍ୟ ଥାଏ– ତାହା ତୁମର ଅଗଭୀର ବିଚାର ବୁଦ୍ଧିର ସଂପୂର୍ଣ୍ଣ ଅଗମ୍ୟ । –ଶ୍ରୀମା

-ମୃଣ୍ମୟୀ ଶ୍ରୀ ଦୁର୍ଗା ଦେବୀଙ୍କର ମହାନବମୀ, ପୀଠେ ବିଶ୍ରାମ, ଶରଣ ଆରମ୍ଭ



# କାର୍ଯ୍ୟ ବି, ସନ୍ତାନ ବି

ଜାତିସଂଘ ପକ୍ଷରୁ ସଦ୍ୟ କରାଯାଇଥିବା ଏକ ଆକଳନରୁ ଜଣାପଡ଼ିଛି ଯେ, ୨୦୮୦ ପରେ ବିଶ୍ୱର ଜନସଂଖ୍ୟା ହ୍ରାସ ପାଇବ। ସେବେ ଯାଏ ଜନସଂଖ୍ୟା ବଢ଼ି ପ୍ରାୟ ୧୦.୮ ବିଲିୟନ ଅର୍ଥାତ୍ ୧,୦୮୦ କୋଟିରେ ପହଞ୍ଚିବ। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ୨୧୦୦ ସୁଦ୍ଧା ବିଶ୍ୱରେ ୧୦ କୋଟି ଲୋକ କମିଯାଇପାରନ୍ତି। ଏହି ପରିପ୍ରେକ୍ଷୀରେ ଯଦି ଦେଖାଯାଏ ୨୦୨୨ରେ ପୃଥିବୀର ଜନସଂଖ୍ୟା ୮୦୦ କୋଟି ଥିଲା, ଯାହା ପୂର୍ବ ଶତାବ୍ଦୀଠାରୁ ୪ ଗୁଣା ବଢ଼ିଥିଲା। ୫୫ ବର୍ଷ ପରେ ଧନୀ ତଥା ବିକଶିତ ରାଷ୍ଟ୍ରଗୁଡ଼ିକରେ ନାରୀ ଶିକ୍ଷା ଓ ସେମାନଙ୍କ ଅଧିକାର ଜନସଂଖ୍ୟା ହ୍ରାସର କାରଣ ହେବ ବୋଲି କୁହାଯାଉଛି। ମହିଳାମାନେ ଅଧିକ ସମାନତା ଓ ସୁଯୋଗ ପାଇବା ଦ୍ୱାରା ସନ୍ତାନ ଜନ୍ମ ଦେବା ଅପେକ୍ଷା କ୍ୟାରିୟରକୁ ଅଗ୍ରପ୍ରାଧାନ୍ୟ ଦେଇପାରନ୍ତି। ଏଥିସହିତ ସମୟ ସହିତ ତାଳ ଦେଇ ବଞ୍ଚିବା ବ୍ୟୟବହୁଳ ହେଉଥିବାରୁ ଲୋକେ ଅଧିକ ପିଲା ଚାହିଁବାକୁ ପସନ୍ଦ କରିବେ ନାହିଁ। ଜାତିସଂଘର ଏହି ରିପୋର୍ଟ ଦେଖିଲେ ଚତୁଃପାର୍ଶ୍ୱରେ ଅନେକେ ଏହାର ବାସ୍ତବତାକୁ ଅନୁଭବ କରୁଥିବେ।

ଭାରତରେ କିଛି ଦଶନ୍ଧି ପୂର୍ବରୁ ଜନସଂଖ୍ୟା ବିସ୍ଫୋରଣ ତର୍କ ପ୍ରତିଯୋଗିତାରେ ଏକ ବିଷୟ ପାଲଟିଥିଲା। 'ଆମେ ଦୁଇ ଆମର ଦୁଇ' ଧ୍ୱନି କାନ୍ଥଚିତ୍ରରେ ସ୍ଥାନ ପାଇଥିଲା। ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ସରକାରଙ୍କ ପକ୍ଷରୁ ବହୁବିଧ ପଦକ୍ଷେପ ନିଆଯାଇଥିଲା। ତାହାର ପ୍ରଭାବ କେତେକାଂଶରେ ଫଳପ୍ରଦ ହୋଇଥିଲେ ମଧ୍ୟ ଏବର ସ୍ଥିତି ଦେଖିଲେ ଚାଇନାକୁ ଟପି ଭାରତ ବିଶ୍ୱର ସର୍ବାଧିକ ଜନବହୁଳ ଦେଶ ହୋଇଯାଇଛି। ଚାଇନାର ଏକକ ସନ୍ତାନ ନୀତି ଯୋଗୁ ତାହାର ଜନସଂଖ୍ୟା ଅତି ମାତ୍ରାରେ କମିଯାଇଥିଲା। ପରେ ୨୦୧୬ ଜାନୁଆରୀରେ ଏହା 'ଦୁଇ ସନ୍ତାନ' ନୀତି ଆପଣାଇଲେ ମଧ୍ୟ ସେହି ଦିଗରେ ବିଶେଷ ଅଗ୍ରଗତି ହୋଇ ନ ଥିଲା। ଆର୍ଥିକ ଦିଗକୁ ଦେଖି ପରିବାର ବଢ଼ାଇବାକୁ ଅନେକେ ନ ଚାହିଁବାରୁ ଚାଇନା ଜନସଂଖ୍ୟା କମିଯାଇଛି। ଅଧିକ ସନ୍ତାନ ପାଇଁ ସେଠାରେ ପ୍ରୋତ୍ସାହନ ଦିଆଯାଉଛି। ଜାପାନ ଭଳି ଦେଶରେ ବୟସ୍କଙ୍କ ସଂଖ୍ୟା ବଢ଼ିଥିବା ବେଳେ ଅଧିକ ପିଲା ଜନ୍ମ ହେଉ ନ ଥିବାରୁ ସେଠାକାର ଶାସକ ଚିନ୍ତାରେ ଅଛନ୍ତି। ଭାରତର ଜନସଂଖ୍ୟା ଅନୁଯାୟୀ, ଦକ୍ଷ ମାନବ ସମ୍ବଳ ସୃଷ୍ଟି ହୋଇପାରୁ ନ ଥିଲେ ମଧ୍ୟ ଗୋଟେ ଆଶ୍ୱାସନା ରହୁଛି ଆବଶ୍ୟକ ସ୍ଥଳେ ସେମାନଙ୍କୁ କୁଶଳୀ କରାଯାଇପାରିବ। ଏହା ସତ୍ତ୍ୱେ ଭାରତ କ୍ଷେତ୍ରରେ ଆଶଙ୍କା କରାଗଲାଣି ଯେ, ଦେଶର ସମୁଦାୟ ପ୍ରଜନନ ହାର ୨.୧ରୁ ଖସି ୧.୯ରେ ରହିଲାଣି। ଏହି କମିବା ସ୍ଥିତି ଲାଗି ରହିଲେ ଆଗାମୀ ଦିନରେ ଅର୍ଥାତ୍ ୨୦୬୦ ବେଳକୁ ଭାରତର ଜନସଂଖ୍ୟା ମଧ୍ୟ ଷ୍ଟାଗ୍‌ନାଣ୍ଟ ବା ସ୍ଥିର ଅବସ୍ଥାକୁ ଆସିବା ଅସମ୍ଭବ ନୁହେଁ। ଏପରିକି ଏହା ପରେ ଅର୍ଥାତ୍ ୨୧୦୦ ସୁଦ୍ଧା ଭାରତର ଜନସଂଖ୍ୟାରେ ୧୨ ପ୍ରତିଶତ ହ୍ରାସ ପାଇବ ବୋଲି ପୂର୍ବରୁ ଜାତିସଂଘ ଆକଳନ କରିସାରିଛି। ସମ୍ଭବତଃ ସେତେବେଳେ ବୟସ୍କଙ୍କ ସଂଖ୍ୟା ବଢ଼ିବା ଚିନ୍ତାର କାରଣ ପାଲଟିବ।

**କୌଣସି ଦେଶରେ ଲୋକଶକ୍ତି ବହୁଳ ମାତ୍ରାରେ କମିଗଲେ ଉତ୍ପାଦନ କ୍ଷମତା ମଧ୍ୟ ହ୍ରାସ ପାଇବ। ଜାତିସଂଘ ରିପୋର୍ଟକୁ ଗଲେ ଯାହା କୁହାଯାଉଛି ଯେ, ଆଗାମୀ ସମୟରେ ମହିଳାମାନେ କ୍ୟାରିୟରକୁ ପ୍ରାଧାନ୍ୟ ଦେଇ ସନ୍ତାନ ପ୍ରସବକୁ ଅଣଦେଖା କରିବେ, ତାହା ହେଲେ ଜନସାଂଖ୍ୟିକ ସନ୍ତୁଳନ ବିଗିଡ଼ିଯିବା ଥୟ। ତେଣୁ ପ୍ରତ୍ୟେକ ଦେଶ ଜନସଂଖ୍ୟାକୁ ଉତ୍ପାଦନକ୍ଷମ ରଖିବା ଲାଗି ନୀତି ହେଉ ବା ସଚେତନତା ମାଧ୍ୟମରେ ପ୍ରୋତ୍ସାହନ ଦେବା ଦରକାର। ତାହା ହେଲେ ମହିଳାମାନେ କାର୍ଯ୍ୟ ଚାପରେ ପଡ଼ି ସନ୍ତାନ ଜନ୍ମ କରିବା ଲାଗି ଅମଙ୍ଗ ହେବେ ନାହିଁ। ଫଳରେ କାର୍ଯ୍ୟ ବି, ସନ୍ତାନ ବି ସମ୍ଭବ ହୋଇପାରିବ।**

ସାଧାରଣରେ କୁହାଯାଇଥାଏ କାର୍ଯ୍ୟ ନ କରି ବାସ କରୁଥିବା ଲୋକ ବା ଅନୁତ୍ପାଦନକ୍ଷମ ବ୍ୟକ୍ତି ଦେଶ ପାଇଁ ବୋଝ ହୋଇଥାଏ। ଯଦି ଅନେକ ଲୋକ ଯୋଗ୍ୟ ନ ହୋଇ ବସି ରହିବେ ତାହାର ପ୍ରଭାବ ଅର୍ଥନୀତି ଉପରେ ନକାରାତ୍ମକ ପ୍ରଭାବ ପକାଇବ। ସେତେବେଳେ ଜନସଂଖ୍ୟା ବୃଦ୍ଧି ଉତ୍ତମ ମାନବ ସମ୍ବଳ ଭାବେ ବିବେଚିତ ନ ହୋଇ ଉତ୍ପାଦନକ୍ଷମ ବ୍ୟକ୍ତିଙ୍କ ଉପରେ ଲାଉ ହେବେ। ସେହି ସମାନ ସ୍ୱରରେ କୁହାଯାଇପାରେ ଯେ, କୌଣସି ଦେଶରେ ଲୋକଶକ୍ତି ବହୁଳ ମାତ୍ରାରେ କମିଗଲେ ଉତ୍ପାଦନ କ୍ଷମତା ମଧ୍ୟ ହ୍ରାସ ପାଇବ। ଜାତିସଂଘ ରିପୋର୍ଟକୁ ଗଲେ ଯାହା କୁହାଯାଉଛି ଯେ, ଆଗାମୀ ସମୟରେ ମହିଳାମାନେ କ୍ୟାରିୟରକୁ ପ୍ରାଧାନ୍ୟ ଦେଇ ସନ୍ତାନ ପ୍ରସବକୁ ଅଣଦେଖା କରିବେ, ତାହା ହେଲେ ଜନସାଂଖ୍ୟିକ ସନ୍ତୁଳନ ବିଗିଡ଼ିଯିବା ଥୟ। ତେଣୁ ପ୍ରତ୍ୟେକ ଦେଶ ଜନସଂଖ୍ୟାକୁ ଉତ୍ପାଦନକ୍ଷମ ରଖିବା ଲାଗି ନୀତି ହେଉ ବା ସଚେତନତା ମାଧ୍ୟମରେ ପ୍ରୋତ୍ସାହନ ଦେବା ଦରକାର। ତାହା ହେଲେ ମହିଳାମାନେ କାର୍ଯ୍ୟ ଚାପରେ ପଡ଼ି ସନ୍ତାନ ଜନ୍ମ କରିବା ଲାଗି ଅମଙ୍ଗ ହେବେ ନାହିଁ। ଫଳରେ କାର୍ଯ୍ୟ ବି, ସନ୍ତାନ ବି ସମ୍ଭବ ହୋଇପାରିବ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | 9 | | 7 | |
| 3 | | | | | | | 2 | |
| | 7 | | 3 | | 6 | | | |
| 8 | | | | | | | | |
| | 9 | 6 | 7 | | 1 | 3 | | 2 |
| | | | | | | | | 4 |
| | | 9 | | | 3 | | | |
| | 8 | 5 | | | | 1 | | |
| | | 1 | 8 | 5 | | | | 7 |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 1 | 9 | 5 | 8 | 7 | 4 | 3 |
| 9 | 5 | 7 | 3 | 4 | 1 | 6 | 2 | 8 |
| 4 | 3 | 8 | 6 | 2 | 7 | 5 | 9 | 1 |
| 3 | 4 | 6 | 1 | 7 | 9 | 8 | 5 | 2 |
| 5 | 1 | 9 | 8 | 6 | 2 | 4 | 3 | 7 |
| 7 | 8 | 2 | 5 | 3 | 4 | 9 | 1 | 6 |
| 8 | 2 | 3 | 4 | 9 | 6 | 1 | 7 | 5 |
| 6 | 9 | 5 | 7 | 1 | 3 | 2 | 8 | 4 |
| 1 | 7 | 4 | 2 | 8 | 5 | 3 | 6 | 9 |

ଗତକାଲିର ଉତ୍ତର

# ତେରା ବୈଭବ ଅମର ରହେ ମା'



ମୋହନ ଚରଣ ମାଝୀ

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକୀ ବର୍ଷ ଚଳିତବର୍ଷ ବିଜୟା ଦଶମୀରୁ ଆରମ୍ଭ ହେବ। ଆଜିଠୁ ୧୦୦ ବର୍ଷ ପୂର୍ବେ ନାଗପୁରର ରେଶମୀବାଗଠାରେ ପୋତା ଯାଇଥିବା ମଞ୍ଜି ଆଜି ମହାଦ୍ରୁମରେ ପରିଣତ ହୋଇଛି। ଖାଲି ସଂଘର ବିଶାଳତା ନୁହେଁ, ୧୦୦ ବର୍ଷର ସଂଗଠନ ବିଶ୍ୱ ସାମ୍ନାରେ ବିଚାରର ଗଭୀରତାକୁ ମଧ୍ୟ ଅତି ସ୍ପଷ୍ଟ ଭାବରେ ପ୍ରତିପାଦିତ କରିଛି। ହାତଗଣତି ବାଳକ, ତରୁଣଙ୍କୁ ନେଇ ଖେଳପଡ଼ିଆରୁ ଡା. କେଶବ ବଳିରାମ ହେଡ୍‌ଗେୱାର ଆରମ୍ଭ କରିଥିବା ସଂଘ ଆଜି ସାରା ବିଶ୍ୱର ସବୁଠାରୁ ବଡ଼ ସଂଗଠନ। ବିଗତ ୧୦୦ ବର୍ଷର କଣ୍ଟକିତ ପଥର ଯାତ୍ରା, ଅନେକ ମହାନ୍ ବିଭୂତି, ଲକ୍ଷ ଲକ୍ଷ ସ୍ୱୟଂସେବକଙ୍କ ତ୍ୟାଗ, ତପସ୍ୟା, ବଳିଦାନ ଓ ସାଧନାର ଭିତ୍ତିଭୂମି ଉପରେ ଠିଆ ହୋଇଛି। ଶତାବ୍ଦୀ ବର୍ଷରେ ମୁଁ ଜଣେ ସାଧାରଣ ସ୍ୱୟଂସେବକ ଭାବରେ ସଂଘକୁ ଠିଆ କରିଥିବା ପିଢ଼ି ପରେ ପିଢ଼ିର ଅଧିକାରୀ, କାର୍ଯ୍ୟକର୍ତ୍ତା, ସ୍ୱୟଂସେବକ ତଥା ସଂଘ ବିଚାରକୁ ଜନ ଜନ ପର୍ଯ୍ୟନ୍ତ ପହଁଚାଇଥିବା ଶୁଭେଚ୍ଛୁ, ହିତ ଚିନ୍ତକ, ବୁଦ୍ଧିଜୀବୀ ଆଦି ସମସ୍ତଙ୍କୁ ଅଭିନନ୍ଦନ ଜଣାଉଛି। ଆଗାମୀ ଶତାବ୍ଦୀ ଶତାବ୍ଦୀ ଅନାଦି ଅନନ୍ତ କାଳପର୍ଯ୍ୟନ୍ତ ସଂଘ, ସଂଘ ବିଚାର-ପରିବାର ତଥା ସବୁର ମୂଳ ଆଧାର ଭାରତୀୟ ବିଚାର ଓ ଭାରତୀୟତା ସମଗ୍ର ମାନବ ଜାତିକୁ ପ୍ରଭାବିତ କରୁ ଏତିକି କାମନା କରୁଛି। ପରମ ବୈଭବଶାଳୀ ଭାରତ ବିଶ୍ୱଗୁରୁର ଆସନରେ ବସି ବିଶ୍ୱର ନେତୃତ୍ୱ ନେଉ ଆଜି ଦିନରେ ଜଗତ ଜନନୀ ମା' ଦୁର୍ଗାଙ୍କ ପାଖରେ ଏତିକି ପ୍ରାର୍ଥନା।

ବିଜୟା ଦଶମୀରେ ଖବରକାଗଜର ପ୍ରକାଶନ ବନ୍ଦ ରହୁଥିବାରୁ ଏହାର ଅବ୍ୟବହିତ ପୂର୍ବରୁ ଜଣେ ସ୍ୱୟଂସେବକ ଭାବରେ ମୋ ମନରେ ଉଙ୍କି ମାରୁଥିବା ଅନେକ ଭାବ ଓ ଭାବନାକୁ ମୋ ପ୍ରିୟ ଓଡ଼ିଶାବାସୀଙ୍କ ପାଖରେ ଉପସ୍ଥାପନ କରିବା ପାଇଁ ଆଜି ଏ ନିବନ୍ଧଟି ଲେଖିବସୁଛି।

ମୁଁ ମୋର ବାଳକ ଅବସ୍ଥାରେ ସ୍କୁଲ ଦିନରେ ସଂଘ ଶାଖା ଯିବା ଆରମ୍ଭ କରିଥିଲି। ଉଚ୍ଚଶିକ୍ଷା, ରୋଜଗାର ଏବଂ ତେଲଲୁଣ ଦୁନିଆରେ ପ୍ରାରମ୍ଭିକ ଅବସ୍ଥାରେ ସାମାଜିକ କାର୍ଯ୍ୟ, ରାଜନୀତି ମାଧ୍ୟମରେ ସମାଜ ସହ ଏକାକାର ହେବା ଦିନଗୁଡ଼ିକର ଇତିହାସକୁ ଆଜି ଯେତେବେଳେ ପର୍ଯ୍ୟାଲୋଚନା କରୁଛି, ସେତେବେଳେ ମୋ ପଛରେ ଯେଉଁ ଅଦୃଶ୍ୟ ହାତ ମୋ ସାଙ୍ଗରେ ରହିଛି, ତାହା ହେଉଛି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରେରଣାଦାୟୀ ବିଚାର।

ସ୍କୁଲ ଗଲାବେଳେ ଖାଲି ସଙ୍ଘ ଶାଖାକୁ ଯାଆନ୍ତି ନାହିଁ, ବରଂ ସେହିଠାରୁହିଁମୁଁଏବଂମୋ ଭଳି ଲକ୍ଷ ଲକ୍ଷ ଲୋକଙ୍କ ଜୀବନପଥ ତିଆରି ହୁଏ ଆଜି ମୁଁ ତାହା ଅନୁଭବ କରୁଛି। ଆମେ ସ୍ୱୟଂସେବକମାନେ ପରମ ପବିତ୍ର ଗୈରିକ ଧ୍ୱଜାକୁ ଆମର ଗୁରୁ ମାନୁ। ବ୍ୟକ୍ତି-ଗୌଣ, ନଶ୍ୱର କେବଳ ଏକ ମାଧ୍ୟମ ମାତ୍ର। ବିଚାର ଚିରନ୍ତନ ଓ ସଦା ନିରନ୍ତର। ସଂଘ କିଛି ନୂଆ ବିଚାର ଦେଇନି। ବରଂ ଅନାଦି ଅନନ୍ତ କାଳରୁ ଭାରତୀୟ ସଭ୍ୟତା ଓ ସଂସ୍କୃତିର ମୂଳ ତତ୍ତ୍ୱକୁ ପୁଣି ଲୋକାଭିମୁଖୀ କରିଛି। ହଜାର ହଜାର ବର୍ଷର ବିଦେଶୀ ଆକ୍ରମଣ। ଶକ, ହୁନ, ତାତାର, ମୋଗଲଙ୍କଠାରୁ ବ୍ରିଟିଶ୍ ପର୍ଯ୍ୟନ୍ତ ଆକ୍ରମଣକାରୀମାନେ ଭାରତୀୟ ସଭ୍ୟତାର ଚମକକୁ ମଳିନ କରି ଭାରତୀୟମାନଙ୍କ ମନରେ ଭାରତୀୟତା ପ୍ରତି ଅବିଶ୍ୱାସ ଓ ଅଶ୍ରଦ୍ଧା ନିର୍ମାଣର ଏକମେବ ଏଜେଣ୍ଡା ଥିଲା। ଊନବିଂଶ ଓ ବିଂଶ ଶତାବ୍ଦୀରେ ଏହି ମହାଷଡ଼ଯନ୍ତ୍ରର ମୁକାବିଲାର ମନ୍ତ୍ର ସଂଘ ହିଁ ଦେଇଛି। ୧୦୦ ବର୍ଷ ପୂର୍ବେ ଡା. କେଶବ ବଳିରାମ ହେଡ୍‌ଗେୱାରଙ୍କ ଉଦ୍ୟମ ସାରା ଦେଶରେ ମୋ ଭଳି କୋଟି କୋଟି ଭାରତୀୟଙ୍କୁ ପ୍ରଭାବିତ କରିଛି। ମୋଗଲ ଓ ପରେ ବ୍ରିଟିଶ୍ ଶାସନରେ ନିଜ ଗୌରବଶାଳୀ ଇତିହାସକୁ ଭୁଲି ଯାଉଥିବା ଭାରତୀୟ ସମାଜ ମନରେ ନିଜ ଧର୍ମ, ସଂସ୍କୃତି, ପରମ୍ପରା ଓ ଇତିହାସକୁ ନେଇ ଗର୍ବର ଭାବନା ସାରା ଦେଶରେ ସୃଷ୍ଟି କରିଛି। ଏହାର ଝଙ୍କାର ସମଗ୍ର ବିଶ୍ୱକୁ ମଧ୍ୟ ପ୍ରଭାବିତ କରିଛି।

ମୁଁ ଜଣେ ସ୍ୱୟଂସେବକ ଭାବରେ ଯେତିକି ବୁଝିଛି, ସଂଘ ୧୦୦ ବର୍ଷ ଯାତ୍ରାରେ କେବଳ ଓ କେବଳ ବ୍ୟକ୍ତି ନିର୍ମାଣ କାମରେ ଲାଗିଛି। ସଂଘର ବିଶ୍ୱାସ ବ୍ୟକ୍ତି ନିର୍ମାଣରୁ ହିଁ ରାଷ୍ଟ୍ର ନିର୍ମାଣ ସମ୍ଭବ। ସଂଘ ନିର୍ମାଣ କରୁଥିବା ବ୍ୟକ୍ତିମାନେ ସମାଜ ଜୀବନର ବିଭିନ୍ନ କ୍ଷେତ୍ରକୁ ଯାଇ ସଂଘ ପ୍ରଚାର କରୁଥିବା ଭାରତର ଚିରନ୍ତନ ଭାରତୀୟ ବା ହିନ୍ଦୁ ବିଚାର ଆଧାରରେ ସମାଜକୁ ସଂଗଠିତ ଓ ପ୍ରଭାବିତ କରିବାକୁ ପ୍ରାଣପାତ ଉଦ୍ୟମ କରିଛନ୍ତି। ସେ ସଂଘର୍ଷ ଚାଲିଛି ଏବଂ ଆଗାମୀ ପିଢ଼ି ପରେ ପିଢ଼ି ଚାଲୁରହିବ। କାରଣ ସଭ୍ୟତା ଚିରନ୍ତନ ଓ ନିରନ୍ତର ପ୍ରବାହ।

ସଂଘ ତିଆରି କରିଥିବା ବ୍ୟକ୍ତିମାନେ ପରବର୍ତ୍ତୀ ସମୟରେ ଦେଶର ବଡ଼ ବଡ଼ ଜନ ସଂଗଠନ ତିଆରି କରିଛନ୍ତି। ବିଦ୍ୟାର୍ଥୀ କ୍ଷେତ୍ରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବା ଏବିଭିପି ସବୁଠୁ ବଡ଼ ଛାତ୍ର ସଂଗଠନ। ଧର୍ମକ୍ଷେତ୍ରରେ ବିଶ୍ୱହିନ୍ଦୁ ପରିଷଦ, ମଜଦୁର କ୍ଷେତ୍ରରେ ମଜଦୁର ସଂଘ, ଶିକ୍ଷା କ୍ଷେତ୍ରରେ ବିଦ୍ୟା ଭାରତୀ। ଆହୁରି ଅନେକ ଜନ ସଂଗଠନ ସ୍ୱୟଂସେବକମାନେ ସୃଷ୍ଟି କରିଛନ୍ତି। ରାଜନୀତି କ୍ଷେତ୍ରରେ ଭାରତୀୟ ଜନତା ପାର୍ଟି ମଧ୍ୟ ସଂଘ ନିର୍ମାଣ କରିଥିବା ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରତିଷ୍ଠିତ ରାଜନୈତିକ କ୍ଷେତ୍ରରେ ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ସଂଗଠନ।

ସ୍ୱାଧୀନୋତ୍ତର ଭାରତର ଶାସନ ଭାର ଥିଲା କଂଗ୍ରେସ ହାତରେ। ମାତ୍ର ବାମପନ୍ଥୀ ବିଚାରରେ ପ୍ରଭାବିତ ବା ଅନ୍ତଃରାଷ୍ଟ୍ରୀୟ ଷଡ଼ଯନ୍ତ୍ର ପ୍ରଭାବରେ ଜାଣତରେ ଅଥବା ଅଜାଣତରେ ଭାରତୀୟ ଜନମନକୁ ଭାରତୀୟ ଧର୍ମ, ସଭ୍ୟତା ଓ ସଂସ୍କୃତିରୁ ଦୂରେଇ ଦେବାକୁ ଦେଶର ଶାସନ ବ୍ୟବସ୍ଥା ଖୋଲା ଛୁଟ୍ଦେଇଥିଲା। ଯଦି ୧୦୦ ବର୍ଷ ପୂର୍ବେ ଡାକ୍ତରଜୀ ସଂଘ ତିଆରି କରି ନ ଥାଆନ୍ତେ, ସଂଘକୁ ବ୍ୟକ୍ତି ନିର୍ମାଣର କେନ୍ଦ୍ର କରି ନ ଥା'ନ୍ତେ, ସଂଘର ସ୍ୱୟଂସେବକମାନେ ସମାଜ ଜୀବନର ବିଭିନ୍ନ କ୍ଷେତ୍ରରେ ବଡ଼ ବଡ଼ ଜନ ସଂଗଠନ ଓ ଜନ ଆନ୍ଦୋଳନ କରି ନ ଥା'ନ୍ତେ, ତା'ହେଲେ ଆମ ଦେଶ ଭାରତ– ଭାରତ ହୋଇ ରହିନଥାଆନ୍ତା ତ ?

ଆପଣମାନେ ମେକଲିଙ୍କ ନାଁ ଶୁଣିଥିବେ। ଯିଏ ବ୍ରିଟିଶ୍ ଶାସନ କାଳରେ ଭାରତରେ ନୂଆ ଶିକ୍ଷାନୀତି ମାଧ୍ୟମରେ ଭାରତର ନୂଆ ପିଢ଼ିକୁ ଭାରତଠାରୁ ଦୂରେଇ ଦେବା ପାଇଁ ବଡ଼ ଯୋଜନାର କ୍ରିୟାନ୍ୱୟନ କରିଥିଲେ। ମୁଁ ତାଙ୍କ ବକ୍ତବ୍ୟକୁ ଉଦ୍ଧୃତ କରୁଛି, ମୁଁ ଭାରତର ବିଭିନ୍ନ ସ୍ଥାନ ଭ୍ରମଣ କରିଛି ଏବଂ ମୁଁ ଜଣେ ବି ବ୍ୟକ୍ତିଙ୍କୁ ଦେଖିନାହିଁ, ଯିଏ ଭିକାରି କିମ୍ବା ଚୋର। ମୁଁ ଏହି ଦେଶରେ ଏତେ ଧନ, ଏତେ ଉଚ୍ଚ ନୈତିକ ମୂଲ୍ୟବୋଧ, ଏତେ କ୍ଷମତାର ଲୋକ ଦେଖିଛି ଯେ ମୁଁ ଭାବୁନାହିଁ ଆମେ କେବେ ଏହି ଦେଶକୁ ଜିତିପାରିବୁ। ଯଦିଆମେଏହିଦେଶରଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ଐତିହ୍ୟକୁ ଭାଙ୍ଗି ଦେଇ ପାରିବା, ତେବେ ଏ ଜାତିର ମେରୁଦଣ୍ଡ ଭାଙ୍ଗିଯିବ। ମୁଁ ପ୍ରସ୍ତାବ ଦେଉଛି ଯେ ଆମେ ଏହାର ପୁରୁଣା ଏବଂ ପ୍ରାଚୀନ ଶିକ୍ଷା ବ୍ୟବସ୍ଥା, ଏହାର ସଂସ୍କୃତିକୁ ବଦଳାଇବା, କାରଣଯଦି ଭାରତୀୟମାନେ ଭାବିବେ ଯେ, ଯାହା କିଛି ବିଦେଶୀ ଏବଂ ଇଂରାଜୀ ତାହା ସବୁ ଭଲ ଏବଂ ସେମାନଙ୍କ ନିଜସ୍ୱ ଜିନିଷ ଅପେକ୍ଷା ବେଶୀ ମୂଲ୍ୟବାନ୍, ତେବେ ସେମାନେ ସେମାନଙ୍କର ଆତ୍ମସମ୍ମାନ, ସେମାନଙ୍କର ସ୍ୱଦେଶୀ ସ୍ୱାଭିମାନ ହରାଇବେ ଏବଂ ସେମାନେ ଆମେ ଯାହା ଚାହୁଁଛେ, ଅର୍ଥାତ୍ ଆମ ନିୟନ୍ତ୍ରଣାଧୀନ ରାଷ୍ଟ୍ର ହୋଇଯିବେ। ଏହା ଥିଲା ୧୮୩୫ ମସିହା ଫେବୃୟାରୀ ୨ ତାରିଖରେ ଲର୍ଡ ମେକଲିଙ୍କର ବ୍ରିଟିଶ୍ ପାର୍ଲାମେଣ୍ଟରେ ଭାଷଣ।

ବୋଧହୁଏ ବାବରରୁ ଔରଙ୍ଗଜେବଙ୍କ ପର୍ଯ୍ୟନ୍ତ ମୋଗଲ ଆକ୍ରମଣକାରୀମାନେ ଖଣ୍ଡା ଧରି ଧର୍ମ ପରିବର୍ତ୍ତନ କରି ଯାହା ଭାରତୀୟ ସଭ୍ୟତା ଓ ସଂସ୍କୃତିକୁ କ୍ଷତି ପହଁଚାଇ ପାରି ନ ଥିଲେ, ମେକଲି ନୂଆ ଶିକ୍ଷାନୀତି ପ୍ରଚଳନ କରି ଭାରତୀୟ ନୂଆ ପିଢ଼ିଙ୍କର ରଙ୍ଗ କଳା, ମାତ୍ର ମାନସିକତା ଗୋରା ବା ବିଦେଶୀ କରିବାର ଚେଷ୍ଟାରେ ବହୁ ମାତ୍ରାରେ ସଫଳ ହେଲେ। ମାତ୍ର ମେକଲି ଓ ବ୍ରିଟିଶ ବୁଝି ନ ଥିଲେ ବିଶ୍ୱର ପ୍ରଥମ ସଭ୍ୟତା ଭାରତର ମୂଳଦୁଆ କେତେ ମଜଭୁତ। ଏ ସଭ୍ୟତାର ଚେର ପାତାଳଭେଦୀ । ଡାଳପତ୍ର ଯେତେ ଭାଙ୍ଗିଲେ ବି ପାତାଳଭେଦି ଚେରରୁ ପୁଣି ନୂଆ ସୃଜନ ସମ୍ଭବ। ବ୍ରିଟିଶ୍ ହୁଏତ ଶିକ୍ଷାନୁଷ୍ଠାନରେ ମେକଲିପୁତ୍ର ସୃଷ୍ଟି ପାଇଁ ଉଦ୍ୟମ କଲେ। ମାତ୍ର ଆମ ପରିବାର ବ୍ୟବସ୍ଥା, ଆମ ରାମାୟଣ, ମହାଭାରତ, ବେଦ, ଉପନିଷେଦ ଓ ପୂଜା ପର୍ବରେ ସଂସ୍କୃତି ଆମ ସଭ୍ୟତାକୁ ବଞ୍ଚାଇ ରଖିଲା।

୧୯୨୫ରେ ଡାକ୍ତରଜୀ ସଂଘ ନାଁରେ ନୀରବ ବିପ୍ଳବର ସୂତ୍ରପାତ କଲେ। ନାଗପୁର ଓ ମହାରାଷ୍ଟ୍ରରୁ ଯୁବକମାନଙ୍କୁ ବୈଚାରିକ ଓ ସାଂଗଠନିକ ଯୋଦ୍ଧା ଭାବରେ ଗଢ଼ିଲେ। ଭାରତ ସବୁ ରାଜ୍ୟକୁ ଯାଇ ସଂଘର ମୂଳ ଆଧାର ଶାଖା ମାଧ୍ୟମରେ ଖେଳପଡ଼ିଆ ବା ସଂଘ ସ୍ଥାନରେ ମେକଲି ଓ ବାମପନ୍ଥୀଙ୍କ ଷଡ଼ଯନ୍ତ୍ରକୁ ନଷ୍ଟଭ୍ରଷ୍ଟ କରି ଭାରତୀୟ ହିନ୍ଦୁ ସନାତନୀ ବିଚାରରେ ଜୟଘୋଷର ମୂଳଦୁଆ ପକାଇଲେ। କହିବାକୁ ଗଲେ ଦେଶର ସରକାରୀ ଔପଚାରିକ ଶିକ୍ଷା ବ୍ୟବସ୍ଥା ବାହାରେ ସଙ୍ଘ ଶାଖା ମାଧ୍ୟମରେ ଓପନ୍ ୟୁନିଭର୍ସିଟି ବା ମୁକ୍ତ ବିଶ୍ୱବିଦ୍ୟାଳୟ ଖୋଲିଲା। ଯାହା ଯୁବପିଢ଼ିଙ୍କୁ ସତ୍ୟ ସହ ପରିଚୟ କରାଇଲା। ମେକଲି– ବାମପନ୍ଥୀଙ୍କ ପ୍ରତି କଂଗ୍ରେସ ପୃଷ୍ଠପୋଷକତା ଫସରଫାଟିଲା।

ମୋର ସୌଭାଗ୍ୟ ମହାରାଷ୍ଟ୍ରରୁ ଆସି ନିଜ ଜୀବନକୁ ସମର୍ପିତ କରି ଆମ ରାଜ୍ୟରେ ସଂଘର ମୂଳଦୁଆ ପକାଇଥିବା ବାବୁରାଓ ପାଲଧିଙ୍କର ହୁଅନ୍ତୁ ବା ବାବୁରାଓ ଦେଶପାଣ୍ଡେ ହୁଅନ୍ତୁ ଅଥବା ଅରବିନ୍ଦ ଚୌଥାଇୱାଲେ ହୁଅନ୍ତୁ ସେମାନଙ୍କୁ ସାକ୍ଷାତ୍ କରିବା ଓ ସାନିଧ୍ୟ ଲାଭ କରିପାରିଛି। ଏମାନେ ପ୍ରଚାରକ ଥିଲେ। ପରିବାରକୁ ଛାଡ଼ି, ଅବିବାହିତ ରହି ସମାଜର ବଡ଼ ବର୍ଗର ବିରୋଧ, ଲାଞ୍ଛନାକୁ ଖାତିର ନ କରି ସେମାନେ ସଂଘ ପାଇଁ କାମ କରୁଥିଲେ। ସଂଘ କେବଳ ମାଧ୍ୟମ ଥିଲା। ସେମାନେ କେବଳ ହିଁ କେବଳ ରାଷ୍ଟ୍ର ପାଇଁ ସମର୍ପିତ ଥିଲେ। ଆକୁମାରୀ ହିମାଳୟ ଏଭଳି ସର୍ବତ୍ୟାଗୀ ପ୍ରଚାରକଙ୍କ ବଳିଦାନ ଉପରେ ହିଁ ବ୍ୟକ୍ତି ନିର୍ମାଣ ଓ ଏହି ବ୍ୟକ୍ତିମାନଙ୍କ ଦ୍ୱାରା ରାଷ୍ଟ୍ରର ସ୍ୱାଭିମାନ ଓ ଆତ୍ମପରିଚୟର ଜୟଯାତ୍ରା ହୋଇଛି।

ଆମର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ସଙ୍ଘର ବ୍ୟକ୍ତି ନିର୍ମାଣ କେନ୍ଦ୍ରର ଜଣେ ବିଭୂତି। ମୋଦୀଜୀଙ୍କ ବିଚାରକୁ ଦୁଇ ଶବ୍ଦରେ କହିଲେ ବିକାଶ ଭି ବିରାସତ୍ ଭି । ଦେଶର ବିରାସତ୍‌କୁ ବଞ୍ଚାଇ ରଖିବାର ୧୦୦ ବର୍ଷରେ ପଦାର୍ପଣ କରିଥିବା ସଂଘ ସବଠାରୁ ବଡ଼ ଯୋଗଦାନ ଦେଇଛି। ଆମ ମାତୃଭୂମି ଖାଲି ଭୂଖଣ୍ଡ ନୁହେଁ, ଏହା ଜୀବନ୍ତ ରାଷ୍ଟ୍ର ପୁରୁଷ। ଯଦି ସଂଘ ଓ ଅନେକ ଆଧ୍ୟାତ୍ମିକ ସଙ୍ଗଠନ ଓ ବ୍ୟକ୍ତିବିଶେଷ ମୋଗଲ-ବ୍ରିଟିଶ୍-ବାମପନ୍ଥୀ ଓ କଂଗ୍ରେସୀ ବିଚାରଧାରା ସହ ଲଢ଼ି ଭାରତୀୟ ସଭ୍ୟତାର ପ୍ରଚାର କରିନଥାନ୍ତେ, ତା'ହେଲେ ଆମେ କେଉଁଠି ଥାଆନ୍ତେ ?


ସଂଘ ବାରମ୍ବାର ଷଡ଼ଯନ୍ତ୍ରର ଅଂଶ ସ୍ୱରୂପ ପ୍ରତିବନ୍ଧର ଶିକାର ହୋଇଛି। ମାତ୍ର ପାକିସ୍ତାନ ସହ ଯୁଦ୍ଧ ହେଉ, ଚୀନ ସହ ବା ବାଂଲାଦେଶ ମୁକ୍ତି ସଂଗ୍ରାମ– ଦେଶର ସରକାର ସଂଘର ସହଯୋଗ କାମନା କରିଛି ଓ ସଂଘ ନିଷ୍ଠା ଓ ଦେଶପ୍ରେମର ପରିଚୟ ଦେଇଛି। ପ୍ରାକୃତିକ ଦୁର୍ବିପାକ ଦେଶର ଯେଉଁଠି ହେଉ ସଂଘର ସ୍ୱୟଂସେବକମାନେ ପ୍ରଥମେ ପହଞ୍ଚିଛନ୍ତି। ଖାଲି କାମ ନୁହେଁ, ପ୍ରଚାରକ ଓ ସ୍ୱୟଂସେବକମାନଙ୍କ ଶବ୍ଦ ପଛରେ ଜୀବନର ସାଧନା କାର୍ଯ୍ୟକୁ ସଫଳ କରିଛି।

ନିଜେ କିଛି ନୁହେଁ, ରାଷ୍ଟ୍ର ସର୍ବୋପରି। ତେରା ବୈଭବ ଅମର ରହେ ମା', ହମ୍‌ଦିନ ଚାରର ହେନା ରହେ, ଏହାହିଁ ସଂଘର ସମର୍ପଣଭାବର ପରିପ୍ରକାଶ। ସଙ୍ଘ ମାନେ ଭାରତୀୟ ବିଚାର କାଳଜୟୀ ହେଉ। ଭାରତ ବିଶ୍ୱଗୁରୁ ହେଉ। ସଙ୍ଘର ୧୦୦ ବର୍ଷ ପାଳନ ଅବସରରେ ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଭାରତ ମାତାକି ଜୟ !

**ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର**

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକୀ ଅବସରରେ



ମାଧବ ସଦାଶିବରାଓ ଗୋଲୱାଲକର



କେଶବ ବଳିରାମ ହେଡ୍‌ଗେୱାର

# ଧାଡ଼ିସୂତ୍ରରେ ବନ୍ଧା ମଣିଷ



ଦେବାଶିଷ ରଥ

ଦୁଇଟି ଅକ୍ଷରର ବିଶିଷ୍ଟ ଧାଡ଼ି ଶବ୍ଦ ଅଭିଧାନ ପାଇଁ ଯେପରି ଏକ ସରଳ ଶବ୍ଦ, ସେପରି ଆଜିକାଲିର ଦୈନନ୍ଦିନ ସାମାଜିକ ଜୀବନ ପାଇଁ ଏକ ସାଧାରଣ ବ୍ୟବସ୍ଥିତ କ୍ରମ। ଯେଉଁଠି ଜଣଙ୍କ ପରେ ଜଣେ କିମ୍ବା ଗୋଟିଏ ପରେ ଗୋଟିଏ ଭଳି କ୍ରମକୁ ପ୍ରାଧାନ୍ୟ ଦିଆଯାଇଥାଏ। ଧାଡ଼ି ସହ ସମ୍ବନ୍ଧିତ ପ୍ରୟୋଗାତ୍ମକ ଅବଧାରଣା ବିଦ୍ୟାଳୟସ୍ତରରୁ ହିଁ ଆରମ୍ଭ ହୋଇଥାଏ। ବିଦ୍ୟାଳୟ ଶିକ୍ଷା ପରେ ମଧ୍ୟ ମଣିଷର କ୍ରିୟାନୁଗତ ଅନୁଭୂତି ଧାଡ଼ିର କ୍ରମ ସହ ଯୋଡ଼ି ହୋଇ ରହିଥାଏ। କେତେବେଳେ ମଣିଷ ଧାଡ଼ିର ସବା ଆଗରେ ରହି ତ୍ୱରାନ୍ୱିତ କ୍ରିୟାଶୀଳତା ସମନ୍ୱିତ ଆବେଗମୟ ମାନସିକତାରେ ବିଶେଷ ଭିନ୍ନତ୍ୱର ଅନୁଭବ କରିଥାଏ ତ କେତେବେଳେ ସବା ପଛରେ ରହି ମନ୍ଥର କ୍ରିୟାଶୀଳତାର ଉଦାହରଣ ସୃଷ୍ଟି କରିଥାଏ। ଯଦି ଧାଡ଼ିଟି ବହୁତ ଦୂରଯାଏ ଲମ୍ବି ଯାଇଥାଏ, ତେବେ ତ ଧାଡ଼ିର ସବା ପଛରେ ରହି ଯାହାକୁ ହେଲେ ବି ଦୀର୍ଘ ସମୟର ପ୍ରତୀକ୍ଷା କରିବାକୁ ପଡ଼ିଥାଏ। କେବେ ଧାଡ଼ିରେ ମଝିରେ ଥିବା ବ୍ୟକ୍ତିର ପ୍ରତିକ୍ରିୟାକୁ ଉପଲବ୍ଧି କରିଛନ୍ତି କି? ତାହା ତ ନିଶ୍ଚିତ ରୂପ ଭିନ୍ନ ଧରଣର ହୋଇଥାଏ। ସେ କେବଳ ଆଗକୁ ପଛକୁ ଚାହିଁ ନିଜର ଅବସ୍ଥାନର ଆକଳନ କରୁଥାଏ। ଆଗକୁ ଚାହିଁ ମନ ଟିକିଏ ଉଣା କରିଦେଇ ଭାବୁଥାଏ ଯେ କେତେ ଜଣ ତା'ଠାରୁ କେତେ ପାଦ ଆଗୁଆ ରହିଯାଇଛନ୍ତି। ପୁଣି ପଛକୁ ଚାହିଁ ମନକୁ ଟିକିଏ ଆଶ୍ୱସ୍ତ କରିନିଏ ଯେ ତା' ପଛରେ ମଧ୍ୟ ଅନେକ ଅଛନ୍ତି; ଯେଉଁମାନେ ତା'ଠାରୁ କାହିଁ କେତେ ପଛରେ ଅଛନ୍ତି। ସମସ୍ତଙ୍କ ପାଇଁ କେଉଁଠି ଓଡ଼ିଆ ଭାଷାରେ ବଡ଼ ବଡ଼ ଅକ୍ଷରରେ ଲେଖା ଯାଇଥାଏ ''ଦୟା କରି ଧାଡ଼ିରେ ଆସନ୍ତୁ'' ତ କେଉଁଠି ଇଂଲିଶ୍‌ରେ ଲେଖା ଯାଇଥାଏ, "PLEASE STAND IN A QUEUE" ତ ଆଉ କେଉଁଠି ଅନ୍ୟ କେଉଁ ଭାଷାରେ। ଏପରି ପ୍ରାୟୋଜିତ ବ୍ୟବସ୍ଥା ସାଧାରଣତଃ ପ୍ରତ୍ୟେକଙ୍କ ପାଇଁ ଏକ ସକ୍ରିୟତାର ମୂଲ୍ୟବୋଧ ସୃଷ୍ଟି କରିଥାଏ, ଯଦ୍ଦ୍ୱାରା ସେମାନଙ୍କ ମଧ୍ୟରେ ପ୍ରତିଯୋଗୀ ମନୋଭାବର ଉଦ୍ରେକ ହୁଏ।

ସବା ପଛରେ ପଡ଼ିଥିବା ବ୍ୟକ୍ତି କିମ୍ବା ତା'ଠାରୁ କିଛି ପାଦ ଆଗରେ ଥିବା ବ୍ୟକ୍ତିଙ୍କୁ କିଛି ମୁହୂର୍ତ୍ତର ପ୍ରତୀକ୍ଷା କରିବାକୁ ହିଁ ପଡ଼ିଥାଏ। ଏହି ପ୍ରତୀକ୍ଷାର ବ୍ୟବଧାନ ଆଗ ଓ ପଛ ମଧ୍ୟରେ ସର୍ବଦା ଅନ୍ତରାୟ ହୋଇ ରହିଆସିଛି। ''ଯିଏ ଆଗୁଆ ସିଏ ସବୁବେଳେ ହିଁ ଆଗୁଆ, ଯିଏ ପଛୁଆ ସେ ସବୁବେଳେ ହିଁ ପଛୁଆ'' ଏଭଳି ଦୃଢ଼ୋକ୍ତିକୁ ସାଧାରଣ ଭାବେ ସହମତି ମିଳିଛି। ଯେତେବେଳେ ଦାୟିତ୍ୱବୋଧରେ ଅସମନ୍ୱୟତା ଆସିଯାଏ, ସେତେବେଳେ ଏହାର ଏକ ଅମୂଳକ ବ୍ୟତିକ୍ରମ ପରିଲକ୍ଷିତ ହୁଏ। ବାସ୍ତବିକ ପଛୁଆ ବ୍ୟକ୍ତିଟି ଯେତେବେଳେ ଆଗୁଆ ଚାଲେ ଅଥଚ ଆଗୁଆ ବ୍ୟକ୍ତି କେବେ ବି ପଛୁଆ ହୋଇ ରହେନା, ସେତେବେଳେ କ୍ରିୟାନୁଗତ ଆଭିମୁଖ୍ୟତାରେ କ୍ରମବିଚ୍ୟୁତି ପରିଲକ୍ଷିତ ହୋଇଥାଏ। ଏହା ଦାୟିତ୍ୱବୋଧର ପରିପନ୍ଥୀ କହିଲେ ଅତ୍ୟୁକ୍ତି ହେବ ନାହିଁ। ଜଣେ ଦାୟିତ୍ୱସମ୍ପନ୍ନ ବ୍ୟକ୍ତି ନା କେବେ ନିଜ ଦାୟିତ୍ୱରୁ ଓହରିଯାଏ ନା ଦାୟିତ୍ୱ ତାକୁ କେବେ ନିଜ ପାଖରୁ ଛାଡ଼ିବାକୁ ଦିଏ। ଦାୟିତ୍ୱକୁ ନିଜଠାରୁ ଦୂରେଇ ଦେଇଥିବା ବ୍ୟକ୍ତି ଜଣଙ୍କ ବେଳେବେଳେ ସମସ୍ୟା ଘେରରେ ଏ ଭଳି ଛନ୍ଦି ହୋଇଯାଏ ଯେ, ସେଥିରୁ ମୁକୁଳିବା ପାଇଁ ବିକଳ୍ପ ପନ୍ଥା ଖୋଜୁଥାଏ। କେତେବେଳେ ସେହି ବିକଳ୍ପ ପନ୍ଥା ତା' ପାଇଁ ଅନୁକୂଳ ହୋଇଥାଏ ତ କେତେବେଳେ ପ୍ରତିକୂଳ। ଦାୟିତ୍ୱସୂତ୍ର ସହ ସଂଯୋଜିତ ଜୀବନ କର୍ତ୍ତବ୍ୟବୋଧର ଶିକ୍ଷା ଦେଇଥାଏ, ଯେଉଁଠି ଧାଡ଼ି ରୂପେ ନିର୍ଦ୍ଦିଷ୍ଟ କ୍ରମାନ୍ୱୟତାର ପ୍ରଦର୍ଶନ ଏକ ସୂଚନାତ୍ମକ ନମୁନା ମାତ୍ର।

**ରାମେଶ୍ୱର, ଖୋର୍ଦ୍ଧା**
**ମୋ: ୯୯୩୮୭୪୭୮୨୧**

## ଏଇ ଭାରତରେ

ଦଶହରାରେ ଭାଇଚାରା ଓ ଧର୍ମ ସମନ୍ୱୟର ବର୍ତ୍ତା ଦେଉଛି ଉତ୍ତରପ୍ରଦେଶ ହାପୁର ଜିଲାର ଏକ ମୁସଲମାନ ପରିବାର। ତିନି ଦଶନ୍ଧି ହେଲା ଏହି ପରିବାର ରାବଣପୋଡ଼ିରେ ବିରାଟକାୟ ରାବଣର ପିତୁଳା ବା ପ୍ରତିକୃତି ତିଆରି କରିଆସୁଛି। ଏବକାର ପିଢ଼ିର ମସୁମ ଅଲି ଏବେ ଏହି କାର୍ଯ୍ୟ ତୁଲାଉଛନ୍ତି। ସେ ୭୦ ଫୁଟ ଉଚ୍ଚ ରାବଣ, ମେଘନାଦ ଓ କୁମ୍ଭକର୍ଣ୍ଣ ପ୍ରତିକୃତି ତିଆରି କରୁଛନ୍ତି। ମସୁମ କହନ୍ତି ୧୦୦ ବର୍ଷ ହେଲା ତାଙ୍କ ପୂର୍ବଜ ଏହି କାମ କରିଛନ୍ତି ଓ ଆଗାମୀ ପିଢ଼ି ମଧ୍ୟ ଏହା ଜାରି ରଖିବେ। ମସୁମଙ୍କୁ ଏବେ ତାଙ୍କ ଶାଳକ ସାହାଯ୍ୟ କରୁଛନ୍ତି ଏବଂ ସେ କହନ୍ତି, ସେମାନେ ପ୍ରତିବର୍ଷ ଯେଉଁଭଳି ଇଦ୍‌କୁ ଚାହିଁ ରହିଥାନ୍ତି ସେହିଭଳି ଦଶହରା ଅପେକ୍ଷାରେ ରହନ୍ତି। ପ୍ରତିବର୍ଷ ହାପୁରର ଫିଲଖୁଆରେ ରାବଣ, ମେଘନାଦ ଓ କୁମ୍ଭକର୍ଣ୍ଣ ପୋଡ଼ି ଉତ୍ସବ ଦଶହରାର ସନ୍ଧ୍ୟାବେଳେ ଅନୁଷ୍ଠିତ ହୋଇଥାଏ। ମସୁମଙ୍କ ପରିବାର ଏହି ତିନୋଟି ପ୍ରତିକୃତି ତିଆରି କରିବା ପାଇଁ ଆବଶ୍ୟକୀୟ ଉପକରଣ, ରଙ୍ଗ ଇତ୍ୟାଦି ପ୍ରସ୍ତୁତ କରିବାରେ ମାସ ମାସ ସମୟ ଦେଇଥାନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ବେକାରି ଭତ୍ତା କେବେ

ମହାଶୟ,

ବିହାରରେ ବେକାରଙ୍କ ପାଇଁ ୧ ହଜାର ଟଙ୍କା ଦେବା ବ୍ୟବସ୍ଥା ହେବା ପରେ ଓଡ଼ିଶାରେ ଏଭଳି ଏକ ଆବଶ୍ୟକତା ପ୍ରତି ସରକାର ଦୃଷ୍ଟି ଦେବେ କି ? ନେତା ଓ ମନ୍ତ୍ରୀଙ୍କ ଦ୍ୱାରା ହାତଗଣତି ନିଯୁକ୍ତିପତ୍ର ବଣ୍ଟନକରି ବେକାରି ଦୂରୀକରଣ ବାହାଦୁରି ନେଇ ଗଣମାଧ୍ୟମକୁ ତଥ୍ୟ ଦେଲେ ବାସ୍ତବ ବେକାରି ତଥ୍ୟ ଓ ସେମାନଙ୍କ ସମସ୍ୟା ଲୁଚିଯିବ କି ? ଗୃହରକ୍ଷୀ ପଦବୀ ପାଇଁ ପ୍ରତିଯୋଗିତାର ସମ୍ମୁଖୀନ ହୋଇ ପ୍ରାର୍ଥୀଙ୍କ ଦୁଃଖଦ ମୃତ୍ୟୁ କ'ଣ ଓଡ଼ିଶାର ବେକାରି ସ୍ଥିତି ସମ୍ପର୍କରେ ଏକ ଜ୍ୱଳନ୍ତ ନମୁନା ନୁହେଁ କି । କାମ ଅଭାବରେ ବୟସ ଥିବା ବହୁ ଯୁବତୀଯୁବକ କାମ ଖୋଜିବାକୁ ବାହାର ରାଜ୍ୟକୁ ଚାଲିଯାଇ ଦୁର୍ଦ୍ଦଶା ଭୋଗୁଛନ୍ତି। ଏ ପ୍ରେକ୍ଷାପଟରେ ଆମ ରାଜ୍ୟରେ ବେକାର ସଂଜ୍ଞା କାହା ପାଇଁ ପ୍ରଯୁଜ୍ୟ, ତାହା ଅସ୍ପଷ୍ଟ । ଏଣୁ ନିର୍ଦ୍ଧାରିତ ମାନଦଣ୍ଡ ମାଧ୍ୟମରେ ବେକାରି ଭତ୍ତା ମିଳିଲେ ସେମାନଙ୍କର ଆବଶ୍ୟକତାର କିୟଦଂଶରେ ପୂରଣ ହୁଅନ୍ତା।

**–ଡି.ପି. ତ୍ରିପାଠୀ, ଶ୍ରୀନିବାସ ବିହାର, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କୁଞ୍ଚିତ ତବ ବକ୍ଷବାସରୁ
ଫୁଟିଦିଶୁ ଯଉବନ
ସ୍କନ୍ଧୁ କନକ ହାର ଝୁଲିପଡ଼ୁ
ଫଣୀ ସମ ସଚେତନ !
–(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଦଶହରା: ମାତୃଶକ୍ତି ବନ୍ଦନାର ଅନନ୍ୟ ପରମ୍ପରା



ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ସୃଷ୍ଟି ସ୍ଥିତି ବିନାଶାନାଂ ଶକ୍ତିଭୂତେ ସନାତନୀ। ଗୁଣାଶ୍ରେୟ ଗୁଣମୟେ ନାରାୟଣୀ ନମୋସ୍ତୁତେ ॥

ସୃଷ୍ଟି (ସୃଜନ), ସ୍ଥିତି (ପାଳନ) ଏବଂ ବିନାଶର (ସଂହାର) ଶାଶ୍ୱତ ଶକ୍ତି, ପରମ ଓ ମୌଳିକ ଶକ୍ତିର ଅଧିକାରିଣୀ, ସର୍ବବ୍ୟାପ୍ତ; ହେ ସନାତନୀ ଦେବୀ, ସର୍ବଗୁଣସମ୍ପନ୍ନୀ, ସର୍ବଗୁଣମୟୀ ନାରାୟଣୀଙ୍କୁ ଭକ୍ତିପୂତ ପ୍ରଣାମ। ଆଜି ସାରା ଦେଶ ବିଜୟା ଦଶମୀ ହର୍ଷ, ଉଲ୍ଲାସ ଓ ଆନନ୍ଦରେ ପାଳନ କରୁଛି। ଏହା ଏକ ଅପୂର୍ବ ସଂଯୋଗ ଯେ ଚଳିତବର୍ଷ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୬ତମ ଜୟନ୍ତୀ ମଧ୍ୟ ଦଶହରା ଦିନ ପାଳନ ହେଉଛି। ଖଳ ବ୍ରିଟିଶ୍ ଶାସକ ବିରୁଦ୍ଧରେ ହୋଇଥିବା ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେଇ ଦେଶକୁ ସ୍ୱାଧୀନ କରିବାରେ ମହତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ଆଜିର ଦିନରେ ଭାରତମାତାଙ୍କ ଆଉ ଜଣେ ସୁଯୋଗ୍ୟ ସନ୍ତାନ, ଲାଲ ବାହାଦୁର ଶାସ୍ତ୍ରୀ ଜନ୍ମ ଗ୍ରହଣ କରି 'ଜୟ ଯବାନ, ଜୟ କିଷାନ' ନାରାରେ ସାରା ଦେଶକୁ ଉଦ୍‌ବୁଦ୍ଧ କରିଥିଲେ। ଏହି ଉଭୟ ବରପୁତ୍ରଙ୍କ ଜୟନ୍ତୀ ଉପଲକ୍ଷେ ଆଜି ସାରା ଦେଶ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

ଗତ ମାସ ୨୨ ତାରିଖ ନବରାତ୍ରର ଶୁଭାରମ୍ଭରୁ ଆରମ୍ଭ ହୋଇଥିବା ଶାରଦୀୟ ଦୁର୍ଗାପୂଜାର ଆଜି ହେଉଛି ଅନ୍ତିମ ଦିବସ। ଦଶହରା ତଥା ବିଜୟା ଦଶମୀ ହେଉଛି ଦୁଷ୍ଟ ସଂହାରର ପ୍ରତୀକ। ଆଜିର ଦିନରେ ମା' ଦୁର୍ଗା ସଂପୂର୍ଣ୍ଣ ଦେବଶକ୍ତିରେ ସୁସଜ୍ଜିତ ହୋଇ ମହିଷାସୁରକୁ ବଧ କରିଥିଲେ ଏବଂ ଆଜିର ଦିନରେ ପ୍ରଭୁ ଶ୍ରୀରାମ ମା' ଦୁର୍ଗାଙ୍କ ଆଶୀର୍ବାଦରେ ଦାନବରାଜ ରାବଣକୁ ବଧ କରିଥିଲେ। ଉଭୟ ମହିଷାସୁର ଏବଂ ରାବଣ ହେଉଛନ୍ତି 'ଦୁଷ୍ଟ' ଚରିତ୍ର, ଅତ୍ୟାଚାରର ପ୍ରତୀକ। ତେଣୁ ସାରା ଭାରତ ବର୍ଷରେ ଦଶହରାକୁ 'ମନ୍ଦ ଉପରେ ଭଲର ବିଜୟ'ର ପ୍ରତୀକ ଭାବେ ପାଳନ କରାଯାଏ।

ଆଜି ହୁଏତ ମହିଷାସୁର କିମ୍ବା ରାବଣ ପରି ଅତ୍ୟାଚାରୀ ଦାନବ ସଶରୀରେ ନାହାନ୍ତି, କିନ୍ତୁ ଆଧୁନିକ ସମାଜରେ ମାନବରୂପୀ ଦାନବ ବିଚରଣ କରୁଛନ୍ତି। ଏମିତି କିଛି ଅସାମାଜିକ ତତ୍ତ୍ୱ ସମାଜର ଶାନ୍ତି, ସୌହାର୍ଦ୍ଦ୍ୟ ଏବଂ ଏକତା ନଷ୍ଟ କରିବାକୁ ବିଭିନ୍ନ ଘୃଣ୍ୟ କାର୍ଯ୍ୟ କରିଥାଆନ୍ତି। ସଭ୍ୟ ସମାଜରେ ତାଙ୍କର କୌଣସି ସ୍ଥାନ ନାହିଁ। ଏପରି ଦାନବୀୟ କୃତ୍ୟକୁ ସମାଜରୁ ନିର୍ମୂଳ କରିବା ପାଇଁ ଆଜିର ଦିନରେ ପ୍ରେରଣା ମିଳିଥାଏ। ମାନବ ଭିତରେ ଥିବା ଆସୁରିକ ମାନସିକତାକୁ ନିପାତ କରିବା 'ବିଜୟା ଦଶମୀ'ର ପ୍ରମୁଖ ବାର୍ତ୍ତା। ଅସାମାଜିକ ତତ୍ତ୍ୱ ନିଜ ଭିତରେ ରହିଥିବା ଏଇ ଆସୁରିକ ପ୍ରବୃତ୍ତିକୁ ନିର୍ମୂଳ କରନ୍ତୁ, ନ ହେଲେ ସେଥିପାଇଁ ସରକାର ସଦାସର୍ବଦା ଜାଗ୍ରତ ଅଛନ୍ତି।

ଏ ବର୍ଷର ନବରାତ୍ର ଏବଂ ଦୁର୍ଗାପୂଜାର ଉତ୍ସବକୁ ଦ୍ୱିଗୁଣିତ କରିଛି। ପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ନବରାତ୍ରିର ପ୍ରଥମ ଦିନରୁ ଲାଗୁ ହୋଇଥିବା ଜିଏସ୍‌ଟି ନେକ୍ସଟ୍ ଜେନେରେଶନ ସଂସ୍କାର। ପୂର୍ବ ଭାରତ ବିଶେଷ ଭାବେ ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ପାର୍ବଣ ଋତୁରେ ସାଧାରଣ ଜନତା ଘରକରଣା ଦ୍ରବ୍ୟଠାରୁ ଆରମ୍ଭ କରି ଖାଦ୍ୟ ପଦାର୍ଥ, ପୋଷାକ ଇତ୍ୟାଦି କ୍ରୟ କରିଥାଆନ୍ତି। ନୂତନ ଜିଏସ୍‌ଟି ସଂସ୍କାର ଫଳରେ ଦେଶ ତଥା ରାଜ୍ୟର ପ୍ରତ୍ୟେକ ପରିବାର କିଛି ନା କିଛି ସଞ୍ଚୟ କରିବେ। ଅର୍ଥନୀତିର ଗୋଟିଏ ପ୍ରମୁଖ ନୀତି ହେଉଛି, 'ଗୋଟିଏ ଟଙ୍କା ସଞ୍ଚୟ, ଅର୍ଥାତ୍ ଗୋଟିଏ ଟଙ୍କାର ଉପାର୍ଜନ'। ତେଣୁ ଓଡ଼ିଶାର ଜନସାଧାରଣ ଏହି ସଞ୍ଚୟ ଉତ୍ସବରେ ଅଂଶଗ୍ରହଣ କରି ଖୁସିକୁ ଦ୍ୱିଗୁଣିତ କରିଛନ୍ତି।

ଦୁର୍ଗାପୂଜାକୁ ଆହୁରି ଅଧିକ ଆନନ୍ଦମୟ କରି ତୋଳିଛି, ଦେବୀଙ୍କ ଆଗମନ ଦିନ ଏସିଆ କପ୍ କ୍ରିକେଟ୍‌ରେ ଭାରତର ପଡ଼ୋଶୀ ଦେଶ ଉପରେ ଐତିହାସିକ ବିଜୟ। ଏହି ବିଜୟ କେବଳ ଏକ ଖେଳରେ ବିଜୟ ନୁହେଁ, ଏହା ଏକ କୁତ୍ସିତ ମାନସିକତା, ରାବଣ ଓ ମହିଷାସୁର ପରି ଦାନବ ମଧ୍ୟରେ ଅନ୍ତର୍ନିହିତ ଆସୁରିକ ଶକ୍ତି ଉପରେ ବିଜୟର ପ୍ରତୀକ। ପହଲଗାମ୍ ନରସଂହାର ପରେ ଯେଉଁସବୁ ଘଟଣାଚକ୍ର ଅତିବାହିତ ହୋଇଯାଇଛି, ଦେଶବାସୀଙ୍କ ଏହି ବିଜୟକୁ ନେଇ ଉଦ୍ଦୀପନାଯୁକ୍ତ ପ୍ରତିକ୍ରିୟା ସ୍ୱାଭାବିକ।

ଦେବୀ ପୂଜନ ଭାରତୀୟ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଆମ ଧର୍ମଶାସ୍ତ୍ରରେ ଲେଖାଅଛି, 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ରମନ୍ତେ ତତ୍ର ଦେବତାଃ'। ଭାରତବର୍ଷରେ ତ ଦେବଦେବୀଙ୍କୁ ପୂଜା କରାଯାଇଥାଏ, କିନ୍ତୁ ମାନବରୂପୀ ମାତୃଶକ୍ତିର ବି ବନ୍ଦନା କରାଯାଇଥାଏ। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି, ନବରାତ୍ର ସମୟରେ 'କୁମାରୀ ପୂଜା'। ଯଦିଓ କୁମାରୀ ପୂଜାର ଅନେକ ବିଧି ଅଛି, ମହାନବମୀରେ ନ' ଜଣ ଅଳ୍ପ ବୟସ୍କା କୁମାରୀ କନ୍ୟାଙ୍କୁ ପୂଜା କରାଯାଇଥାଏ, ଯାହା 'ନବଦୁର୍ଗା'ଙ୍କ ନ' ପ୍ରକାର ସ୍ୱରୂପକୁ ଚିତ୍ରଣ କରିଥାଏ। ମାତୃଶକ୍ତି ବନ୍ଦନାର ଏପରି ପରମ୍ପରା କେବଳ ଭାରତୀୟ ସଂସ୍କୃତିରେ ଦେଖିବାକୁ ମିଳିଥାଏ। ଏପରି ରୀତିନୀତି ଆମକୁ ସବୁବେଳେ ସ୍ମରଣ କରାଇଥାଏ ଯେ, ମାତୃବନ୍ଦନା କେବଳ ପରମ୍ପରା ନୁହେଁ, ମାତୃଶକ୍ତିକୁ ସମସ୍ତେ ସବୁ ସମୟରେ ସମ୍ମାନ କରିବା ଉଚିତ।



ଆଜି ବୋଧହୁଏ ଭାରତୀୟ ସଭ୍ୟତା ପୃଥିବୀର ସର୍ବପୁରାତନ ବିଭିନ୍ନ ଝଡ଼ଝଞ୍ଜା ସତ୍ତ୍ୱେ ବଞ୍ଚି ରହିଥିବା ସଭ୍ୟତା। ଏହାର ଗୁପ୍ତ ରହସ୍ୟ ହେଉଛି, 'ବିବିଧତା ଭିତରେ ଏକତା'। ଦେଶର ବିଭିନ୍ନ ଅଞ୍ଚଳରେ ଦଶହରା ଓ ବିଜୟା ଦଶମୀ ଉତ୍ସବ ବିଭିନ୍ନ ପ୍ରକାରେ ପାଳନ କରାଯାଏ। ମହୀଶୂରର ପ୍ରସିଦ୍ଧ ଚାମୁଣ୍ଡେଶ୍ୱରୀ ପୂଜାରୁ ଆରମ୍ଭ କରି କୁଲୁ ଦଶହରାରେ ପ୍ରଭୁ ରଘୁନାଥଙ୍କ ପୂଜା; ସାରା ଦେଶରେ ବିଭିନ୍ନ ପ୍ରକାରେ ଆଜି ଦିନରେ ଜଗତ ଜନନୀଙ୍କ ଉପାସନା କରାଯାଏ। ଓଡ଼ିଶାରେ ପାରମ୍ପରିକ ରୀତିନୀତିରେ ମୁଖ୍ୟତଃ ମହିଷମର୍ଦ୍ଦିନୀ ଦେବୀ ଦୁର୍ଗା ପୂଜା ପାଇଥାଆନ୍ତି। ଓଡ଼ିଶାରେ ଶାରଦୀୟ ଦୁର୍ଗାପୂଜା ଅନନ୍ୟ, ସମସ୍ତ ଓଡ଼ିଶାବାସୀଙ୍କୁ ଏହି ପୂଜା ଏକତାର ସୂତ୍ରରେ ବାନ୍ଧିଥାଏ। ଆଜି ଦିନରେ ଲୋକେ ଶୁଭକାମ ବ୍ୟକ୍ତିଗତ ତଥା ବ୍ୟବସାୟିକ ସ୍ତରରେ ଅନୁକୂଳ ବି କରିଥାଆନ୍ତି।

ଜଗନ୍ନାଥ ସଂସ୍କୃତିରେ ଶକ୍ତିଙ୍କ ସ୍ଥାନ ସ୍ୱତନ୍ତ୍ର। ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଲାଗି ହେଉଥିବା ଭୋଗ ମା' ବିମଳାଙ୍କୁ ଅର୍ପଣ ହେଲା ପରେ ହିଁ 'ମହାପ୍ରସାଦ'ର ଆଖ୍ୟା ଲାଭ କରିଥାଏ। ଦୁର୍ଗା ଦଶମୀ ଦିନ ପ୍ରଭୁ ଶ୍ରୀରାମ ରାବଣକୁ ବଧ କରିଥିଲେ ଏବଂ ସଂସାରକୁ ଆସୁରିକ ଅତ୍ୟାଚାରରୁ ମୁକ୍ତ କରିଥିଲେ। ତେଣୁ ଦଶହରାକୁ 'ବିଜୟା ଦଶମୀ' ଭାବେ ପାଳନ କରାଯାଏ। ପ୍ରଭୁ ଶ୍ରୀରାମଙ୍କ ଅବତାର ପ୍ରଭୁ ଶ୍ରୀଜଗନ୍ନାଥ ଏହି ଦିନ ସୁନାବେଶ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦିଅନ୍ତି।

ଆଜି ଆମେ ଏକ ନୂତନ ସମୟରେ ଉପନୀତ ହୋଇଛୁ। ଆଧ୍ୟାତ୍ମିକ ସୁଖ ପ୍ରାପ୍ତି ଅପେକ୍ଷା ଭୌତିକ ସୁଖ ପଛରେ ସମସ୍ତେ ଧାଉଁଛନ୍ତି। କିନ୍ତୁ ସୌଭାଗ୍ୟବଶତଃ ଭାରତରେ ଏ ପର୍ଯ୍ୟନ୍ତ ଆଧ୍ୟାତ୍ମିକତା ଭାବ କେବଳ ଜୀବନ୍ତ ଅଛି ତାହା ନୁହେଁ, ଏହା ଅଧିକ ପରିପୁଷ୍ଟ ହେଉଛି। ବିଶେଷ ଖୁସିର କଥା ଯେ ଦେଶର ଯୁବ ସମାଜ ଆଧ୍ୟାତ୍ମିକତା ପ୍ରତି ଅଧିକ ଅନୁରାଗ ଦେଖାଉଛନ୍ତି। କୁମ୍ଭମେଳାରେ ରେକର୍ଡ ସଂଖ୍ୟକ ଶ୍ରଦ୍ଧାଳୁ ସ୍ନାନ କରିବା, ଅଯୋଧ୍ୟା ରାମ ମନ୍ଦିର ନିର୍ମାଣରେ ଯୁବ ଗୋଷ୍ଠୀଙ୍କ ଅବଦାନ, ଚଳିତ ପୁରୀ ରଥଯାତ୍ରାରେ ରେକର୍ଡ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଆଗମନ ଏହି ଆଧ୍ୟାତ୍ମିକତାର ଭାବକୁ ସୂଚିତ କରିଥାଏ।

ଦେଶର ଜନତାଙ୍କ ମଧ୍ୟରେ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ପୁନର୍ଜାଗ୍ରତ କରିବା ଦିଗରେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିଶେଷ ଭୂମିକା ରହିଛି। ସେ ଦେଶର ଶାସନ ଭାର ଗ୍ରହଣ କରିବା ପରେ ନାରା ଦେଇଥିଲେ, 'ବିକାଶ ଭି, ବୀରାସତ୍ ଭି'। ସେ କାୟମନୋବାକ୍ୟରେ ଏହି ଭାବନାକୁ ବ୍ୟକ୍ତିଗତ ସ୍ତରରେ ପାଳନ କରିଆସୁଛନ୍ତି। ଦେଶର ବିଭିନ୍ନ ମହତ୍ତ୍ୱପୂର୍ଣ୍ଣ ଧର୍ମୀୟ ସ୍ଥଳ ଯେପରିକି କାଶୀ ବିଶ୍ୱନାଥ କରିଡର, ମହାକାଳ କରିଡର, ଚାର୍‌ଧାମ ଯାତ୍ରା, ସେଙ୍ଗଲକୁ ଲୋକ ସଭାରେ ସ୍ଥାପନ କରିବା ପରି କାର୍ଯ୍ୟକ୍ରମ ଦ୍ୱାରା ଦେଶର ସାଂସ୍କୃତିକ ଚେତନାକୁ ଏକ ନୂତନ ଦିଗନ୍ତ ମିଳିଛି।

ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଏବଂ ଦୂରଦୃଷ୍ଟିରେ ପ୍ରେରିତ ହୋଇ ଓଡ଼ିଶା ସରକାର ବି ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ଶାସନ-ପ୍ରଶାସନର ଏକ ଅଭିନ୍ନ ଅଙ୍ଗ ଭାବେ ଅଙ୍ଗୀକୃତ କରି କାର୍ଯ୍ୟରତ। ବିଭିନ୍ନ ମଠ ମନ୍ଦିରର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କରିବା ସହିତ ମହତ୍ତ୍ୱପୂର୍ଣ୍ଣ ଉତ୍ସବ ଯେପରିକି ବରଗଡ଼ ଧନୁଯାତ୍ରା, ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାକୁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି।

ଗଣେଶ ପୂଜାଠାରୁ ଆରମ୍ଭ ହୋଇଥିବା ପାର୍ବଣ ଋତୁର ସବୁଠାରୁ ବଡ଼ ମହୋତ୍ସବ ହେଉଛି ଶାରଦୀୟ ଦୁର୍ଗାପୂଜା। ଓଡ଼ିଶାର ପୁରପଲ୍ଲୀରେ ଏହି ଉତ୍ସବ ପାଳନ ହୋଇଥାଏ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ମା'ଙ୍କ ଆରାଧନା କରିଥାଆନ୍ତି। ଉଚ୍ଚ ନୀଚର ପ୍ରଭେଦ ନ ଥାଏ ଏହି ସମୟରେ। ମା' ପାଖରେ ସବୁ ଭକ୍ତ ସମାନ। ଏହି ଉତ୍ସବକୁ ସୁରକ୍ଷିତ, ମନୋରମ ଏବଂ ଆକର୍ଷଣୀୟ କରିବା ପାଇଁ ସରକାର ସବୁ ପ୍ରକାର ସହଯୋଗ ପ୍ରଦାନ କରୁଛନ୍ତି।

ଆଜି ଓଡ଼ିଶା ବିକାଶର ନୂତନ ଦିଗନ୍ତକୁ ଛୁଉଁଛି, ବିକାଶ ସହିତ ଓଡ଼ିଶାର ଭାଷା, ସାହିତ୍ୟ, ପରମ୍ପରାକୁ ସୁରକ୍ଷା କରିବା ସହିତ ପ୍ରଚାର ଓ ପ୍ରସାର କରିବା ପାଇଁ ସରକାର ଚେଷ୍ଟିତ। 'ବିକାଶ' ଓ 'ସଂସ୍କୃତି' ସହିତ '୨୦୩୬ ସୁଦ୍ଧା ଗଠନ ହେବ ସମୃଦ୍ଧ ଓଡ଼ିଶା'। 'ବିକଶିତ ଭାରତ' ଓ 'ସମୃଦ୍ଧ ଓଡ଼ିଶା' ଗଠନ ଦିଗରେ 'ସ୍ୱଦେଶୀ' ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି। ତେଣୁ ପ୍ରଧାନମନ୍ତ୍ରୀଙ୍କ ଆହୂତ 'ସ୍ୱଦେଶୀ' ମନ୍ତ୍ର ଅନୁଯାୟୀ ସମସ୍ତେ ଯେତେଦୂର ସମ୍ଭବ ସ୍ୱଦେଶୀ ବସ୍ତୁ କ୍ରୟ କରି ସ୍ୱଦେଶୀ ଅର୍ଥନୀତିକୁ ପ୍ରୋତ୍ସାହିତ କରନ୍ତୁ।

ଓଡ଼ିଶାର ଦୁର୍ଗାପୂଜା ଭାଇଚାରା ଏବଂ ସଦ୍ଭାବର ପ୍ରତୀକ। ଯଦିଓ ଦୁର୍ଗାପୂଜା ମୁଖ୍ୟତଃ ସନାତନ ଓ ହିନ୍ଦୁ ସଂସ୍କୃତି ସହିତ ଜଡ଼ିତ, ସବୁ ଧର୍ମର ଲୋକେ ଏହାକୁ ଉତ୍ସାହର ସହିତ ପାଳନ କରିଥାଆନ୍ତି। ଏହାର ପ୍ରକୃଷ୍ଟ ଉଦାହରଣ ଦେଖିବାକୁ ମିଳେ ସର୍ବପୁରାତନ ଦୁର୍ଗାପୂଜା ଅନୁଷ୍ଠିତ ହେଉଥିବା କଟକ ସହରରେ। ସାଇଭାଇ, ଭାଇଚାରା ଓ ସାଂସ୍କୃତିକ ସମନ୍ୱୟର ଅପୂର୍ବ ସମାହାର କଟକର ବାଉନ ବଜାର ତେପନ ଗଳିରେ ଦେଖିବାକୁ ମିଳେ। କେବଳ କଟକ ନୁହେଁ, ଓଡ଼ିଶାର ପ୍ରତ୍ୟେକଟି ସ୍ଥାନରେ ଏହି ଭାବାବେଗରେ ଦଶହରାକୁ ପାଳନ କରାଯାଏ। ଏହି ସଂସ୍କୃତିକୁ ନେଇ ପ୍ରତ୍ୟେକ ଓଡ଼ିଶାବାସୀ ଗର୍ବ ଅନୁଭବ କରନ୍ତି।

ଆଜି ଦିନ ହେଉଛି ଉପାସନାର ଦିନ, ମା'ଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିବାର ଦିନ। ଏହି ପବିତ୍ର ଉତ୍ସବରେ ମୁଁ ସମସ୍ତ ଦେଶବାସୀ, ବିଶେଷଭାବେ ଓଡ଼ିଶାବାସୀଙ୍କ କଲ୍ୟାଣ ଓ ଉତ୍ତରୋତ୍ତର ଉନ୍ନତି ପାଇଁ ମା' ଜଗତ ଜନନୀଙ୍କ ପାଖରେ ପ୍ରାର୍ଥନା କରୁଛି।

ଦେହି ସୌଭାଗ୍ୟମାରୋଗ୍ୟଂ, ଦେହି ମେ ପରମଂ ସୁଖମ୍।
ରୂପଂ ଦେହି ଜୟଂ ଦେହି, ଯଶୋ ଦେହି ଦ୍ୱିଷୋ ଜହି॥

ହେ ଦେବୀ! ସଚରାଚର ସମସ୍ତଙ୍କୁ ସୁଖ ସମୃଦ୍ଧି, ରୂପ, ଗୁଣ, ସ୍ୱାସ୍ଥ୍ୟ, ଯଶ ଓ ସଫଳତା ପ୍ରଦାନ କରନ୍ତୁ ଏବଂ ମନୁଷ୍ୟ ମନରେ ଥିବା କାମ-କ୍ରୋଧ ପରି ଶତ୍ରୁଙ୍କୁ ବିନାଶ କରନ୍ତୁ।

ଓଁ ଦୁର୍ଗେ ଦୁର୍ଗତିନାଶିନୀ

## କାନ୍ଧରେ ବୁହାହୋଇ ବିସର୍ଜନ ହୁଅନ୍ତି ମା'

କେନ୍ଦୁଝର ଜିଲା ଆନନ୍ଦପୁର ପୌରପାଳିକା ଅନ୍ତର୍ଗତ ଫକୀରପୁରରେ ଅନୁଷ୍ଠିତ ଦୁର୍ଗାପୂଜା ୧୫୮ ବର୍ଷରେ ପହଞ୍ଚିଛି। ଏହା ଜିଲାର ସର୍ବପୁରାତନ ଦୁର୍ଗାପୂଜା କୁହାଯାଉଥିବା ବେଳେ ଭସାଣିରେ ଭକ୍ତମାନେ ମା'ଙ୍କୁ କାନ୍ଧରେ ବୋହି ଶୋଭାଯାତ୍ରାରେ ବୁଲାଇବା ସହ ବିସର୍ଜନ କରିଥାଆନ୍ତି।

୧୮୬୭ମସିହାରୁ ଏଠାରେ ଆଦ୍ୟ ଦୁର୍ଗା ଦେବୀ ଅନୁଷ୍ଠାନ ପକ୍ଷରୁ ଦେବୀ ଦୁର୍ଗାଙ୍କ ପୂଜା ଅନୁଷ୍ଠିତ ହୋଇଆସୁଛି। ୨୦୧୨ରୁ ଏଠାରେ ଚାନ୍ଦିମେଢ଼ରେ ମୃଣ୍ମୟୀ ଦେବୀ ପୂଜା ପାଉଛନ୍ତି। ଏଠାକାର ବିଶେଷତ୍ୱ ହେଲା ମାଆଙ୍କ ଭସାଣିରେ ଅନେକ ହଜାର ଭକ୍ତ ସାମିଲହୋଇ ସମର୍ପଣ ମନୋଭାବରେ ମାଆଙ୍କ ମୂର୍ତ୍ତିଙ୍କୁ ନିଜ କାନ୍ଧରେ ଧରି ଶୋଭାଯାତ୍ରାରେ ନେଇଥାଆନ୍ତି। ପ୍ରାୟ ୨ କିଲୋମିଟର ରାସ୍ତା ଅତିକ୍ରମକରି ବୈତରଣୀ ନଦୀରେ ଭସାଣି ହେଉଥିବା ଆୟୋଜକ ଭାଗୀରଥି ଲାହା କହିଛନ୍ତି। ସେହିପରି ପରମ୍ପରା ଅନୁଯାୟୀ ଏଠାରେ ପୂଜାରେ ବାହାର ଭୋଗ ଲାଗି ହୁଏ ନାହିଁ। ସବୁ ଭୋଗରାଗ ଭକ୍ତମାନେ ନିଜେ ପ୍ରସ୍ତୁତ କରିଥାଆନ୍ତି। ଭଦ୍ରକ ଜିଲା ଆଗରପଡ଼ାର କାହ୍ନୁ ଚରଣ ମାଝୀ ପ୍ରାୟ ୧୫ ବର୍ଷ ହେଲା ଏଠାରେ ମୂର୍ତ୍ତି ଗଢ଼ି ଆସୁଛନ୍ତି । ଚଳିତ ବର୍ଷ ଗୋପୀନାଥ ପଣ୍ଡା, ବାବୁଲି ମିଶ୍ର, ସୁଶାନ୍ତ ମିଶ୍ର, କୁନା ପଣ୍ଡା ପୂଜକ ରୂପେ ମାଆଙ୍କ ପୂଜାନୀତି ଦାୟିତ୍ୱରେ ଅଛନ୍ତି। ଏଠାରେ ଦଶମୀ ପରଦିନ ମା'ଙ୍କ ବିସର୍ଜନ ଅପରାହ୍ନ ୧ ଟାରେ ହେବ। ଏହା ବହୁ ପୁରୁଣା ଅନୁଷ୍ଠାନ ହୋଇଥିଲେ ହେଁ ସରକାରଙ୍କ ତରଫରୁ ସହଯୋଗ ମିଳିଲେ ଅଧିକ ପ୍ରତିଷ୍ଠା ଲାଭ କରିପାରିବ ବୋଲି ପୂଜା କମିଟି ସହ ସ୍ଥାନୀୟ ପରିବେଶକର୍ମୀ ତ୍ରିଲୋଚନ ସାହୁ କହିଛନ୍ତି।

**୧୫୮ ବର୍ଷରେ ଫକୀରପୁର ଆଦ୍ୟ ଦୁର୍ଗାଦେବୀ ପୂଜା**

-**ନରେଶ ଚନ୍ଦ୍ର ପଟ୍ଟନାୟକ**, କେନ୍ଦୁଝର

## ଶେଷରେ ମେଲାଣି ନିଅନ୍ତି ରାଜାଘର ମେଢ଼

କଟକ ସହରରେ ରାଜାଘର ମେଢ଼ ଭାବେ ଚୋଦ୍ଦିନୀଚୌକ ପୂଜା କମିଟିକୁ ଆଖ୍ୟା ଦିଆଯାଇଛି। କିମ୍ବଦନ୍ତୀ ଅନୁସାରେ, ପୂର୍ବରୁ କଟକରେ ୫ଟି ପୂଜା ମଣ୍ଡପରେ ମା' ଦୁର୍ଗା ପୂଜା ପାଉଥିଲେ। ସେଥିମଧ୍ୟରୁ ଚାନ୍ଦିନୀଚୌକ ମା'ଦୁର୍ଗାଙ୍କୁ ସାନ ଭଉଣୀ କୁହାଯାଏ। ଏହି ଅଞ୍ଚଳରେ ପ୍ରଥମେ ବଙ୍ଗୀୟ ପରିବାର ନିଜ ଘର ବାରଣ୍ଡାରେ ମା'ଦୁର୍ଗାଙ୍କ ପୂଜା କରୁଥିଲେ। ପରେ ଦର୍ପଣୀ ରାଜ ପରିବାର ଏହି ପୂଜା ପରିଚାଳନା ଦାୟିତ୍ୱ ନେଲେ। ରାଜ ପରିବାର ଏହି ପୂଜାରେ ସମ୍ପୃକ୍ତ ଥିବାରୁ ଚାନ୍ଦିନୀଚୌକ ମେଢ଼କୁ ରାଜାଘର ମେଢ଼ ବୋଲି କୁହାଯାଏ। ରାଜତନ୍ତ୍ର ଲୋପ ପାଇଲା ପରେ ଚାନ୍ଦିନୀଚୌକ ଅଞ୍ଚଳବାସୀ ପୂଜା ଦାୟିତ୍ୱ ହାତକୁ ନେଇଥିଲେ। କମିଟି ପକ୍ଷରୁ ୨୦୦୩ରେ ୪.୫ କୁଇଣ୍ଟାଲ ଓଜନର ଚାନ୍ଦି ମେଢ଼ ନିର୍ମାଣ କରାଯାଇଥିଲା। ଏହାସହ ଚଳିତବର୍ଷ ସାଢ଼େ ୩ କେଜି ଓଜନର ସୁନା ମୁକୁଟ କାର୍ଯ୍ୟ ଆରମ୍ଭ କରାଯାଇଛି ଏବଂ ଏହା ଆଗାମୀ ବର୍ଷ ମା'ଙ୍କଠାରେ ଲଗାଯିବ। ପୂର୍ବରୁ କଟକ ସହରର ସମସ୍ତ ମେଢ଼ ରାଜାଘର ମା' ଦୁର୍ଗାଙ୍କ ମଣ୍ଡପ ଅତିକ୍ରମ କରି ମେଳଣରେ ଯୋଗ ଦେବା ପରେ ବିସର୍ଜନ ନେଇଥାନ୍ତି। ତେବେ ଶେଷରେ ରାଜାଘର ମା'ଦୁର୍ଗା ଦେବୀଗଡ଼ାରେ ମେଲାଣି ନିଅନ୍ତି। ଏ ନେଇ କଟକ ମହାନଗର ଶାନ୍ତି କମିଟି ସାଧାରଣ ସମ୍ପାଦକ ଭିକାରୀ ଦାସ କହିଛନ୍ତି, ସମସ୍ତ ମେଢ଼ ବିସର୍ଜନ ହେବା ବେଳକୁ ରାତି ପାହି ଯାଇଥାଏ। ସେଥିପାଇଁ ଶେଷରେ ଅର୍ଥାତ ଦ୍ୱାଦଶୀ ଦିନ ରାଜାଘର ମେଢ଼ ମେଲାଣି ନେଇଥାନ୍ତି।

**କଟକ ଦଶହରା**

-**ଶିଳ୍ପା ପ୍ରିୟଦର୍ଶିନୀ**,କଟକ


















## ସଂକ୍ଷେପରେ

### କେନାଲରେ ବୁଡ଼ି ନାବାଳକ ମୃତ

ପାତ୍ରପୁର,୩୦।୯(ଉମା ଚରଣ ନେପାକ) ଜରଡ଼ା ଥାନା ପଦାଦିଗି ପଞ୍ଚାୟତ ନାରାୟଣପୁର ଗ୍ରାମର ଜଣେ ୭ ବର୍ଷର ନାବାଳକଙ୍କ ମଙ୍ଗଳବାର କେନାଲରେ ବୁଡ଼ି ମୃତ୍ୟୁ ଘଟିଛି। ସେ ବିନୋଦ ପ୍ରଧାନଙ୍କ ପୁଅ ଆଦର୍ଶ ପ୍ରଧାନ। ଆଦର୍ଶ ଜାଣି ନ ପାରି କେନାଲକୁ ଚାଲିଯାଇଥିବା ବେଳେ କେନାଲରେ ମାତ୍ରାଧିକ ପାଣି ପ୍ରବାହିତ ହେଉଥିଲା। ଫଳରେ ସେ ପାଣିରେ ବୁଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିବା ବେଳେ ସେଠାରେ ଡାକ୍ତର ଆଦର୍ଶଙ୍କୁ ମୃତ ଘୋଷଣା କରିଛନ୍ତି। ବ୍ୟବଚ୍ଛେଦ ପରେ ଗ୍ରାମରେ ମୃତଦେହ ପହଞ୍ଚିଛି।

### ଶେରଗଡ଼, ହରିକୃଷ୍ଣପୁରରେ ମହାଷ୍ଟମୀ

ଶେରଗଡ,୩୦।୯(ସୂର୍ଯ୍ୟ ନାରାୟଣ ଦାଶ): ଶେରଗଡ଼ର ଦକ୍ଷିଣକାଳୀ, ରାମଚଣ୍ଡୀ ପୀଠରେ ମହାଷ୍ଟମୀ ପୂଜା ପାଳନ କରାଯାଇଛି। ସେହିପରି ନିଟକସ୍ଥ ହରିକୃଷ୍ଣପୁର ମା' ଠାକୁରାଣୀଙ୍କ ମହାଷ୍ଟମୀ ପୂଜା ସମ୍ପନ୍ନ ହୋଇଛି। ମା'ଙ୍କୁ ମାଜଣା କରାଯାଇ ପୂଜାନୀତି କରାଯାଇଥିଲା। ସନ୍ଧ୍ୟାରେ ଆଳତି ହୋଇଥିଲା। ସେହିପରି ଦକ୍ଷିଣକାଳୀ ପୀଠ ଓ ରାମଚଣ୍ଡୀ ପୀଠରେ ମଧ ଅଷ୍ଟମୀ ପୂଜା ପାଳିତ ହୋଇଯାଇଛି। ହରିକୃଷ୍ଣପୁରରେ ଟ୍ରଷ୍ଟି ବିପ୍ରଚରଣ ମିଶ୍ର,ରଜନୀ କାନ୍ତ ତ୍ରିପାଠୀ,ସୁଧାକର ପାଢ଼ୀ ଥିବା ବେଳେ ଦକ୍ଷିଣକାଳୀ ପୀଠରେ ହୃଷିକେଶ ପାଢ଼ୀ ଓ ରାମଚଣ୍ଡୀ ପୀଠରେ ରମୁଣିସାହି ଓ ମୋଟା ସାହିର ଯୁବକମାନେ ମହାଷ୍ଟମୀ ପୂଜାରେ ସାମିଲ ଥିଲେ। ଅନ୍ୟପକ୍ଷରେ ଶେରଗଡ଼ ସ୍ଥିତ ବିଦ୍ୟୁତ ସେକ୍ସନ କାର୍ଯ୍ୟାଳୟରେ ଦୁର୍ଗାପୂଜା ଆରମ୍ଭ ହୋଇଛି। ଯନ୍ତ୍ରୀ କେ ନବୀନ ପାତ୍ରଙ୍କ ତତ୍ତ୍ୱାବଧାନରେ ସନ୍ତୋଷ କୁମାର ତ୍ରିପାଠୀ କର୍ତ୍ତା ହୋଇଛନ୍ତି। ପିତ୍ତଳ, କୁରୁଳା, କୁଲାଗଡଠାରେ ମହାଷ୍ଟମୀ ପୂଜା ପାଳିତ ହୋଇଯାଇଛି।

### ଦୁର୍ଗା ପୂଜାରେ ଉତ୍ସବ ମୁଖର ଗାଁରୁ ସହର

ବୁଗୁଡ଼ା,୩୦।୯(କାଳିଚରଣ ଦାଶ): ଦୁର୍ଗା ଦେବୀଙ୍କ ମହାଷ୍ଟମୀ ପୂଜା ପାଇଁ ସହର ସମେତ ଗ୍ରାମାଞ୍ଚଳ ମଧ୍ୟ ଚଳଚଞ୍ଚଳ ହୋଇପଡ଼ିଛି। ବୁଗୁଡା ସହରର ମଦନ ମୋହନ ଛକ ଓ ବସଷ୍ଟାଣ୍ଡ ସାଙ୍ଗକୁ ଗ୍ରାମାଞ୍ଚଳର ବାଲିପଦର, ଗୋଳିଆ, ବାଦୁଆ, ଆଦିପୁର, ମାଣିବନ୍ଧ ଆଦି ଗ୍ରାମରେ ଦୁର୍ଗା ପୂଜା ଚାଲିଛି। ସଂପୃକ୍ତ ପୂଜା କମିଟି ଏବଂ ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ଦୁର୍ଗା ପୂଜା ମଣ୍ଡପଗୁଡିକରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଥିବା ବେଳେ ସୁସଜ୍ଜିତ ଆଲୋକମାଳାରେ ମଣ୍ଡପ ଝଲସି ଉଠୁଛି।

# ମାଗୁର ମାଛ ଭୋଗ ଲଗାନ୍ତି ମାନସିକଧାରୀ

ପାରଳାଖେମୁଣ୍ଡି,୩୦।୯(ଗିରିଧାରୀ ପରିଚ୍ଛା):

ପାରଳାଖେମୁଣ୍ଡିର ଆରାଧ୍ୟା ଦେବୀ ମା' ମାଣିକେଶ୍ୱରୀ ହେଉଛନ୍ତି ପାରଳା ରାଜପରିବାରର ଇଷ୍ଟଦେବୀ। ପାରଳାଖେମୁଣ୍ଡି ପୌର ପରିଷଦର ୯ ନଂ. ୱାର୍ଡ ଅନ୍ତର୍ଗତ ଅଙ୍କ ସାହିରେ ମା'ଙ୍କ ପୀଠ। ପ୍ରାୟ ୪ଶହ ବର୍ଷ ତଳେ ତତ୍କାଳୀନ ପାରଳା ମହାରାଜା ପ୍ରଥମେ ମା'ମାଣିକେଶ୍ୱରୀଙ୍କୁ ତତ୍କାଳୀନ ରାଜଗୁରୁଙ୍କ ଘରେ ରଖି ପୂଜାପାଠ କରିଥିଲେ। ମା' ଅତ୍ୟନ୍ତ ଅଲିଅଳ ଓ ଉଗ୍ର ଥିଲେ। ତେଣୁ ରାଜଗୁରୁଙ୍କ ପରିବାର ଏବଂ ସ୍ଥାନୀୟ ଲୋକେ ଭୟଭୀତ ହୋଇ ମହାରାଜଙ୍କୁ ଗୁହାରି କରିବାରୁ ତତ୍କାଳୀନ ମହାରାଜା ବର୍ତ୍ତମାନର ଏହି ମନ୍ଦିର ପରିସରରେ ଏକ ଛୋଟିଆ କୁଡିଆ ଘରେ ମା' ମାଣିକେଶ୍ୱରୀଙ୍କୁ ରଖି ପୂଜା ବ୍ୟବସ୍ଥା କରିଥିଲେ । ପରବର୍ତ୍ତୀ ସମୟରେ ରାଜପରିବାର ମନ୍ଦିର ନିର୍ମାଣ କଲେ ବୋଲି ପୂଜକ ଓ ବୟୋଜ୍ୟେଷ୍ଠ ବ୍ୟକ୍ତିବିଶେଷ କହିଛନ୍ତି।



ମା' ମାଣିକେଶ୍ୱରୀ

ନବରାତ୍ର ସମୟରେ ଷୋଡଶ ପୂଜା ମା'ମାଣିକେଶ୍ୱରୀଙ୍କ ମୁଖ୍ୟ ପୂଜା। ଏହି ପୂଜା ଭିନ୍ନ ପ୍ରକାରର। ପ୍ରତିବର୍ଷ ଏହି ମନ୍ଦିରରେ ରାଜାଙ୍କ ରାଜଦ୍ୱର ଅଙ୍କକଷା ବିଧାନଯାତ୍ରା ପାଳନ ହୁଏ। ଉକ୍ତ ଦିନ ଏକ ସ୍ୱର୍ଣ୍ଣମୁଦ୍ରା ସହ ମା'ଙ୍କ ନିକଟରେ ପହଞ୍ଚି ନୀତିନିୟମ ଅନୁଯାୟୀ ପୂଜା କରାଯାଏ। ରାଜକୁମାରୀ କଲ୍ୟାଣୀ ଦେବୀଙ୍କ ନିର୍ଦ୍ଦେଶକ୍ରମେ ରାଜପୁରୋହିତ ସମସ୍ତ ରୀତିନିତୀରେ ପୂଜାର୍ଚ୍ଚନା କରୁଛନ୍ତି। ଅଙ୍କକଷା ଦିନଠାରୁ ହୋଇଥାଏ ମା'ଙ୍କର ସ୍ୱତନ୍ତ୍ର ପୂଜା ନୀତି। ମହାଷ୍ଟମୀ ଦିନ ଏଠାରେ କୁକୁଡା, ଛେଳି ବଳି ଦିଆଯାଇଥାଏ। ଏହାବ୍ୟତୀତ ବର୍ଷସାରା ଭକ୍ତମାନେ ଭୋଗ ଭାବେ ମାଗୁର ମାଛ ଆଣି ମା'ଙ୍କଠାରେ ଜୀବିତ ଛାଡିଥାନ୍ତି। ପରେ ମାଛଟି ଆପେ ଆପେ ମରିଯାଇଥିବା ଦେଖିବାକୁ ମିଳେ। ଏଠାରେ ବଳି ପ୍ରଥା ସହ ନିୟମିତ ଆମିଷ ଭୋଗ କରାଯାଏ। ମା'ଙ୍କୁ ନେଇ ଅନେକ କିମ୍ବଦନ୍ତୀ ଶୁଣିବାକୁ ମିଳେ। ବହୁବର୍ଷ ପୂର୍ବେ ରାତିରେ ମା' ପାରଳା ସହରରେ ବିଚରଣ କରୁଥିଲେ। ମନ୍ଦିରରୁ ରାଜପ୍ରାସାଦ ମଧ ଯାଉଥିଲେ। ଅନେକ ସମୟରେ ମା' ମାଣିକେଶ୍ୱରୀ ମନ୍ଦିର ଭିତରେ ରହି ବୁଲା ଚୁଡି ବିକାଳିଙ୍କୁ ଝରକାରେ ହାତ ବଢାଇ ଚୁଡି ପିନ୍ଧେଇବା ପାଇଁ କହୁଥିଲେ। ଚୁଡି ବିକାଳି ପଇସା ମାଗିଲେ ନଅର(ରାଜପ୍ରାସାଦ)କୁ ଯାଇ ରାଜାଙ୍କଠାରୁ ପଇସା ନେଇଯିବୁ ବୋଲି ମା' କହୁଥିଲେ ବୋଲି ଏବେ ବି କିଛି ଲୋକେ କହୁଛନ୍ତି । ପାରଳାଖେମୁଣ୍ଡି ସହର ତଥା ଆଖପାଖ ଅଞ୍ଚଳବାସୀଙ୍କ ବିଶ୍ୱାସ ଯେ. ମା'ଙ୍କ ପାଖରେ ଯଦି କୌଣସି ମାନସିକ କରାଯାଏ ତାହା ନିଶ୍ଚୟ ପୂରଣ ହୋଇଥାଏ । ମାନସିକ ପୂରଣ ହେବା ପରେ ମାଗୁର ମାଛ ଭୋଗ ଦିଆଯାଏ। ଶାରଦୀୟ ପୂଜା ଦେଖିବା ପାଇ ମନ୍ଦିର ପରିସରରେ ହଜାର ହଜାର ଲୋକଙ୍କ ଭିଡ଼ ଦେଖାଯାଉଛି ।

# ଦୁର୍ଗା ମଣ୍ଡପରେ ପୂଜାର୍ଚ୍ଚନା କଲେ ମନ୍ତ୍ରୀ



ପୂଜା ମଣ୍ଡପରେ ମନ୍ତ୍ରୀ ।

ଦିଗପହଣ୍ଡି,୩୦।୯(ଅଶେଷ ନାଥ ମିଶ୍ର) ରାଜ୍ୟ ଖଣି, ଇସ୍ପାତ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମଙ୍ଗଳବାର ଦିଗପହଣ୍ଡି ଗସ୍ତକରି ବମକୋଇ ଗ୍ରାମରେ ଯୁବକ ସଂଘ ପକ୍ଷରୁ ଆୟୋଜିତ ଦୁର୍ଗାପୂଜା ମଣ୍ଡପରେ ପହଞ୍ଚି ମା' ଜଗତ ଜନନୀ ଦୁର୍ଗାଙ୍କ ପୂଜାର୍ଚ୍ଚନା କରି ଗ୍ରାମବାସୀଙ୍କ ମଙ୍ଗଳ କାମନା କରିଥିଲେ। ପରେ କଇଠଖଣ୍ଡି ପଞ୍ଚାୟତ ଦାମୋଦରପୁର ଗ୍ରାମ ନିକଟସ୍ଥ ହନୁମାନ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହ ମନ୍ଦିରର ଉନ୍ନୟନ ନିମନ୍ତେ ମନ୍ଦିର ପରିଚାଳନା କମିଟି ଏବଂ ଉପସ୍ଥିତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଭାଜପା ଯୁବମୋର୍ଚ୍ଚା ଗଞ୍ଜାମ ଜିଲା ଉପସଭାପତି ବାପି ପ୍ରଧାନଙ୍କ ସମେତ କର୍ମକର୍ତ୍ତା ବବୁଲ ପ୍ରଧାନ, କୃଷ୍ଣଚନ୍ଦ୍ର ପ୍ରଧାନ, ଦୁର୍ଯୋଧନ ପାତ୍ର, ସୁଶାନ୍ତ ପ୍ରଧାନ, ଜୟରାମ ପାତ୍ର ଏବଂ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ।

# ହିଞ୍ଜିଳିକାଟୁର ବିଭିନ୍ନ ସ୍ଥାନରେ ଦେବୀ ପୂଜା

ହିଞ୍ଜିଳିକାଟୁ ୩୦।୯ (ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳିକାଟୁ ସମେତ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ପାର୍ବଣ ପାଇଁ ଚଳଚଞ୍ଚଳ ହୋଇପଡ଼ିଛି। ହିଞ୍ଜିଳିକାଟୁ କନକ ଦୁର୍ଗା ମନ୍ଦିର, ବୁରୁପୋଡ଼ା ଶ୍ୟାମଳାଇ ମନ୍ଦିର, ଖରିଡ଼ା କୁରେଇଶୁଣୀ ମନ୍ଦିରରେ ଷୋଳ ପର୍ବ ଓ ନବରାତ୍ର ପୂଜା ପାଇଁ ମନ୍ଦିର ଗୁଡ଼ିକରେ ପୂଜାପାଠ ଓ ଦେବୀଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଜମିଛି। ଅନ୍ୟପକ୍ଷରେ ହିଞ୍ଜିଳିକାଟୁ ଲକ୍ଷ୍ମୀ ବଜାର ପୂଜା କମିଟି, ବିଦ୍ୟୁତ୍ ବିଭାଗ, ବଇଁଚବଣିଆ ପୂଜା କମିଟି ପକ୍ଷରୁ ଦେବୀଙ୍କ ମୃଣ୍ମୟୀ ପ୍ରତିମାକୁ ମେଢ଼ରେ ପୂଜାର୍ଚ୍ଚନା କରାଯାଉଛି। ସେହିପରି ବ୍ଲକ୍‌ର ସମରଝୋଲ ଛକ, ରାଳବ, କଣ୍ଟେଇକୋଳି ପ୍ରଭୃତି ଗାଁରେ ମେଢରେ ଦେବୀଙ୍କ ମୃଣ୍ମୟୀ ପ୍ରତିମା ପୂଜା କରାଯାଇଛି। ଏଥିସହ ବିଭିନ୍ନ ଗାଁରେ କୋଠିଶାଳ ଓ ଗ୍ରାମ ଦେବତୀଙ୍କ ଶାରଦୀୟ ପୂଜା ରୀତିନୀତି ଅନୁସାରେ ଚାଲିଛି।

# ଅଟୋ ଓଲଟି ୩ ଗୁରୁତର

ମୋହନା,୩୦।୯(ମନ୍ମଥ ମିଶ୍ର): ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ବୁଲଡାପଙ୍କା ନିକଟରେ ମଙ୍ଗଳବାର ଅପରାହ୍ନରେ ଅଟୋ ଓଲଟି ୩ ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ବନ୍ଧାଗୁଡା ଗାଁର ନବିଦତ୍ୟ କରାଡ(୭୫), ଜୟନ୍ତୀ ନାୟକ (୬୦) ଓ ପବିତ୍ରା ନାୟକ (୬୫)। ଆହତମାନଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ମୋହନା ମେଡିକାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲ ସ୍ଥାନାନ୍ତର କରାଯାଇଥିବା ଡା. କେ ସଞ୍ଜୀବ କହିଛନ୍ତି। ଖବରପାଇ ମୋହନା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

# ଫୁଲବାଣୀରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ



ଫୁଲବାଣୀ,୩୦।୯ (ରାକେଶ କୁମାର ରାଉତ) ଫୁଲବାଣୀ ସହରରେ ଶ୍ରଦ୍ଧାଳୁଙ୍କ ଭିଡ ତଥା ବହୁ ଜନ ସମାଗମକୁ ଆଖିରେ ରଖି ମଙ୍ଗଳବାର ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସନ୍ଧ୍ୟାରେ ଟାଉନ ଥାନା ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଚୋରି, ଗୁଣ୍ଡାଗିରି, ଅସାମାଜିକ ତତ୍ତ୍ୱଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସହରରେ ଏହାକୁ ମିଶାଇ ୨ ଥର ଫ୍ଲାଗ୍‌ମାର୍ଚ୍ଚ ହୋଇଛି। ସମସ୍ତ ଧନ ଜୀବନକୁ ସୁରକ୍ଷା ଦେବା ଲାଗି ଆମେ ପଦକ୍ଷେପ ନେଉଛୁ ବୋଲି ସଦର ଏସ୍‌ଡିପିଓ ସୁଭ୍ରଜିତ ବିଶ୍ୱାଳ କହିଛନ୍ତି।

# ମା'ପାଟଖଣ୍ଡାଙ୍କ ଅସ୍ଥାୟୀ ମଣ୍ଡପକୁ ଆଗମନ

## ନବମୀ, ଦଶମୀରେ ମୃଣ୍ମୟୀ ମୂର୍ତ୍ତି ପୂଜାପାଇବେ

ଦାରିଙ୍ଗବାଡ଼ି,୩୦।୯ (ଅରୁଣ ସାହୁ) ଦାରିଙ୍ଗବାଡ଼ି ଅଞ୍ଚଳ ଏବେ ଦଶହରା ପୂଜାପାଇଁ ଚଳଚଞ୍ଚଳ ହୋଇଛି। ଉକ୍ତ ବ୍ଲକ୍ ସିମନବାଡ଼ି ଗ୍ରାମପଞ୍ଚାୟତ ଠାରେ ମଙ୍ଗଳବାର ଅପରାହ୍ନରେ ମା' ପାଟଖଣ୍ଡାଙ୍କ ଅସ୍ଥାୟୀ ମଣ୍ଡପରୁ ବାହାରି ପ୍ରଥମେ ଟୀକାପାଟା ନଦୀରେ ଇନ୍ଦ୍ର ଦେବତା, ଗଙ୍ଗା ମାତାଙ୍କ ସମେତ ସମସ୍ତ ଠାକୁରଙ୍କୁ ପୂଜା କରାଯାଇ କଳସରେ ଜଳ ଆଣିଥିଲେ। ସେଠାରୁ ମା'ଙ୍କ ମନ୍ଦିରରେ ଶ୍ରଦ୍ଧାଳୁମାନେ ପହଞ୍ଚି ପୂଜାର୍ଚ୍ଚନା କରିବା ପରେ ଅସ୍ଥାୟୀ ମନ୍ଦିରକୁ ଆହ୍ୱାନ କରାଯାଇଥିଲା। ସେଠାରେ ଅଜ୍ଞାମାଳ ପ୍ରାପ୍ତ କରି ବିରାଟ କଳସ ଶୋଭାଯାତ୍ରାରେ ମା'ଙ୍କ ଘଟ ନେଇ ଅସ୍ଥାୟୀ ମଣ୍ଡପ ଅଭିମୁଖେ ଯାତ୍ରା କରିଥିଲେ। ମା'ଙ୍କ ଗାଁ ଭିତରକୁ ଆଗମନ ସମୟରେ ସମସ୍ତ ଶ୍ରଦ୍ଧାଳୁ ନିଜ ଘର ସମ୍ମୁଖରେ କଳସ, ଦୀପ, ଭୋଗ ରଖି ମା'ଙ୍କୁ ପୁଜିଥିଲେ। ପରେ ମା'ଅସ୍ଥାୟୀ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ମା' ପାଟଖଣ୍ଡାଙ୍କୁ ମୃଣ୍ମୟୀ ମୂର୍ତ୍ତିରେ ଦୁର୍ଗାଙ୍କ ରୂପରେ ପୂଜାର୍ଚ୍ଚନା କରାଯାଇଥିଲା। ବୁଧବାର ନବମୀ ତିଥି ଓ ଗୁରୁବାର ଦଶମୀ ତିଥିରେ ମଧ ପୂଜା କରାଯିବ ବୋଲି ମୁଖ୍ୟ ପୂଜକ ସନ୍ତୋଷ କୁମାର ମିଶ୍ର କହିଛନ୍ତି। ପରିଚାଳନା କମିଟିର ସଭାପତି ଦିଲୀପ ସାହୁଙ୍କ ନେତୃତ୍ୱରେ ଆଲୋକ ସାହୁ, ବିନୋଦ ସାହୁ, ସରୋଜ ସାହୁ, ବରୁଣ ବେହେରା, ଜିତେନ୍ଦ୍ର ସାହୁ, ଚିତ୍ତରଞ୍ଜନ ପ୍ରଧାନ, ରାଜେଶ ସାହୁ, ବାଥଲମ ନାୟକ, ଗିରିଶ ସାହୁ, ଆଶୁତୋଷ ସାହୁ, ବାବୁଲା ସାହୁ, ଅଶୋକ ବେହେରା, ସୋନୁ ବେହେରାଙ୍କ ସମେତ ଅନ୍ୟମାନେ ଏହି କଳସ ଶୋଭାଯାତ୍ରାରେ ଯୋଗଦାନ କରିଥିଲେ।



କଳସ ଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁମାନେ।

### ସିମନବାଡ଼ିରେ ଦଶହରା

# ନିଖୋଜ ନାବାଳକଙ୍କ ମୃତଦେହ ଜବତ

ଆସିକା/ବେଲଗୁଣ୍ଠା,୩୦।୯ (ସୁରେନ୍ଦ୍ର ନାଥ ସାହୁ/କୃଷ୍ଣଚନ୍ଦ୍ର ପଟ୍ଟନାୟକ): ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ଅନ୍ତର୍ଗତ ଖଣ୍ଡରାବଳି ଗ୍ରାମରୁ ନିଖୋଜ ଥିବା ଜଣେ ନାବାଳକଙ୍କ ମୃତଦେହ ମଙ୍ଗଳବାର ସକାଳେ ଜବତ ହୋଇଛି। ସେ ହେଲେ ଖଣ୍ଡରାବଳିର ବାବୁ ବିଷୋୟୀଙ୍କ ପୁଅ ଅମର ବିଷୋୟୀ (୧୪)। ଖଣ୍ଡରାବଳି-ରାମନାପଲ୍ଲୀ ରାସ୍ତାର ଏକ ନିର୍ଜନ ସ୍ଥାନରୁ ଅମରଙ୍କ ମୃତଦେହ ଜବତ ହୋଇଛି। ଶରୀରରେ କ୍ଷତ ହୋଇଥିବାରୁ ତାଙ୍କୁ କୌଣସି ଧାରୁଆ ଅସ୍ତ୍ରରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଇଛି । ଖବରପାଇ ଗାଙ୍ଗପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ତେବେ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଛି ତାହା ସ୍ପଷ୍ଟ ହୋଇନାହିଁ। ଭଞ୍ଜନଗର ଏସ୍‌ଡିପିଓ, ଅତିରିକ୍ତ ଏସପି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳ ତଦନ୍ତ କରିଛି । ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛି। ଅମର କେନ୍ଦୁପଦର ହାଇସ୍କୁଲର ନବମ ଶ୍ରେଣୀ ଛାତ୍ର ଥିଲେ। ରବିବାର ମଧ୍ୟାହ୍ନରୁ ସେ ଘରୁ ବାହାରକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଅମରଙ୍କ ମା' ମନାସ ବିଷୋୟୀ ପୁଅ ନିଖୋଜ ସମ୍ପର୍କରେ ସୋମବାର ଗାଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ । ଏହାକୁ ଭିତ୍ତିକରି ପୋଲିସ ନଂ. ୪୫୪/୨୫ରେ ଏକ ନିଖୋଜ ମାମଲା ରୁଜୁ କରିଥିଲା। ଅମରଙ୍କ ମୃତଦେହ ମିଳିବା ପରେ ହତ୍ୟା ମାମଲା ରୁଜୁ କରାଯାଇଛି।



# ମା'ଙ୍କ ମହାସପ୍ତମୀ, ଅଷ୍ଟମୀ ପୂଜା




ମା' ଦୁର୍ଗାଙ୍କ ପୂଜା ମଣ୍ଡପରେ ବିଧାୟକ ଓ ଅନ୍ୟମାନେ

ରମ୍ଭା,୩୦।୯(ବନବାସୀ ସେଠୀ): ଗଞ୍ଜାମ ବ୍ଲକ୍‌ଅନ୍ତର୍ଗତ ସାନରାମଚନ୍ଦ୍ରପୁର ପଞ୍ଚାୟତ ଅଧିନସ୍ଥ ଡିଆଁଡେଇଁ ଗ୍ରାମ ପୂଜା ମଣ୍ଡପଠାରେ ମା' ଦୁର୍ଗାଙ୍କ ମହାସପ୍ତମୀ ପୂଜା ଅନୁଷ୍ଠିତ ହୋଇଛି। ଏଥିରେ ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ସରପଞ୍ଚ ବିଷ୍ଣୁପ୍ରିୟା ନାହାକ, ସରପଞ୍ଚ ପ୍ରତିନିଧି ରମାକାନ୍ତ ନାହାକ, ବିଧାୟକ ପ୍ରତିନିଧି ମାନସ ନାହାକ, ରମ୍ଭା ମଣ୍ଡଳ ସଭାପତି ଘନଶ୍ୟାମ ବେହେରା, ବିଦୁର ନାହାକ ସମେତ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପୂଜା ପରିଚାଳନା କମିଟି ପକ୍ଷରୁ ମା'ଙ୍କ ମହାଅଷ୍ଟମୀ ଓ ମହାନବମୀ ପୂଜା ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ଅନ୍ୟପକ୍ଷରେ ରମ୍ଭା ସହରରେ ଡ୍ରାଇଭର ୟୁନିୟନ ଓ ରମ୍ଭା ଡିଭିଜନ ବିଦ୍ୟୁତ ବିଭାଗ, ମା'ଚାମୁଣ୍ଡା, ଦୁର୍ଗା ମଠ ଓ ସାବୁଳିଆ ଟୋଲଗେଟ ମା 'ବ୍ୟାଘ୍ରଦେବୀ, ଦକ୍ଷିଣେଶ୍ୱର ମନ୍ଦିର ନିକଟ ମା'ବନଦୁର୍ଗା, ଷ୍ଟେଶନ ନିକଟ ମା'ବିରି ଚାମୁଣ୍ଡା ମଣ୍ଡପରେ ପୂଜାର୍ଚ୍ଚନା କରାଯାଇଛି।

# ଆର୍‌ଏସ୍‌ଏସ୍ ଶତବାର୍ଷିକ ଉତ୍ସବ ପାଳିତ

ମୋହନା, ୩୦।୯ (ମନ୍ମଥ ମିଶ୍ର): ମୋହନା ଖଣ୍ଡ ପି.ଗୋବିନ୍ଦପୁର ମଣ୍ଡଳ ପକ୍ଷରୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍) ଶତ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। କେଶରା ପଦ୍ମକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମଣ୍ଡଳ କାର୍ଯ୍ୟବାହ ଜ୍ୟେଷ୍ଠ ମଲିକଙ୍କ ସଂଯୋଜନାରେ ମୁଖ୍ୟବକ୍ତା ଜିଲା ପ୍ରଚାର ପ୍ରମୁଖ ବାବୁଲା ସେଠୀ ଯୋଗଦେଇ ସଂଘର ଶହେ ବର୍ଷର ଯାତ୍ରା ଓ ଆଗାମୀ ଲକ୍ଷ୍ୟ ଉପରେ କହିଥିଲେ। ମଞ୍ଚାସିନ ଅତିଥି ଭାବେ ସ୍ଥାନୀୟ ବୁଦ୍ଧିଜୀବୀ ମଙ୍ଗଳା ଗମାଙ୍ଗ ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ଥାନୀୟ କାର୍ଯ୍ୟକର୍ତ୍ତା କୃଷ୍ଣ ଚନ୍ଦ୍ର ନାୟକ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୋବିନ୍ଦପୁର ଓ ମଳାସପଦର ପଞ୍ଚାୟତର ୮୦ରୁ ଉର୍ଦ୍ଧ୍ୱ ସ୍ୱୟଂ ସେବକ ଯୋଗଦେଇ ସୂର୍ଯ୍ୟ ନମସ୍କାର ଓ ଯୋଗାସନ ପ୍ରଦର୍ଶନ କରିଥିଲେ।




ମଣ୍ଡପରେ ମହାଷ୍ଟମୀ: ଓଏସ୍ଆରଟିସି କାର୍ଯ୍ୟାଳୟ।


ନୂଆ ବସ୍‌ଷ୍ଟାଣ୍ଡ


ବିଜିପୁର


ଷ୍ଟେଶନ ରୋଡ ନେହେରୁ ପାର୍କ। ( ଫଟୋ: ସମୀର)

# କବି ତିଳକ ଦେବରାଜ ବହୁ ପ୍ରତିଭାର ଅଧିକାରୀ ଥିଲେ


ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର,୩୦।୯(ସ୍ମୃତି ରଞ୍ଜନ ମହାଲିକ) ରାଜାଧିରାଜ ଦେବରାଜ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ପ୍ରହଲ୍ଲାଦ ନଗର ସ୍ଥିତ ପାଠାଗାର ପରିସରରେ ୧୦ମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଅଧିବେଶନକୁ ପାଠାଗାରର ସଭାପତି ତଥା କବି ତିଳକ ଦେବରାଜ ତ୍ରିପାଠୀଙ୍କ ପୁତ୍ର ବିଷ୍ଣୁ ପ୍ରସାଦ ତ୍ରିପାଠୀ ଉଦଘାଟନ କରିଥିଲେ। ବିଶିଷ୍ଟ ଅତିଥି କବି ଶିଶିର କୁମାର ଶତପଥୀ ଯୋଗ ଦେଇ କବି ତିଳକ ଦେବରାଜଙ୍କ ଭଗବତ ଗୀତା ଉପରେ ଆଲୋଚନା କରି ଗୀତା ପାଠ କରିଥଲେ । ସେ କହିଥିଲେ ଯେ, କବି ତିଳକ ଦେବରାଜ ବିଭିନ୍ନ ପ୍ରକାର ବହି ରଚନା କରିଛନ୍ତି। ତେଣୁ ସେ ବହୁ ପ୍ରତିଭାର ଅଧିକାରୀ ଥିଲେ। ସାହିତ୍ୟର ପ୍ରଚାର ପ୍ରସାର ଦିଗରେ ତାଙ୍କର ଭୂମିକା ଅନ୍ୟତମ। ଅନେକ ସାହିତ୍ୟ ଅନୁଷ୍ଠାନ ପ୍ରତି ତାଙ୍କର ସହଯୋଗ ଥିଲା। ତେଣୁ ଉକ୍ତାଙ୍ଗ ସାହିତ୍ୟ ତଥା ସମାଜକୁ ଦିଗଦର୍ଶନ ଦେଲା ଭଳି ସାହିତ୍ୟ ପ୍ରତି ଏବେକାର କବି ଓ ଲେଖକମାନେ ମନୋନିବେଶ କରିବା ଉଚିତ ବୋଲି କହିଥିଲେ। ଅନ୍ୟତମ ଅତିଥି ରୂପେ ଶିଶୁ ସାହିତ୍ୟିକ କବି ନିରଞ୍ଜନ ତ୍ରିପାଠୀ ଯୋଗ ଦେଇଥିଲେ। କବୟିତ୍ରୀ ବନ୍ଦନା ମହାପାତ୍ର ଓ ସମ୍ପାଦିକା ସୁଦ୍ଧାଞ୍ଜଳି ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନ କରିଥିଲେ। ଦ୍ୱିତୀୟ ଅଧିବେଶନକୁ କବୟିତ୍ରୀ ସ୍ୱର୍ଣ୍ଣପ୍ରଭା ପାଢ଼ୀ ଉଦଘାଟନ କରିଥିଲେ। କବିୟତ୍ରୀ ସୁରେଶ୍ୱରୀ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବିତା ପାଠୋତ୍ସବରେ ମୁଖ୍ୟ ଅତିଥି ଭାବେ ଇଂ ଆଶୁତୋଷ ପାତ୍ର ଯୋଗ ଦେଇଥିଲେ। ନୂତନ କବିମାନେ ଅଧିକରୁ ଅଧିକ କବିତା ଓ ଗଳ୍ପ ଲେଖିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ରୂପେ କବି ଗୌରଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇ ଦେବରାଜ ତ୍ରିପାଠୀଙ୍କ ପୁସ୍ତକ ଗୁଡିକ ସମସ୍ତ ସ୍କୁଲର ପାଠାଗାରରେ ଛାତ୍ରୀଛାତ୍ରମାନେ ଯେଭଳି ଅଧ୍ୟୟନ କରିବେ ତାହା ସମସ୍ତେ ଚେଷ୍ଟା କରିବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ କବି ପ୍ରଶାନ୍ତ ଶତପଥି ଓ ସୁଧାକର ଶତପଥି ଯୋଗ ଦେଇଥିଲେ। ସମ୍ପାଦିକା କବୟିତ୍ରୀ ନିହାରିକା ସାହୁଙ୍କ ସଭାପତିତ୍ୱରେ କବିତା ଗୁଡିକୁ ସଂଯୋଜନା କରାଯାଇଥିଲା । କବୟିତ୍ରୀ ସୁନନ୍ଦା ପାଢ଼ୀ, ଲକ୍ଷ୍ମୀ ଆତ୍ମା ନନ୍ଦତାଙ୍କ ସମେତ ବହୁ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ତୃତୀୟ ଅଧିବେଶନରେ କବୟିତ୍ରୀ ସୁଚେତା ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦେବସୁଧା ପୁସ୍ତକ ଉନ୍ମୋଚନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅର୍ଥବିତ ସୁଲେଖକ ସଂଗ୍ରାମ କେଶରୀ ସାମନ୍ତରାୟ ଯୋଗ ଦେଇ ଦେବରାଜ ତ୍ରିପାଠୀ ଗଞ୍ଜାମରେ ଜନ୍ମହୋଇ ଅସଂଖ୍ୟ ପୁସ୍ତକ ରଚନା କରିଛନ୍ତି ବୋଲି କହିଥିଲେ। ସମ୍ମାନନୀୟ ଅତିଥି ରୂପେ ଶିକ୍ଷାବିତ ଡ ମିହିର ରଞ୍ଜନ ତ୍ରିପାଠୀ ଯୋଗ ଦେଇଥିଲେ । ବରିଷ୍ଠ କବି ପ୍ରଫୁଲ୍ଲ କୁମାର ତ୍ରିପାଠୀ, କବି ସଂଗ୍ରାମ କେଶରୀ ସାମନ୍ତରାୟ, କବୟିତ୍ରୀ ସ୍ୱର୍ଣ୍ଣମୟୀ ପାଢ଼ୀ,ସୁଷମା ତ୍ରିପାଠୀ,ବିରଜା ପ୍ରୀୟଦର୍ଶନୀ ଓ ସୁଦ୍ଧାଞ୍ଜଳି ମିଶ୍ରଙ୍କୁ ଦେବରାଜ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା।

# ଅନ୍ତର୍ଜାତୀୟ ବକ୍ସିଂ ରେଫରିଙ୍କ ଚେନ୍ନାଇ ଯାତ୍ରା



ବ୍ରହ୍ମପୁର,୩୦।୯(ସୁବାସ ଚନ୍ଦ୍ର ପାଢ଼ୀ) ବୁଧବାରଠାରୁ ଚେନ୍ନାଇରେ ସର୍ବଭାରତୀୟ ବକ୍ସିଂ ଚାମ୍ପିୟନଶିପ ବିଏଫଆଇ କପ୍ ଆରମ୍ଭ ହେବ । ଆସନ୍ତା ୭ ତାରିଖରେ ଏହା ସରିବ। ତେବେ ଟେକ୍‌ନିକାଲ ଅଫିସିଆଲ ଭାବେ ଯୋଗ ଦେବାପାଇଁ ଅନ୍ତର୍ଜାତୀୟ ବକ୍ସିଂ ରେଫରି ତଥା ସ୍ଥାନୀୟ କୋଚ ଶିଶିର କୁମାର ପାଣିଗ୍ରାହୀ ଚେନ୍ନାଇ ଅଭିମୁଖେ ମଙ୍ଗଳବାର ଯାତ୍ରା କରିଛନ୍ତି । ଏହି ପ୍ରତିଯୋଗିତାରେ ପ୍ରାୟ ଭାରତର ସମସ୍ତ ରାଜ୍ୟ ଓ ୟୁନିଟର ପୁରୁଷ ଏବଂ ମହିଳା ବକ୍ସିଂ ଦଳ ଅଂଶ ଗ୍ରହଣ କରିବେ। ଏହି ଚାମ୍ପିଅନସିପ ବକ୍ସିଂ ଫେଡେରେସନ ଅଫ ଇଣ୍ଡିଆ (ବିଏଫଆଇ) ଓ ତାମିଲନାଡୁ ବକ୍ସିଂ ଆସୋସିଏସନର ମିଳିତ ଆନୁକୁଲ୍ୟରେରେ ତାମିଲନାଡୁ ରାଜ୍ୟର ଭିଆଇଟି ଚେନ୍ନାଇ ସହର ସ୍ଥିତ ମହାତ୍ମାଗାନ୍ଧୀ ଅଡିଟୋରିୟମ ଠାରେ ଅନୁଷ୍ଠିତ ହେବ ବୋଲି କେ ପ୍ରଭାକର ରାଓ ଜଣାଇଛନ୍ତି । ଆଶୀର୍ବାଦ ବେହେରା, ଅଭିଜିତ ପାଲ, ଅଶୋକ କୁମାର ସାହୁ, ରାଜ୍ୟ ବକ୍ସିଂ ସମ୍ପାଦକ ଅନିଲ ବହିଦାର, ରାଜ୍ୟ ବକ୍ସିଂ ସଭାପତି ରଘୁନନ୍ଦନ ପାଢୀ, ରବିଶଙ୍କର ପ୍ରତିହାରି, ଅଞ୍ଜନ ଦାସ, ବିଜୟ ଦାସ, ବାବୁ ପାତ୍ର, ଶିବରାମ ପାତ୍ର, ଏସ କେ.ନାୟକ, ମମତା ପଣ୍ଡାଙ୍କ ସମେତ ବହୁ ବକ୍ସର ଓ କ୍ରୀଡାବିତ୍ ଶିଶିରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ମା' ଦୁର୍ଗାଙ୍କ ପୂଜା ପାଇଁ ବାଲିପଦର ଉତ୍ସବମୁଖର


ବାଲିପଦରରେ ପୂଜା ପାଉଥିବା ମା' ଦୁର୍ଗା।

ବାଲିପଦର,୩୦।୯(ବିଶିକେଶନ ସ୍ୱାଇଁ) ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବାଲିପଦର ଠାରେ ଜଗତ ଜନନୀ ମା'ଙ୍କ ପୂଜା ଉତ୍ସବ ମହାସମାରୋହରେ ଆକର୍ଷଣୀୟ ତୋରଣ ଓ ସୁସଜ୍ଜିତ ମେଢ଼ରେ ମା' ଦୁର୍ଗାଙ୍କ ବିଧି ଅନୁଯାଇ ନବରାତ୍ର ପୂଜା ପାଳନ କରା ଯାଇଛି। ଆମ ସଂସ୍କୃତି, ଆମ ପରମ୍ପରା, ଆମ ଅସ୍ମିତାର ଗର୍ବ ଓ ଗୌରବ ବାଲିପଦର ଆଜି ଆଧାତ୍ମିକ ମାହୋଲରେ ମୁଖରିତ ହୋଇ ଉଠିଛି। ପୂଜା କମିଟିର ସଭାପତି ସଞ୍ଜୟ ଜେନା, ପରିଚାଳକ ନାରାୟଣ ସାମନ୍ତରା, କାର୍ଯକାରୀ ସଦସ୍ୟ ମାଧବ ବିଷୋୟୀ, ଭଗବାନ ବସ୍ତୁ, ଶିବରାମ ସାସମଲ, କରମ ଚାନ୍ଦ, ଧନୁର୍ଜୟ ଜେନା ମାଥିଲି, ମଙ୍ଗୁଲୁ, ଡାକ, କାହ୍ନା, ବାପିନା, ପିଙ୍କୁ, କେଶବ ଓ ବହୁ ସଦସ୍ୟ ଓ ଶ୍ରଦ୍ଧାଳୁଙ୍କ ଗହଣରେ କର୍ତ୍ତା ଭାବେ ତ୍ରିନାଥ ସାସମଲ ଓ ପୂଜକ ପ୍ରଦ୍ୟୁମ୍ନ ଖାଡଙ୍ଗା ନବରାତ୍ର ପୂଜା ପରିଚାଳନା କରୁଛନ୍ତି।

DSPL-281
ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ
ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ବିଶ୍ୱ ଜରା ଦିବସ
୧ ଅକ୍ଟୋବର ୨୦୨୫
ସୁସ୍ଥ ଓ ଆନନ୍ଦମୟ ଜୀବନ - ପ୍ରତ୍ୟେକ ବୟସ୍କଙ୍କ ଅଧିକାର
- ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବୟସ୍କଙ୍କ ପାଇଁ ୧୦ ଶଯ୍ୟା ବିଶିଷ୍ଟ ଜରା ରୋଗ ୱାର୍ଡ଼ ଏବଂ ଚିକିତ୍ସା ବ୍ୟବସ୍ଥା ଉପଲବ୍ଧ
- ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ବାର୍ଦ୍ଧକ୍ୟ ଜନିତ ସ୍ୱାସ୍ଥ୍ୟ ସମସ୍ୟାର ଉପଚାର ନିମନ୍ତେ ପରୀକ୍ଷା, ନିଦାନ, ଚିକିତ୍ସା, ଯୋଗ ଓ ବ୍ୟାୟାମ ଆଦି ଉପଲବ୍ଧ
- ସନ୍ତୁଳିତ ଖାଦ୍ୟ, ଯଥେଷ୍ଟ ବିଶ୍ରାମ, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ହାଲୁକା ଶାରୀରିକ ଶ୍ରମ ଏବଂ ସାମାଜିକ ସୁସମ୍ପର୍କ ଆଦି ଦ୍ୱାରା ବୃଦ୍ଧାବସ୍ଥାକୁ ଆନନ୍ଦମୟ କରାଯାଇପାରିବ
ବିଶ୍ୱର ସମୃଦ୍ଧିରେ ବୟସ୍କଙ୍କ ଅବଦାନ ଅତୁଳନୀୟ
ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପଲାଇନ୍ : ୧୦୪
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/
OIPR-10003/13/0291/2526

DSPL-286
ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ
ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ
୧ ଅକ୍ଟୋବର ୨୦୨୫
ରକ୍ତଦାନ ମହତ ଦାନ
ଆପଣ ବି ଜଣେ ସ୍ୱେଚ୍ଛାକୃତ ରକ୍ତଦାତା ହୋଇପାରିବେ ଯଦି ଆପଣଙ୍କର;
- ବୟସ ୧୮ ରୁ ୬୫ ବର୍ଷ ମଧ୍ୟରେ
- ଶରୀରର ଓଜନ ୪୫ କି.ଗ୍ରା.ରୁ ଅଧିକ
- ନାଡ଼ିର ଗତି ପ୍ରତି ମିନିଟ୍ ୬୦ରୁ ୧୦୦ ମଧ୍ୟରେ ଓ ନିୟମିତ ଅଛି
- ରକ୍ତଚାପ: ସିଷ୍ଟୋଲିକ୍ ୧୦୦ରୁ ୧୪୦ ମି.ମି. ଓ ଡାୟାଷ୍ଟୋଲିକ୍ ୬୦ରୁ ୯୦ ମି.ମି. ମଧ୍ୟରେ ଅଛି
- ହିମୋଗ୍ଲୋବିନ୍‌ର ସ୍ତର ଅତି କମରେ ୧୨.୫ ଗ୍ରା.ରୁ ଅଧିକ ଅଛି
- ପାଟିର ତାପମାତ୍ରା ୩୭ ଡିଗ୍ରି ସେଲସିୟସରୁ ଅଧିକ ନାହିଁ
ଥାଲାସିମିଆ, ସିକିଲ୍‌ସେଲ୍, ହେମୋଫିଲିଆ ଆଦି ରୋଗୀମାନଙ୍କୁ ଚିକିତ୍ସା ପାଇଁ ଯାତାୟାତ ନିମନ୍ତେ ମାସିକ **ଟ.୫୦୦/-** ର ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି ।
ଅଧିକ ସୂଚନା ପାଇଁ ଜିଲ୍ଲା/ଉପଖଣ୍ଡ ସ୍ତରୀୟ ରକ୍ତ କେନ୍ଦ୍ର କିମ୍ବା ରାଜ୍ୟ ରକ୍ତ ସଞ୍ଚାରଣ ପରିଷଦ, ଭୁବନେଶ୍ୱର ସହ ପରାମର୍ଶ କରନ୍ତୁ ।
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/
OIPR-10003/13/0292/2526


## ସଂକ୍ଷେପରେ

### ଆଜିଠୁ ସ୍ପିଡ୍ ପୋଷ୍ଟ ମହଙ୍ଗା

ନୂଆଦିଲ୍ଲୀ,୩୦।୯

ଅକ୍ଟୋବର ୧ରୁ ସ୍ପିଡ୍ ପୋଷ୍ଟରେ ଦସ୍ତାବିଜ୍ ପଠାଇବା ମହଙ୍ଗା ହେବ। ସ୍ପିଡ୍ ପୋଷ୍ଟର ବର୍ଦ୍ଧିତ ଦେୟ ବୁଧବାରଠାରୁ ଲାଗୁ ହେଉଥିବା ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି। ପରିଚାଳନା ଖର୍ଚ୍ଚ ବଢ଼ିବା ସହ ଉନ୍ନତ ସେବା ପାଇଁ ଅର୍ଥ ବିନିଯୋଗ କରିବାକୁ ପଡୁଥିବାରୁ ଦେୟରେ ସଂଶୋଧନ କରିବା ଜରୁରୀ ହୋଇପଡ଼ିଛି ବୋଲି ଡାକ ବିଭାଗ ପକ୍ଷରୁ କୁହାଯାଇଛି। ଡାକ ପ୍ରେରଣ ସୁରକ୍ଷାରେ ଉନ୍ନତି ଏବଂ ଗ୍ରାହକଙ୍କ ସୁବିଧା ପାଇଁ ପ୍ରଯୁକ୍ତି ଭିତ୍ତିକ ଫିଚରକୁ ସାମିଲ କରାଯାଉଛି। ୨୦୧୨ ଅକ୍ଟୋବରରେ ଇନ୍‌ଲାଣ୍ଡ ସ୍ପିଡ୍ ପୋଷ୍ଟ ଟାରିଫ୍ ଶେଷ ଥର ପାଇଁ ପରିବର୍ତ୍ତନ ହୋଇଥିଲା। ଗତ ୧୩ ବର୍ଷ ମଧ୍ୟରେ ଖର୍ଚ୍ଚ ବଢ଼ିବା ସହ ଲୋକେ ଉନ୍ନତ ସେବା ଚାହୁଁଥିବା ବିଭାଗ ପକ୍ଷରୁ କୁହାଯାଇଛି।

### ପରେଶ ରାୱଲଙ୍କ 'ତାଜ ଷ୍ଟୋରି' ପୋଷ୍ଟରକୁ ନେଇ ବିବାଦ




ନୂଆଦିଲ୍ଲୀ, ୩୦।୯ (ପି.ଟି.)

ଅଭିନେତା ପରେଶ ରାୱଲଙ୍କ ଆଗାମୀ ଫିଲ୍ମ 'ଦି ତାଜ୍ ଷ୍ଟୋରି'କୁ ନେଇ ବିବାଦ ଦେଖାଦେଇଛି। ଏହି ଫିଲ୍ମର ଏକ ପୋଷ୍ଟର ଲୋକଙ୍କ ଧର୍ମୀୟ ଭାବନାକୁ ଆଘାତ ପହଞ୍ଚାଉଛି ଏବଂ ଫିଲ୍ମରେ ଭାରତର ଇତିହାସକୁ ବିକୃତ କରି ଉପସ୍ଥାପନ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ପରେଶ ସୋମବାର ତାଙ୍କ ଇନ୍‌ଷ୍ଟାଗ୍ରାମରେ 'ଦି ତାଜ୍ ଷ୍ଟୋରି'ର ମୋଶନ ପୋଷ୍ଟରକୁ ଜାରି କରିଥିଲେ। ପୋଷ୍ଟରରେ ପରେଶ ଏକ ଛୋଟ ତାଜମହଲର ଗମ୍ବୁଜ ଉଠାଉଥିବା ବେଳେ ସେଥିମଧ୍ୟରୁ ଭଗବାନ ଶିବଙ୍କର ଏକ ମୂର୍ତ୍ତି ବାହାରୁଥିବା ନେଇ ଦେଖିବାକୁ ମିଳିଥିଲା। କ୍ୟାପ୍‌ଶନ୍‌ରେ ସେ ଲେଖିଥିଲେ, ବର୍ତ୍ତମାନ ପର୍ଯ୍ୟନ୍ତ ଆପଣଙ୍କୁ ଯାହା ଶିଖାଯାଇଛି, ଯଦି ତାହା ମିଛ ପ୍ରମାଣିତ ହୁଏ ତେବେ କ'ଣ ହେବ। ପରେଶଙ୍କ ଏହି ପୋଷ୍ଟକୁ ନେଇ ବିବାଦ ବଢ଼ିଥିଲା ଏବଂ ମୁସଲମାନ ସମ୍ପ୍ରଦାୟର ଅନେକ ବ୍ୟକ୍ତି 'ଦି ତାଜ୍ ଷ୍ଟୋରି'ର ପୋଷ୍ଟରକୁ ନେଇ ଆପତ୍ତି ପ୍ରକାଶ କରିଥିଲେ। ବିବାଦକୁ ନେଇ ଫିଲ୍ମର ନିର୍ଦ୍ଦେଶକ ତୁଷାର ଅମରିଶ ଗୋୟଲ ମଙ୍ଗଳବାର ସଫେଇ ଦେଇ କହିଛନ୍ତି, 'ଦି ତାଜ୍ ଷ୍ଟୋରି' ଫିଲ୍ମକୁ କୌଣସି ଧର୍ମୀୟ ଭାବନାକୁ ଆଘାତ ପହଞ୍ଚାଇବା ପାଇଁ ନୁହେଁ ବରଂ ମନୋରଞ୍ଜନ ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଛି।

### ଦିଲ୍ଲୀରେ ଆଜି



ଦୁର୍ଗାପୂଜା ଅବସରରେ ନୂଆଦିଲ୍ଲୀସ୍ଥିତ ଆରାମବାଗ ଅଞ୍ଚଳର ଏକ ପୂଜା ମଣ୍ଡପରେ ମଙ୍ଗଳବାର ମହିଳାମାନେ ଦାଣ୍ଡିଆ ନୃତ୍ୟରେ ଝୁମୁଛନ୍ତି। (ଫଟୋ-ଚମନ ଗୌତମ)

## ଇଣ୍ଡୋନେସିଆରେ ସ୍କୁଲ୍ ବିଲ୍ଡିଂ ଭୁଶୁଡ଼ି ୩ ମୃତ

### ଭଗ୍ନାବଶେଷ ତଳେ ଫସିଛନ୍ତି ୬୫ ଛାତ୍ରୀଛାତ୍ର

ସିଦୋଆର୍ଜୋ,୩୦।୯

ଇଣ୍ଡୋନେସିଆର ମୁଖ୍ୟ ଦ୍ୱୀପ ଜାଭାରେ ସୋମବାର ଏକ ଇସ୍‌ଲାମୀୟ ସ୍କୁଲ୍ ବିଲ୍ଡିଂ ଭୁଶୁଡ଼ି ପଡ଼ିବାରୁ ଅନ୍ୟୁନ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ଶତାଧିକ ଆହତ ହୋଇଛନ୍ତି। ଭଗ୍ନାବଶେଷ ତଳେ ୬୫ ଛାତ୍ରୀଛାତ୍ର ଫସିଥିବା ଆଶଙ୍କା କରାଯାଉଛି। ପିଲାମାନେ ଅପରାହ୍ନ ପ୍ରାର୍ଥନା ପାଇଁ ଏକାଠି ହୋଇଥିବାବେଳେ ବହୁତଳ ବିଶିଷ୍ଟ ସ୍କୁଲ ବିଲ୍ଡିଂ ଭୁଶୁଡ଼ି ପଡ଼ିଥିଲା। କଂକ୍ରିଟ୍ ତଳେ ଫସିରହିଥିବା ପିଲାମାନଙ୍କ ପାଇଁ ଉଦ୍ଧାରକାରୀ ଟିମ୍ ଅକ୍ସିଜେନ୍ ଓ ପାଣି ନେଇ ପହଞ୍ଚିଥିବାବେଳେ ସେମାନଙ୍କୁ ବାହାର କରିବା ଲାଗି ଉଦ୍ୟମ ଜାରି ରହିଛି। ଉଦ୍ଧାରକାରୀ କର୍ମଚାରୀ, ପୋଲିସ ଏବଂ ସୈନ୍ୟମାନେ ସୋମବାର ରାତିରେ ୮ ଘଣ୍ଟା ଖୋଳାଖୋଳି କରିବା ପରେ ୮ ଜଣ ଆହତ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କରିଥିଲେ।

ପୂର୍ବ ଜାଭାର ସିଦୋଆର୍ଜୋ ସହରରେ ଥିବା ଅଲ୍ ଖୋଜିନି ଇସ୍‌ଲାମିକ ବୋର୍ଡିଂ ସ୍କୁଲ୍ ସୋମବାର ଭୁଶୁଡ଼ି ପଡ଼ିଥିଲା। ଭଗ୍ନାବଶେଷ ତଳୁ ଅଧିକ ମୃତଦେହ ମିଳୁଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ତେବେ ଭୁଶୁଡ଼ି ପଡ଼ିଥିବା କଂକ୍ରିଟ୍‌ରେ କମ୍ପନ ହେବାରୁ ମଙ୍ଗଳବାର ସକାଳ ୧୦ଟା ୧୫ରୁ ସାମୟିକ ଭାବେ ଉଦ୍ଧାର କାର୍ଯ୍ୟକୁ ବନ୍ଦ ରଖାଯାଇଥିଲା। ଆହୁରି ବିଲ୍ଡିଂ ଭୁଶୁଡ଼ିବା ଆଶଙ୍କାରେ ଲୋକମାନେ ସେଠାରୁ ଧାଇଁ ପଳାଇଥିଲେ। ଅପରାହ୍ନ ୧ଟା ୪୫ ମିନିଟ୍‌ରେ ଉଦ୍ଧାର କାର୍ଯ୍ୟ ପୁଣି ଆରମ୍ଭ ହୋଇଛି। ପରିବାର ଲୋକେ ପିଲାମାନଙ୍କ ସମ୍ପର୍କରେ ଖବର ପାଇବା ପାଇଁ ଭୁଶୁଡ଼ି ପଡ଼ିଥିବା ବିଲ୍ଡିଂ ଏବଂ ହସ୍ପିଟାଲ ନିକଟରେ ରୁଣ୍ଡ ହୋଇଛନ୍ତି। ମୁଖ୍ୟତଃ ସପ୍ତମରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରମାନେ ପ୍ରାର୍ଥନାରେ ଯୋଗଦେଇଥିବାବେଳେ ବିଲ୍ଡିଂ ଭୁଶୁଡ଼ିଥିଲା।

## ବିହାର ଚୂଡ଼ାନ୍ତ ଭୋଟର ତାଲିକାରେ ୭.୪୨ କୋଟି ମତଦାତା

### ଚିଠା ତାଲିକାରୁ କଟିଲେ ୩.୬୬ ଲକ୍ଷ, ଯୋଡ଼ିହେଲେ ୨୧.୫୩ ଲକ୍ଷ

ପାଟନା,୩୦।୯(ପି.ଟି.)

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନ ମଙ୍ଗଳବାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିଛନ୍ତି। ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପୂର୍ବରୁ ରାଜ୍ୟରେ ୭.୮୯ କୋଟି ଭୋଟର ଥିବାବେଳେ ଚୂଡ଼ାନ୍ତ ତାଲିକାରେ ତାହା ୭.୪୨ କୋଟିକୁ ହ୍ରାସ ପାଇଛି। ତେବେ ଗତ ଅଗଷ୍ଟ ୧ରେ ପ୍ରକାଶ ପାଇଥିବା ଚିଠା ଭୋଟର ତାଲିକାରେ ୭.୪୨ କୋଟି ଭୋଟର ଥିବାବେଳେ ଚୂଡ଼ାନ୍ତ ତାଲିକାରେ ଏହା ବୃଦ୍ଧି ପାଇଛି। ଚିଠା ତାଲିକାରେ ୬୫ ଲକ୍ଷ ଭୋଟର ବାଦ୍ ପଡ଼ିଥିବାବେଳେ ଏହା ଉପରେ ଆସିଥିବା ଆପତ୍ତି ଅଭିଯୋଗଗୁଡ଼ିକୁ ବିଚାରକୁ ନିଆଯାଇଥିଲା। ଚିଠା ତାଲିକାରୁ ୩.୬୬ ଲକ୍ଷ ଭୋଟରଙ୍କୁ ବାଦ୍ ଦିଆଯାଇଥିବାବେଳେ ୨୧.୫୩ ଲକ୍ଷଙ୍କୁ ସାମିଲ କରାଯାଇଛି। ବିହାର ମୁଖ୍ୟ ନିର୍ବାଚନ ଅଧିକାରୀ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ ସମ୍ପର୍କରେ ଏହାର ଫେସ୍‌ବୁକ୍ ପେଜ୍‌ରେ ଘୋଷଣା କରିଛନ୍ତି। voters.eci.gov.inରେ କ୍ଲିକ୍ କରି ଜନସାଧାରଣ ସେମାନଙ୍କ ନାଁ ଦେଖିପାରିବେ।




ଅନୁପସ୍ଥିତ, ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତର କିମ୍ବା ମୃତ ଦର୍ଶାଇ ନିର୍ବାଚନ କମିଶନ ପ୍ରାୟ ୬୫ ଲକ୍ଷ ନାମ ବାଦ୍ ଦେବା ପରେ ଚିଠା ଭୋଟର ତାଲିକାରେ ୭.୨୪ କୋଟି ନାମ ରହିଥିଲା। ପାଟନା ଜିଲା ପ୍ରଶାସନ ଅଧୀନରେ ଥିବା ୧୪ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୪୮.୧୫ ଲକ୍ଷ ଭୋଟର ରହିଥିବା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ଅର୍ଥାତ୍ ଚିଠା ଭୋଟର ତାଲିକା ତୁଳନାରେ ଚୂଡ଼ାନ୍ତ ତାଲିକାରେ ଭୋଟରଙ୍କ ସଂଖ୍ୟା ୧.୬୩ ଲକ୍ଷ ବଢ଼ିଛି।

ଭୋଟର ତାଲିକାର ଏସ୍‌ଆଇଆର୍ ଶେଷ ହୋଇଥିବାବେଳେ ନିର୍ବାଚନ କମିଶନ ଖୁବ୍‌ଶୀଘ୍ର ନିର୍ବାଚନ ତାରିଖ ଘୋଷଣା କରିପାରନ୍ତି। ଏସ୍‌ଆଇଆର୍‌କୁ ନେଇ ବିବାଦ ଦେଖାଦେଇଥିବାବେଳେ ବିପକ୍ଷ ଦଳଗୁଡ଼ିକ ଏହାକୁ ବିରୋଧ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଭାଜପା ନେତୃତ୍ୱାଧୀନ ଶାସକ ଏନ୍‌ଡିଏ ଉଦ୍ଦେଶ୍ୟମୂଳକ ଭାବେ ଭୋଟର ତାଲିକାରୁ ନାଁ ହଟାଉଥିବା ସେମାନେ ଅଭିଯୋଗ ଆଣିଥିଲେ। ଅନ୍ୟପକ୍ଷରେ ଅନୁପ୍ରବେଶକାରୀମାନଙ୍କୁ ବାଦ୍ ଦେବାକୁ ହେଲେ ଏସ୍‌ଆଇଆର୍ ଜରୁରୀ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସମେତ ଭାଜପା ନେତାମାନେ କହିଥିଲେ।

## ମୌସୁମୀ ଶେଷ, ଚଳିତ ଥର ୮% ଅଧିକ ବର୍ଷା

ନୂଆଦିଲ୍ଲୀ, ୩୦।୯ (ପି.ଟି.)

ଚଳିତ ବର୍ଷର ମୌସୁମୀ ଋତୁ ମଙ୍ଗଳବାର ଶେଷ ହୋଇଛି। ୪ ମାସର ଏହି ଅବଧି ମଧ୍ୟରେ ଦେଶରେ ସ୍ୱାଭାବିକଠାରୁ ୮% ଅଧିକ ବର୍ଷା ରେକର୍ଡ ହୋଇଥିବା ନେଇ ମଙ୍ଗଳବାର ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ମୁଖ୍ୟ ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ଏହି ମୌସୁମୀ ଋତୁରେ ଭାରତରେ ସ୍ୱାଭାବିକ ବର୍ଷା ୮୬୮.୬ ମି.ମି.ଠାରୁ ୮% ଅଧିକ ୯୩୭.୨ ମି.ମି. ବର୍ଷା ରେକର୍ଡ ହୋଇଛି। ଯଦିଓ ଏହି ଅବଧିରେ ଦେଶ ବାଦଲଫଟା ବର୍ଷା, ଭୂସ୍ଖଳନ ପରି ଅନେକ ବିପର୍ଯ୍ୟୟ ଦେଖିଛି, ତେବେ ଅଧିକ ବୃଷ୍ଟି ହୋଇଥିବାରୁ ଏହାକୁ ଏକ ସଫଳ ମୌସୁମୀ ଋତୁ କୁହାଯିବ ବୋଲି ମୃତ୍ୟୁଞ୍ଜୟ କହିଛନ୍ତି। ପୂର୍ବ ଏବଂ ଉତ୍ତରପୂର୍ବ ଭାରତରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଥିବାବେଳେ ଉତ୍ତରପଶ୍ଚିମ, କେନ୍ଦ୍ରୀୟ ଓ ଦକ୍ଷିଣ ଉପଦ୍ୱୀପ ଭାରତରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିଲା।

## କ୍ୱେଟାରେ ବିସ୍ଫୋରଣ: ୧୦ ମୃତ

କରାଚୀ,୩୦।୯

ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶ ଅନ୍ତର୍ଗତ କ୍ୱେଟା ସହରରେ ମଙ୍ଗଳବାର ବୋମା ବିସ୍ଫୋରଣ ହେବାରୁ ଅନ୍ୟୁନ ୧୦ ଜଣଙ୍କ ମୃତ୍ୟୁ ଘଟିବା ସହ ୩୨ ଆହତ ହୋଇଛନ୍ତି। ଫ୍ରଣ୍ଟିୟର କନଷ୍ଟେବୁଲାରୀ ମୁଖ୍ୟାଳୟ ନିକଟବର୍ତ୍ତୀ ଗହଳି ରାସ୍ତାରେ ଏହି ବିସ୍ଫୋରଣ ଘଟିଥିଲା। ଆହତମାନଙ୍କୁ ସହରର ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଜରୁରୀ ସ୍ଥିତି ଘୋଷଣା କରାଯାଇଛି। ଭୟଙ୍କର ବିସ୍ଫୋରଣ ହୋଇଥିବା ଟେଲିଭିଜନରେ ପ୍ରସାରିତ ଭିଡିଓ ଏବଂ ସୋସିଆଲ ମିଡିଆ କ୍ଲିପ୍‌ରୁ ଦେଖିବାକୁ ମିଳିଛି। ଏହି ସମୟରେ ସେଠାରେ ବହୁ ସାଧାରଣ ନାଗରିକ ଉପସ୍ଥିତ ଥିଲେ। ବିସ୍ଫୋରଣ ପାଇଁ କୌଣସି ସଂଗଠନ ଏପର୍ଯ୍ୟନ୍ତ ନିଜକୁ ଦାୟୀ କରି ନ ଥିବାବେଳେ ପ୍ରଦେଶର ସୁରକ୍ଷା ଯବାନମାନଙ୍କୁ ଟାର୍ଗେଟ କରି ବେଲୋଚ୍ ଉଗ୍ରବାଦୀ ସଂଗଠନ ଏଭଳି ବିସ୍ଫୋରଣ ବହୁ ସମୟରେ ଘଟାଇଥାଏ ବୋଲି କୁହାଯାଉଛି। ବେଲୁଚିସ୍ତାନ ମୁଖ୍ୟମନ୍ତ୍ରୀ ମୀର୍ ସର୍ଫରାଜ ବୁଗ୍‌ଟି ଘଟଣାର ତୀବ୍ର ନିନ୍ଦା କରିବା ସହ ଏହାକୁ ଆତଙ୍କବାଦୀ ଆକ୍ରମଣ ବୋଲି କହିଛନ୍ତି। ଇରାନ ଏବଂ ଆଫଗାନିସ୍ତାନ ସୀମାକୁ ଲାଗିଥିବା ବେଲୁଚିସ୍ତାନ ଦୀର୍ଘବର୍ଷ ହେଲା ହିଂସାତ୍ମକ ଉଗ୍ରବାଦର କେନ୍ଦ୍ର ହୋଇଆସିଛି। ସେମାନେ ସରକାରୀ ପ୍ରକଳ୍ପ ସୁରକ୍ଷା ବଳ ଆଦିକୁ ଟାର୍ଗେଟ କରି ଆକ୍ରମଣ କରିଥାନ୍ତି। ୬୦ ବିଲିୟନ ଡଲାର ମୂଲ୍ୟର ଚାଇନା–ପାକିସ୍ତାନ ଅର୍ଥନୈତିକ କରିଡର ପ୍ରକଳ୍ପ ମଧ୍ୟ ସେମାନଙ୍କ ଟାର୍ଗେଟରେ ରହିଛି।

## ୨୬/୧୧ ପ୍ରତିଆକ୍ରମଣକୁ ରୋକିଥିଲା ଆମେରିକା : ଚିଦାମ୍ବରମ୍

### ସୋନିଆଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଇଲା ଭାଜପା

ନୂଆଦିଲ୍ଲୀ,୩୦।୯

୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ବିରୋଧରେ ଜବାବୀ ସାମରିକ କାର୍ଯ୍ୟାନୁଷ୍ଠାନ ନ କରିବାକୁ ସେତେବେଳର ଉପା ସରକାର ନିଷ୍ପତ୍ତି ନେଇଥିଲା। ଅତ୍ୟଧିକ ବାହ୍ୟ ଚାପ ଯୋଗୁ ପ୍ରତିଆକ୍ରମଣ ନ କରିବା ପାଇଁ ତତ୍କାଳୀନ ସରକାର ନିଷ୍ପତ୍ତି ନେଇଥିଲେ ବୋଲି ପୂର୍ବତନ ସ୍ୱରାଷ୍ଟ୍ର ମନ୍ତ୍ରୀ ପି. ଚିଦାମ୍ବରମ୍ ପ୍ରକାଶ କରିଛନ୍ତି। ଅପରାଧୀଙ୍କୁ ଶାସ୍ତି ଦେବାର ବିଚାର ତାଙ୍କ ମନରେ ଆସିଥିଲା ବୋଲି ବରିଷ୍ଠ କଂଗ୍ରେସ ନେତା ଏକ ସାକ୍ଷାତ୍‌କାରରେ କହିଛନ୍ତି। ତେବେ ସାମରିକ କାର୍ଯ୍ୟାନୁଷ୍ଠାନ ନ ନେବାକୁ ସରକାର ନିଷ୍ପତ୍ତି ନେଇଥିଲେ।

ଚିଦାମ୍ବରମ୍ କହିଛନ୍ତି, ଯୁଦ୍ଧ ଆରମ୍ଭ ନ କରିବାକୁ ସାରା ବିଶ୍ୱରୁ ଚାପ ପଡ଼ିଥିଲା। ଆକ୍ରମଣର ୨/୩ ଦିନ ପରେ ତତ୍କାଳୀନ ଆମେରିକା ପରରାଷ୍ଟ୍ର ସଚିବ କଣ୍ଡୋଲିଜା ରାଇସ୍ ଭାରତ ଆସି ପ୍ରତିଆକ୍ରମଣ ନ କରିବାକୁ ନିବେଦନ କରିଥିଲେ। ଆକ୍ରମଣ ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିବା ଚିଦାମ୍ବରମ୍ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଓ ଅନ୍ୟ ପ୍ରମୁଖ ନେତାମାନଙ୍କ ସହ ସମ୍ଭାବ୍ୟ ପ୍ରତିଆକ୍ରମଣ ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ଆକ୍ରମଣ ନ କରିବାକୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ଏବଂ ଭାରତୀୟ ବିଦେଶ ସେବା (ଆଇଏଫ୍‌ଏସ୍) ଚାପ ପକାଇଥିଲା ବୋଲି ଚିଦାମ୍ବରମ୍ କହିଛନ୍ତି।



ପି. ଚିଦାମ୍ବରମ୍

ଚିଦାମ୍ବରମ୍‌ଙ୍କ ମନ୍ତବ୍ୟ ଉପରେ ଭାଜପା ନେତାମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ୧୭ ବର୍ଷ ପରେ ପୂର୍ବତନ ସ୍ୱରାଷ୍ଟ୍ର ମନ୍ତ୍ରୀ ସତ ମାନିଛନ୍ତି। ଏହା ବହୁତ କମ୍ ଓ ବହୁତ ବିଳମ୍ବ ହୋଇଗଲା ବୋଲି ଭାଜପା ନେତା ପ୍ରହ୍ଲାଦ ଜୋଶୀ କହିଛନ୍ତି। ଏହି ଘଟଣାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଏବଂ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ଭୂମିକାକୁ ନେଇ ଭାଜପା ମୁଖପାତ୍ର ଶେହଜାଦ ପୁନାୱାଲା ପ୍ରଶ୍ନ ଉଠାଇଛନ୍ତି। କଣ୍ଡୋଲିଜାଙ୍କ ନିର୍ଦ୍ଦେଶକୁ ଉପା କାହିଁକି ଗ୍ରହଣ କଲା ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ନିଷ୍ପତ୍ତି ଉପରେ ସୋନିଆ ପ୍ରଭାବ ପକାଇଲେ କାହିଁକି ବୋଲି ଭାଜପା ମୁଖପାତ୍ର ପ୍ରଶ୍ନ କରିଛନ୍ତି। କେବଳ ୨୬/୧୧ ଆକ୍ରମଣ ନୁହେଁ, ସମଝୌତା ଏକ୍ସପ୍ରେସ୍ ବିସ୍ଫୋରଣ ମାମଲାରେ ମଧ୍ୟ କଂଗ୍ରେସ ପାକିସ୍ତାନକୁ କ୍ଲିନ୍‌ଚିଟ୍ ଦେଇଥିଲା ବୋଲି ପୁନାୱାଲ ଅଭିଯୋଗ କରିଛନ୍ତି।

## ଶିଶୁ ବିରୋଧୀ ଅପରାଧ ୯.୨% ବଢ଼ିଛି: ଏନ୍‌ସିଆର୍‌ବି

### ୧୦ ବର୍ଷରେ ଛାତ୍ରୀଛାତ୍ର ଆତ୍ମହତ୍ୟା ମାମଲା ୬୪.୯% ବଢ଼ିଛି

### ପାରିବାରିକ ସମସ୍ୟା, ଅସୁସ୍ଥତା ଆତ୍ମହତ୍ୟାର ମୁଖ୍ୟ କାରଣ

ନୂଆଦିଲ୍ଲୀ, ୩୦।୯



୨୦୨୩ରେ ଦେଶରେ ମୋଟ ୧ ଲକ୍ଷ ୭୭ ହଜାର ୩୩୫ ଶିଶୁ ବିରୋଧୀ ଅପରାଧ ମାମଲା ପଞ୍ଜୀକୃତ ହୋଇଛି। ୨୦୨୨ଠାରୁ ଏହି ସଂଖ୍ୟା ୯.୨% ବଢ଼ିଥିବା ନେଇ ମଙ୍ଗଳବାର ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ସଦ୍ୟତମ ରିପୋର୍ଟରେ ପ୍ରକାଶ ପାଇଛି। ୨୦୨୨ରେ ୧ ଲକ୍ଷ ୬୨ ହଜାର ୪୪୯ ଶିଶୁ ବିରୋଧୀ ଅପରାଧ ମାମଲା ପଞ୍ଜୀକୃତ ହୋଇଥିଲା। ରିପୋର୍ଟ ଅନୁଯାୟୀ, ୨୦୨୨ରେ ପ୍ରତି ୧ ଲକ୍ଷ ଶିଶୁ ଜନସଂଖ୍ୟାରେ ଅପରାଧ ହାର ୩୬.୬ ଥିବାବେଳେ ୨୦୨୩ରେ ଏହି ସଂଖ୍ୟା ବଢ଼ି ୩୯.୯ରେ ପହଞ୍ଚିଛି। ଶିଶୁ ବିରୋଧୀ ଅପରାଧ ମଧ୍ୟରେ ସର୍ବାଧିକ ଅପହରଣ ମାମଲା ରହିଛି। ୨୦୨୩ରେ ମୋଟ ୭୯,୮୮୪ ଶିଶୁଙ୍କୁ ଅପହରଣ କରାଯାଇଥିବାର ମାମଲା ସାମ୍ନାକୁ ଆସିଛି। ସେହିପରି ୨୦୨୩ରେ ୬୭,୬୯୪ଟି ପୋକ୍‌ସୋ ଆଇନ ଅନ୍ତର୍ଗତ ଅପରାଧ ମାମଲା ପଞ୍ଜୀକୃତ ହୋଇଛି।

ରିପୋର୍ଟ ଅନୁଯାୟୀ, ୨୦୨୩ରେ ୪ ଲକ୍ଷ ୪୮ ହଜାର ୨୧୧ ମହିଳା ବିରୋଧୀ ଅପରାଧ ମାମଲା ପଞ୍ଜୀକୃତ ହୋଇଛି। ୨୦୨୨ ଏବଂ ୨୦୨୧ରେ ଏହି ସଂଖ୍ୟା ଯଥାକ୍ରମେ ୪ ଲକ୍ଷ ୪୫ ହଜାର ୨୫୬ ଏବଂ ୪ ଲକ୍ଷ ୨୮ ହଜାର ୨୭୮ ରହିଥିଲା। ୨୦୨୩ରେ ମହିଳା ଅପହରଣ ସମ୍ବନ୍ଧିତ ୮୮,୬୦୫ ମାମଲା ପଞ୍ଜୀକୃତ ହୋଇଛି। ସେହିପରି ମହିଳାଙ୍କୁ ଆକ୍ରମଣର ୮୩,୮୯୧ ମାମଲା ଏବଂ ବଳାତ୍କାରର ୨୯,୬୭୦ ମାମଲା ରୁଜୁ ହୋଇଛି। ନାବାଳିକାଙ୍କୁ ବଳାତ୍କାରର ୮୪୯ ମାମଲା ପଞ୍ଜୀକୃତ ହୋଇଛି। ୨୦୨୩ରେ ଯୌତୁକ ନିର୍ଯାତନା ଯୋଗୁ ମୃତ୍ୟୁସଂଖ୍ୟା ୬,୧୫୬ ରହିଛି। ସେହିପରି ଉକ୍ତ ବର୍ଷ ମହିଳାଙ୍କୁ ଆତ୍ମହତ୍ୟା ପାଇଁ ଉସ୍‌କାଯିବାର ୪,୮୨୫ ମାମଲା ପଞ୍ଜୀକୃତ ହୋଇଛି।

୨୦୨୩ରେ ଭାରତରେ ମୋଟ ୧ ଲକ୍ଷ ୭୧ ହଜାର ୪୧୮ ଆତ୍ମହତ୍ୟା ମାମଲା ପଞ୍ଜୀକୃତ ହୋଇଛି। ୨୦୨୨ ତୁଳନାରେ ଏହି ସଂଖ୍ୟା ୦.୩% ଅଧିକ। ପାରିବାରିକ ସମସ୍ୟା ଏବଂ ଅସୁସ୍ଥତା ଭାରତରେ ହେଉଥିବା ଆତ୍ମହତ୍ୟାର ୨ ପ୍ରମୁଖ କାରଣ ବୋଲି ରିପୋର୍ଟରେ କୁହାଯାଇଛି। ମହାରାଷ୍ଟ୍ରରେ ସର୍ବାଧିକ ୨୨,୬୮୭ ଆତ୍ମହତ୍ୟା ମାମଲା ପଞ୍ଜୀକୃତ ହୋଇଥିବା ବେଳେ ଏହା ପଛକୁ ତାମିଲନାଡୁରେ ୧୯୪୮୩, ମଧ୍ୟପ୍ରଦେଶରେ ୧୫୬୬୨, କର୍ଣ୍ଣାଟକରେ ୧୩୩୩୦ ଏବଂ ପଶ୍ଚିମବଙ୍ଗରେ ୧୨୮୧୯ ଆତ୍ମହତ୍ୟା ମାମଲା ପଞ୍ଜୀକୃତ ହୋଇଛି। ଦେଶର ସମୁଦାୟ ଆତ୍ମହତ୍ୟା ମାମଲାର କେବଳ ୪୯% ଏହି ୫ ରାଜ୍ୟରେ ପଞ୍ଜୀକୃତ ହୋଇଥିବା ନେଇ ରିପୋର୍ଟରେ କୁହାଯାଇଛି। ମୋଟ ଆତ୍ମହତ୍ୟା ମାମଲା ମଧ୍ୟରୁ ପାରିବାରିକ ସମସ୍ୟା ଯୋଗୁ ୩୧.୯% ଚରମ ନିଷ୍ପତ୍ତି ନେଇଥିବା ବେଳେ ଅସୁସ୍ଥତା ଯୋଗୁ ୧୯% ଆତ୍ମହତ୍ୟା କରିଛନ୍ତି। ସେହିପରି ଗତ ୧୦ ବର୍ଷ ମଧ୍ୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆତ୍ମହତ୍ୟା ମାମଲା ୬୪.୯% ବୃଦ୍ଧି ପାଇଛି। ୨୦୨୩ରେ ସମୁଦାୟ ୧୩,୮୯୨ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଥିବାର ମାମଲା ପଞ୍ଜୀକୃତ ହୋଇଛି। ୨୦୧୩ରେ ଏହି ସଂଖ୍ୟା ୮,୪୨୩ ରହିଥିଲା।

## ଦାନବ ଦେବୀ ଭୂମିକାରେ ସୋନାକ୍ଷୀ

ହାଇଦ୍ରାବାଦ

ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ସମ୍ପ୍ରତି ତାଙ୍କର ଆଗାମୀ ମାଇଥୋଲୋଜିକାଲ ଥ୍ରୀଲର ଫିଲ୍ମ 'ଜଟାଧାରା'କୁ ନେଇ ଚର୍ଚ୍ଚାରେ ରହିଛନ୍ତି। ଫିଲ୍ମରେ ସୋନାକ୍ଷୀ 'ଧନ ପିଶାଚୀ' ନାମକ ଜଣେ ଶକ୍ତିଶାଳୀ ଦାନବ ଦେବୀଙ୍କ ଭୂମିକାରେ ନଜରକୁ ଆସିବେ। ନିକଟରେ 'ଜଟାଧାରା' ଫିଲ୍ମର ଏକ ଗୀତ 'ଧନ ପିଶାଚୀ'କୁ ରିଲିଜ୍ କରାଯାଇଥିବା ବେଳେ ଏଥିରେ ଦାନବ ଦେବୀ ରୂପରେ ସୋନାକ୍ଷୀଙ୍କ କିଲର ମୁଭ୍ସ ସିନେ ପ୍ରେମୀମାନଙ୍କୁ ଚକିତ କରିଛି। ଭାରୀ ସୁନା ଅଳଙ୍କାର ସହ ପାରମ୍ପରିକ ଶାଢ଼ିରେ ସୋନାକ୍ଷୀଙ୍କ ଡ୍ୟାନ୍ସ ମୁଭ୍ସ ଏବଂ ଗୀତରେ ତାଙ୍କ ଲୁକ୍‌କୁ ପ୍ରଶଂସକମାନେ ଢ଼େର ପ୍ରଶଂସା କରିଛନ୍ତି। 'ଧନ ପିଶାଚୀ' ଗୀତରେ ସୋନାକ୍ଷୀଙ୍କ ଲୁକ୍‌କୁ ଦେଖିବା ପରେ 'ଜଟାଧାରା' ଫିଲ୍ମକୁ ନେଇ ସିନେ ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି। 'ଜଟାଧାରା' ଫିଲ୍ମ ସହ ସୋନାକ୍ଷୀ ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରିରେ ଡେବ୍ୟୁ କରିବେ। ଏହି ଫିଲ୍ମରେ ତେଲୁଗୁ ଅଭିନେତା ସୁଧୀର ବାବୁ ତାଙ୍କ ବିପକ୍ଷରେ ନଜରକୁ ଆସିବେ। ସେହିପରି ଫିଲ୍ମରେ ଅଭିନେତ୍ରୀ ଦିବ୍ୟା ଖୋସ୍‌ଲା ଏବଂ ଶିଳ୍ପା ଶିରୋଡକରଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଭେଙ୍କଟ କଲ୍ୟାଣ ଓ ଅଭିଷେକ ଜୟସ୍ୱାଲଙ୍କ ନିର୍ଦ୍ଦେଶିତ 'ଜଟାଧାରା' ଫିଲ୍ମ ଆସନ୍ତା ନଭେମ୍ବର ୭ରେ ତେଲୁଗୁ ଏବଂ ହିନ୍ଦୀ ଭାଷାରେ ରିଲିଜ୍ ହେବ।



ସୋନାକ୍ଷୀ ସିହ୍ନା

# ରକ୍ତଦାନକରି ଜୀବନ ବଞ୍ଚାଇବା



## ଆଜି ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ

ରକ୍ତଦାନ ମହାନ୍ ଦାନ। ଏହାଦ୍ୱାରା ଆମେ ଜଣଙ୍କର ଜୀବନ ବଞ୍ଚାଇବାରେ କେତେକାଂଶରେ ସାହାଯ୍ୟ କରିପାରିବା। ଏପରି ବାର୍ତ୍ତାକୁ ଅଧିକ ପ୍ରଚାର ପ୍ରସାର ଲାଗି ପ୍ରତିବର୍ଷ ଅକ୍ଟୋବର ୧ରେ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳିତ ହୋଇଆସୁଛି। ଚଳିତବର୍ଷ ଏହି ଦିବସ ଲାଗି ସ୍ଲୋଗାନ ରହିଛି– 'ରକ୍ତଦାନ କରନ୍ତୁ, ଆଶାର ସଞ୍ଚାର କରନ୍ତୁ: ଆମେ ଜୀବନ ବଞ୍ଚାଇବା'। ଭାରତର ପ୍ରଥମ ରକ୍ତ ଭଣ୍ଡାର କଲିକତାଠାରେ ୧୯୪୨ରେ ପ୍ରତିଷ୍ଠା ହୋଇଥିଲା। ଏହାବ୍ୟତୀତ ୧୯୫୯ରେ ଓଡ଼ିଶାର ପ୍ରଥମ ରକ୍ତଭଣ୍ଡାର କଟକଠାରେ ପ୍ରତିଷ୍ଠା ହୋଇଥିଲେ। ହେଲେ ସେତେବେଳେ ଆମ ରାଜ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ବିଷୟରେ ବିଶେଷ ଅଭିଜ୍ଞତା ନ ଥିଲା। ଏଚ୍ ଡି ସୌରୀ ନାମକ ଜଣେ ବ୍ୟକ୍ତି ନିଜର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'କମନ କଜ' ମାଧ୍ୟମରେ ଉଚ୍ଚତମ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ୧୯୯୬ରେ ପ୍ରକାଶିତ ରାୟରେ ମାନ୍ୟବର କୋର୍ଟ କେନ୍ଦ୍ର ସରକାରଙ୍କୁ ରକ୍ତସଂଗ୍ରହ, ରକ୍ତର ରକ୍ଷଣାବେକ୍ଷଣ, ରକ୍ତ ଉପାଦାନର ପୃଥକୀକରଣ ଓ ସୁରକ୍ଷିତ ରକ୍ତ ସଞ୍ଚାରଣ ନିମନ୍ତେ ଏକ ପରିଷଦ ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ୧୯୯୬ରେ ହିଁ କେନ୍ଦ୍ର ସରକାର ଜାତୀୟ ରକ୍ତ ସଞ୍ଚାରଣ ପରିଷଦ ଗଠନ କରିଥିଲେ। ସେହିବର୍ଷ ପ୍ରତ୍ୟେକ ରାଜ୍ୟରେ ମଧ୍ୟ ଏହି ପରିଷଦ ଗଠିତ ହୋଇଥିଲା। ଆମ ରାଜ୍ୟରେ ଥିବା ରାଜ୍ୟ ରକ୍ତ ସଞ୍ଚାରଣ ପରିଷଦ ଏକ ସାମାଜିକ ଅନୁଷ୍ଠାନ ହୋଇଥିଲେ ମଧ୍ୟ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ଏହାର ସଭାପତି ଓ ତାଙ୍କ ଦ୍ୱାରା ନିଯୁକ୍ତ ନିର୍ଦ୍ଦେଶକ ଏହାର ସଚିବ ଭାବେ କାମ କରୁଛନ୍ତି।

ଆମ ରାଜ୍ୟରେ ଏହି ପରିଷଦ ଗଠନ ପରେ ପ୍ରାୟ ୫ ବର୍ଷ ପର୍ଯ୍ୟନ୍ତ ସ୍ୱେଚ୍ଛାକୃତ ରକ୍ତଦାନ କ୍ଷେତ୍ରରେ ସେଭଳି କୌଣସି ପରବର୍ତ୍ତନ ହୋଇ ନ ଥିଲା। ୨୦୦୨ ଜୁନ ମାସରେ ରାଜ୍ୟ ରକ୍ତ ସଞ୍ଚାରଣ ପରିଷଦ ପକ୍ଷରୁ ରକ୍ତଦାତା ଓ ପ୍ରବର୍ତ୍ତକମାନଙ୍କର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ସବୁ ଜିଲାରୁ ରକ୍ତଦାତା ଓ ପ୍ରବର୍ତ୍ତକମାନେ ଯୋଗ ଦେଇଥିଲେ। ୨୦୦୨ ମସିହା ଜୁଲାଇ ୧୪ ତାରିଖ ଦିନ ବିଭିନ୍ନ ଜିଲାରୁ ଆସିଥିବା ରକ୍ତଦାତା ଓ ପ୍ରବର୍ତ୍ତକମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଦିନ ଗଠନ ହୋଇଥିଲା 'ଓଡ଼ିଶା ସ୍ୱେଚ୍ଛାକୃତ ରକ୍ତଦାତା ଓ ପ୍ରବର୍ତ୍ତକ ସଂଘ'।

– ଦିଲ୍ଲୀପ ଦାଶଶର୍ମା
ପ୍ରତିଷ୍ଠାତା ସଭାପତି, ଓଡ଼ିଶା ସ୍ୱେଚ୍ଛାକୃତ ରକ୍ତଦାତା ଓ ପ୍ରବର୍ତ୍ତକ ସଂଘ, ଭୁବନେଶ୍ୱର

# ଜଳିଗଲା କୋବି, ଧାନ ଫସଲ

## ଲଟାମରା ବିଷ ସିଞ୍ଚିଲେ ଦୁର୍ବୃତ୍ତ

ବରଗଡ଼,୩୦।୯(ପ୍ରେମାନନ୍ଦ ଖମାରୀ)





ଜଳିଯାଇଥିବା କୋବି ଫସଲ, ଧାନ ଫସଲ।

ବରଗଡ଼ ଜିଲା ଫସଲ ଅମଳ ପରେ ବିକ୍ରିବଟା ନେଇ ଚାଷୀଙ୍କୁ ନାହିଁ ନଥିବା ହଟହଟାର ସମ୍ମୁଖୀନ ହେବାକୁ ପଡୁଥିବା ବେଳେ ଫସଲ ଅମଳ ପୂର୍ବରୁ ମଧ୍ୟ ଚାଷୀଙ୍କ ଦୁଃଖ ବଢ଼ିଯାଇଛି। ରୋଗପୋକ ଉପଦ୍ରବ କିମ୍ବା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନୁହେଁ, କେହି ଦୁର୍ବୃତ୍ତ ଲଟାମରା ଔଷଧ ସିଞ୍ଚନ କରି ଦେବାରୁ ବରଗଡ଼ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଜମୁର୍ଡା ଗ୍ରାମର ଏକାଧିକ ଚାଷୀଙ୍କ କୋବି ଏବଂ ଧାନ ଫସଲ ଜଳି ନଷ୍ଟ ହୋଇଯାଇଛି। କ୍ଷତିଗ୍ରସ୍ତ ଚାଷୀଙ୍କ ଅଭିଯୋଗକୁ ଆଧାର କରି ମଙ୍ଗଳବାର ପୋଲିସ ଅନୁସନ୍ଧାନୀ କୁକୁର ନେଇ ଖୋଳତାଡ଼ ଆରମ୍ଭ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହରେ ପୋଲିସ ଜଣେ ଲୋକଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ପ୍ରେମାନନ୍ଦ ଭୁଏ ନିଜର ୨ ଏକର ଜମିରେ ଫୁଲକୋବି ଚାଷ କରିଥିଲେ। ତାହା ପ୍ରାୟତଃ ଅମଳକ୍ଷମ ଅବସ୍ଥାକୁ ଆସି ଯାଇଥିଲା। ତେବେ ଜମିରେ କେହି ନ ଥିବାବେଳେ ସୋମବାର ରାତିରେ କେହି ଦୁର୍ବୃତ୍ତ ସେହି କୋବି ଫସଲରେ ଲଟାମରା ଔଷଧ ମାରି ଦେଇଥିବା ଅଭିଯୋଗ ହୋଇଛି। ଏହାରି ପ୍ରଭାବରେ କୋବି ଫସଲ ଜଳି ନଷ୍ଟ ହୋଇଯାଇଛି। ସେହିପରି ଗ୍ରାମର ହେମକୁମାର କରନଙ୍କ ଅଧ ଏକର କୋବି ଫସଲ ନଷ୍ଟ ହୋଇଥିବାବେଳେ ନିର୍ମଳ କରନଙ୍କ କିଆରିରୁ କୋବି ଚୋରି ହୋଇଥିବା ଅଭିଯୋଗ ହୋଇଛି। ସେହିପରି ମିଥୁନ କରନଙ୍କ ଧାନ ଫସଲରେ ମଧ୍ୟ ସମ୍ପୃକ୍ତ ଲଟାମରା ଔଷଧ ସିଞ୍ଚନ କରାଯାଇଥିବାରୁ ତାହା ମଧ୍ୟ ଉଜୁଡି ଯାଇଛି।

ଧାନ ଓ କୋବି ଫସଲ ଅମଳ ପୂର୍ବରୁ ଦୁର୍ବୃତ୍ତଙ୍କ ଏଭଳି କାଣ୍ଡ ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ଦୁର୍ବୃତ୍ତଙ୍କୁ ଖୋଜି ବାହାର କରି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି। ଏହା ସହିତ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କ୍ଷତିପୂରଣ ଦେବା ଦିଗରେ ମଧ୍ୟ ପଦକ୍ଷେପ ନେବା ପାଇଁ ସାଧାରଣରେ ମତପ୍ରକାଶ ପାଇଛି।

# ପୌରାଞ୍ଚଳ ରାସ୍ତାରେ ବୁଲୁଛି କୁମ୍ଭୀର

ପଟ୍ଟାମୁଣ୍ଡାଇ,୩୦।୯ (କଳ୍ପତରୁ ନାୟକ)



ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ୭ ନଂ. ୱାର୍ଡ ତଳବାଲିପଡ଼ା ଗ୍ରାମର ଢଳେଇ ରାସ୍ତା ଉପରେ ମଙ୍ଗଳବାର ରାତିରେ ହଠାତ୍ କୁମ୍ଭୀର ଚାଲୁଥିବା ଦେଖିବାକୁ ମିଳିଛି। ଫଳରେ ସେହି ରାସ୍ତା ଦେଇ ଯାଉଥିବା ପଥଚାରୀ ଏବଂ ଗାଡ଼ିମୋଟର ଅଟକି ରହିଥିଲେ। ଲୋକମାନଙ୍କ ପାଟି ଶୁଣି କୁମ୍ଭୀରଟି ରାସ୍ତା ନିକଟରେ ଥିବା ନାଳକୁ ଚାଲିଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ପ୍ରାୟ ୧୦ ଫୁଟ୍ ଲମ୍ବର ଏହି କୁମ୍ଭୀରଟି ରାସ୍ତା ଉପରେ ଚାଲୁଥିବା ଯୋଗୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ବ୍ରାହ୍ମଣୀ ନଦୀରେ ବାରମ୍ବାର ବନ୍ୟା ଆସିବା ଫଳରେ ବନ୍ୟାବିପନ୍ନ ଧୋୟାଞ୍ଚଳର ବିଭିନ୍ନ

## ଲୋକେ ଭୟଭୀତ

ଅଞ୍ଚଳରେ କୁମ୍ଭୀର ଦେଖିବାକୁ ମିଳିଥିଲା। କିନ୍ତୁ ମଙ୍ଗଳବାର ରାତି ୮ଟାରେ ତଳବାଲିପଡ଼ା ପୋଖରୀ ନିକଟ ରାସ୍ତାରେ ଏକ କୁମ୍ଭୀର ଶୋଇଥିବା ଦେଖି ଲୋକେ ଭୟଭୀତ ହୋଇ ପଡିଛନ୍ତି। ୭ ନଂ. ୱାର୍ଡ କାଉନସିଲର ମଳୟ ଓଝା ତୁରନ୍ତ କୁମ୍ଭୀରକୁ ଧରିବାକୁ ରାଜନଗର ବନ ବିଭାଗକୁ ଜଣାଇଛନ୍ତି। ବନ୍ୟା ପାଣିରେ ଭାସି ଆସିଥିବା କୁମ୍ଭୀରଟି ବନ୍ୟା ଛାଡ଼ିବା ପରେ ତଳବାଲିପଡ଼ା ପୋଖରୀ ମଧ୍ୟରେ ରହି ଯାଇଥିବା ଅନୁମାନ କରାଯାଉଛି।


(Odisha Government emblem)

**OFFICE OF THE**
**ENGINEER-IN-CHIEF, RURAL WORKS,**
**ODISHA, BHUBANESWAR-751001 (Unit-IV, Sachivalaya Marg, Bhubaneswar)**
E-mail ID : cerwbuilding_bbsr@yahoo.com

File No.Bld.215/2024 31741 Date : 26.09.2025

Bid Identification No.-02-Bld.-2025-26

NOTICE INVITING REQUEST FOR PROPOSAL THROUGH E-PROCUREMENT PORTAL OF GOVT. OF ODISHA

**No.O-910** : Chief Engineer, Buildings & Bridges, O/o the EIC, Rural Works, Odisha, Bhubaneswar invites technical and financial proposals from reputed Architectural and Planning consulting firms for **"Engagement of Consultant for Preparation of Plan, DPR (CIVIL+EI+PH), BOQ, Bid Documents & Construction Monitoring for Construction of Block Level Stadiums (Componets like Football / Cricket Field, Clay Athletic Track with throw and jump area, Volleyball / Kho Kho / Kabaddi Court, Indoor Hall (Badminton, Table Tennis etc.), Common facility centre etc.) in different Districts of Odisha (Southern Zone)."** Details are as follows :

| | | |
|---|---|---|
| 1. | Bid documents such as RFP etc. can be seen/downloaded during the period | 03.10.2025 to 17.10.2025 upto 05:30 P.M. |
| 2. | Deadline for submission of Pre-Bid Queries to **cerwbuilding_bbsr@yahoo.com** | Upto 05:30 P.M. on 08.10.2025 |
| 3. | Online bids shall be received till | Upto 05:30 P.M. on 17.10.2025 |
| 4. | Date of opening of technical bids | At 11:30 A.M. on 18.10.2025 |
| 5. | Date of opening of financial Bid | To be intimated later |
| 6. | Bid Processing Fee (Non-Refundable) | Rs.10000/- (Rupees Ten Thousand) only |

Chief Engineer, Buildings & Bridges has the right to accept or reject the Notice/RFP without assigning any reasons thereof.

**Sd./- Chief Engineer, Buildings & Bridges**
**Rural Works, Odisha, Bhubaneswar**

**OIPR-25191/11/0008/2526**


# ବୁଲେଟ୍ –ବାଇକ୍ ମୁହାଁମୁହିଁ ଧକ୍କା, ୩ ଯୁବକଙ୍କ ମୃତ୍ୟୁ

ଓଡ଼ଗାଁ,୩୦।୯(ଆଦର୍ଶ କୁମାର ପଟ୍ଟନାୟକ)



ନୟାଗଡ଼ ଜିଲା ଆଦର୍ଶ ଥାନା ଅନ୍ତର୍ଗତ ୨୧ ନମ୍ବର ରାଜ୍ୟ ରାଜପଥ ଗୋଡ଼ିପଲି ପେଟ୍ରୋଲ ପମ୍ପ ନିକଟରେ ମଙ୍ଗଳବାର ମଧ୍ୟାହ୍ନରେ ବୁଲେଟ୍–ବାଇକ୍ ମୁହାଁମୁହିଁ ଧକ୍କାହେବାରୁ ୩ ବାଇକ୍ ଓ ବୁଲେଟ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ମୋହନ ବାରିକ (୨୮), ସନ୍ତୋଷ କୁମାର ରାଉତରାୟ (୩୫) ଓ ସିଲୁ ନାୟକ (୨୪)।

ସୂଚନା ଅନୁସାରେ, ଏହି ଥାନା ବାଣପୁର ପଞ୍ଚାୟତ ଚେମେଡି ଗ୍ରାମର ମୋହନ ବୁଲେଟ(ଓଡି ୨୫କ୍ୟୁ ୯୨୮୫)ରେ ଗାଁରୁ ବାହାରି କୋମଣ୍ଡ ଓ ବାଘୁଆ ଛକ ହୋଇ ଓ ଆସୁଥିବା ବେଳେ କେନ୍ଦ୍ରାପଡ଼ାର ସନ୍ତୋଷ ଓ ତାଙ୍କ ସମ୍ପର୍କୀୟ ଭାଇ ପଡ଼ୋଶୀ ଗଞ୍ଜାମ ଜିଲା କରସିଂ ଗ୍ରାମର ସିଲୁଙ୍କ ସହ ଟିଭିଏସ୍ ରାଇଡର ବାଇକ୍ (ଓଡି ୨୯ ଡି ୨୪୪୮) ରେ କରସିଂ ଫେରୁଥିବା ବେଳେ ଉଭୟ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଏ ନେଇ ନଂ.୩୦୭/୨୫ରେ ପୋଲିସ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

ଦେଖଣାହାରୀଙ୍କ କହିବା ଅନୁସାରେ ଦୁର୍ଘଟଣା ଏତେ ଭୟଙ୍କର ଥିଲା ଉଭୟ ଗାଡ଼ି ସହ ୩ ଆରୋହୀ ପ୍ରାୟ ୧୦ ଫୁଟ ଉପରକୁ ଉଠି ରାସ୍ତା ଉପରେ ପଡ଼ିଥିଲେ। ସେମାନଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇଥିବା ଲୋକେ କହୁଥିବା ବେଳେ ସମସ୍ତଙ୍କୁ ଦମକଳ ବାହିନୀ ସ୍ଥାନୀୟ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ୨ ଗାଡ଼ି ଓ ୩ ମୋବାଇଲ ସହ ମୃତଦେହ ଜବତକରି ମାମଲାର ତଦନ୍ତ କରୁଛି। ମୃତକଙ୍କ ସମ୍ପର୍କୀୟମାନେ ଶତାଧିକ ସଂଖ୍ୟାରେ ହସ୍ପିଟାଲରେ ପହଞ୍ଚିବାରୁ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଅନ୍ୟପକ୍ଷରେ ମୃତ ମୋହନ ପାଣିଟାଙ୍କି ମିସ୍ତ୍ରି ଭାବେ କାମ କରୁଥିବା ବେଳେ ସେ ନୂଆ ବୁଲେଟ କିଣିଥିଲେ। ବାଇକ୍ ଆରୋହୀ ୨ ସମ୍ପର୍କୀୟ ଭାଇ ହୋଇଥିବା ବେଳେ କେନ୍ଦ୍ରାପଡ଼ାର ସନ୍ତୋଷ ନିଜ ମାମୁଘର କରସିଂ। ସେ ମାମୁ ପୁଅ ଭାଇ ସିଲୁ ସହିତ ବଜାର ସଉଦା କରିବାକୁ ଆସି କରସିଂ ଫେରୁଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ସୁନାଗହଣା ଚୋର ଦଳର ୩ ଗିରଫ

ରାଉରକେଲା,୩୦।୯ (ସଙ୍ଗୀତା ଜେନା)

ରାଉରକେଲା ସହରରେ ସୁନାଗହଣା ଚୋରି କରୁଥିବା ଏକ ଦଳର ୩ଜଣଙ୍କୁ ସେକ୍ଟର–୭ ଥାନା ପୋଲିସ ମଙ୍ଗଳବାର ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମାଲଗୋଦାମ ୱାର୍ଡ ନଂ. ୧୯ କାଳୀମନ୍ଦିର ନିକଟରେ ରହୁଥିବା ଏମ୍‌ଡି କେଫ୍ ଆଲମ୍(୧୯), ଏମ୍‌ଡ଼ି ଫରିଦ୍ ଖାନ୍(୨୪) ଏବଂ ଇରଫାନ୍ ଅଂସାରୀ(୧୯)। ସେମାନଙ୍କଠାରୁ ଗୋଟିଏ ସ୍କୁଟି, ୨ଟି ସୁନାଚେନ୍, ରୂପାଗହଣା, କଟର ମେଶିନ, ସିସିଟିଭି କ୍ୟାମେରା ଆଦି ଜବତ ହୋଇଛି। ପୋଲିସ ଏକ ମାମଲା (ନଂ.୨୧୭/୨୫) ରୁଜୁ କରି ଗିରଫ ଅଭିଯୁକ୍ତମାନଙ୍କୁ ସନ୍ଧ୍ୟା ୬ଟାରେ କୋର୍ଟଚାଲାଣ କରିଛି। ଏ ନେଇ ଅପରାହ୍ନ ୫ଟାରେ ସେକ୍ଟର–୭ ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଡିଏସ୍‌ପି ଯୋଗେଶ ପଣ୍ଡା ସୂଚନା ପ୍ରଦାନ କରିଛନ୍ତି।

ଡିଏସ୍‌ପି ପଣ୍ଡା କହିଥିଲେ, ଗତ ୨୫ରେ ସେକ୍ଟର–୭ ଥାନା ଅନ୍ତର୍ଗତ ସି ବ୍ଲକ ନିବାସୀ ତନୁଜା ସୁନା(୫୦)ଙ୍କ ଏତଲା ଅନୁସାରେ, ସେପ୍ଟେମ୍ବର ୧୬ ତାରିଖରେ ସେମାନେ ସପରିବାର ପୁରୀ ଯାଇଥିଲେ। ୨୪ ତାରିଖ ସକାଳ ୧୦ଟା ୪୫ ମିନିଟ୍‌ରେ ଘରକୁ ଫେରିବା ପରେ ଚୋରି ହୋଇଥିବା ଜଣାପଡ଼ିଥିଲା। ଏ ନେଇ ତନୁଜା ଘରର ସିସିଟିଭି ଯାଞ୍ଚ କରିବାରୁ ୨୩ ତାରିଖ ରାତି ୧ଟା ୫୭ରେ ଅଭିଯୁକ୍ତମାନେ ମାସ୍କ ପିନ୍ଧି ଘରେ ପଶି ସୁନାଗହଣା ଓ ଅନ୍ୟ ସାମଗ୍ରୀ ଚୋରି କରିନେଇଥିଲେ। ସେହିପରି ମେ ମାସରେ କନକଲତା ପାଣିଗ୍ରାହୀ ନାମକ ମହିଳା ଫୁଲ ତୋଳୁଥିବା ବେଳେ ଦୁର୍ବୃତ୍ତ ତାଙ୍କ ଚେନ୍ ଛଡେଇ ନେଇ ଫେରାର ହୋଇଯାଇଥିଲେ। ପୋଲିସ ତଦନ୍ତରେ ଉଭୟ ଘଟଣାରେ ଉକ୍ତ ଅଭିଯୁକ୍ତମାନେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ଜବତ ସୁନାଗହଣାଗୁଡ଼ିକ ଅଭିଯୋଗକାରୀମାନଙ୍କୁ ଫେରସ୍ତ ହେବବୋଲି ଡିଏସ୍‌ପି ପଣ୍ଡା କହିଛନ୍ତି।

# କୁମ୍ଭୀର ଆଖିରେ ଆଙ୍ଗୁଠି ଗେଞ୍ଜି ବର୍ତ୍ତିଲେ ଯୁବକ

ମହାକାଳପଡ଼ା,୩୦।୯(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ୍ ବଉଳକଣି ପଞ୍ଚାୟତ ବାଘୁଆମେଦୀ ଆଦିବାସୀ ଗ୍ରାମର ଟୁନା ସିଂ (୫୫) ଚାଷଜମି ଦେଖିବାକୁ ଯାଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ ନିକଟ ରାମଚଣ୍ଡୀ ଗଳିଆ ନଦୀ ଶାଖା ବାଲିଯୋଗିରେ ଶୌଚହେବାକୁ ଯାଇଥିଲେ। ହଠାତ୍ ଏକ କୁମ୍ଭୀର ଆକ୍ରମଣକରି ନଦୀ ମଧ୍ୟକୁ ତାଙ୍କୁ ଟାଣିନେଉଥିଲା। ଟୁନା ସାହସକରି କୁମ୍ଭୀର ଆଖିରେ ୨ଟି ଆଙ୍ଗୁଠି ଗେଞ୍ଜି ଦେଇଥିଲେ। ଫଳରେ କୁମ୍ଭୀରଟି ଛାଡ଼ି ପାଣିକୁ ପଳାଇଯାଇଥିଲା। ସ୍ଥାନୀୟ ଲୋକେ ଟୁନାଙ୍କୁ ଉଦ୍ଧାରକରି କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ତାଙ୍କ ଦୁଇ ଗୋଡ଼ରେ ଗଭୀର କ୍ଷତ ଯୋଗୁ ରକ୍ତସ୍ରାବ ହୋଇଥିଲା। ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ନିବେଦନ କରିଛନ୍ତି। ଏ ସଂକ୍ରାନ୍ତରେ ମହାକାଳପଡ଼ା ରେଞ୍ଜ ଅଧିକାରୀ ଶାନ୍ତନୁକୁମାର ଦଳାଇଙ୍କୁ ପଚାରିବାରେ ନଦୀନାଳରେ ପ୍ରବେଶ ନ କରିବାକୁ ସ୍ଥାନୀୟ ନଦୀକୂଳିଆ ବାସିନ୍ଦାଙ୍କୁ ବାରଣ କରାଯାଇଛି ବୋଲି ସେ କହିଛନ୍ତି।

# ଭସାଣି ଉତ୍ସବ ପାଇଁ ଟ୍ରାଫିକ୍ କଟକଣା

## କମିଶନରେଟ୍ ପୋଲିସ ଜାରିକଲା ନିର୍ଦ୍ଦେଶନାମା

ଭୁବନେଶ୍ୱର,୩୦।୯(ସତ୍ୟଜିତ ରାଉତ)

ରାଜଧାନୀରେ ମା' ଦୁର୍ଗା ମେଢ଼ ଭସାଣି ଉତ୍ସବ ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ କିଛି ନିର୍ଦ୍ଦିଷ୍ଟ ରାସ୍ତାରେ କଟକଣା ଲାଗୁ କରାଯାଇଛି। ଏନେଇ ପୋଲିସ ପକ୍ଷରୁ ମଙ୍ଗଳବାର ନିର୍ଦ୍ଦେଶନାମା ଜାରି ହୋଇଛି। ଶୁକ୍ରବାର ୪ ରାସ୍ତାରେ ୪ଟି କମିଟି ଭସାଣି ଉତ୍ସବ ପାଳନ କରିବ। ଭୁବନେଶ୍ୱର ଭସାଣି ଉତ୍ସବ କମିଟି (ଶହୀଦନଗର), ରାଜଧାନୀ ମନ୍ଦିର ସୁରକ୍ଷା ଭସାଣି କମିଟି (ନୟାପଲ୍ଲୀ), ଉତ୍ତର ଭୁବନେଶ୍ୱର ଭସାଣି କମିଟି (ଚନ୍ଦ୍ରଶେଖରପୁର) ଓ ଓଲ୍ଡ ଟାଉନ ଭସାଣି କମିଟି ଏଥିପାଇଁ ପ୍ରସ୍ତୁତି କରିଛି। ଶୁକ୍ରବାର ଅପରାହ୍ନ ୨ଟା ଠାରୁ ରାତି ୧ଟା ଯାଏ କଟକଣା ବଳବତ୍ତର ରହିବ ବୋଲି କୁହାଯାଇଛି। ଶହୀଦନଗର ଭସାଣି କମିଟିର ମେଢ଼ଗୁଡ଼ିକ ଶହୀଦନଗରରେ ଏକତ୍ରିତ ହୋଇ ସେଠାରୁ ରାଜମହଲଛକ ଭାୟା ରାମ ମନ୍ଦିର ଛକ, ମାଷ୍ଟର କ୍ୟାଣ୍ଟିନ୍ ଛକ ହୋଇ ଯିବ। ଏତିକିବେଳେ କୌଣସି ଗାଡ଼ି ଜନପଥରେ ଯାଇପାରିବ ନାହିଁ। ଉକ୍ତ ଗାଡ଼ିଗୁଡ଼ିକ ସଚିବାଳୟ ମାର୍ଗ ଓ ଏହାର ସଂଲଗ୍ନ ରାସ୍ତା ଦେଇ ଯାଇପାରିବ। ନୟାପଲ୍ଲୀ ଭସାଣି କମିଟିର ସବୁ ମେଢ଼ ନୟାପଲ୍ଲୀରେ ଏକତ୍ରିତ ହୋଇ ସେଠାରୁ ସୁର କମ୍ପାନୀ ଛକ ଭାୟା ନୟାପଲ୍ଲୀ ଅଣ୍ଡରପାସ୍, ସିଆର୍‌ପି ଛକ, ଡିଏଭି ଛକ ଡାହାଣ ମୋଡ଼ ନେଇ ଗୋପବନ୍ଧୁ ଛକ, ଶିରିପୁର ଛକ ହୋଇ ଯିବ। ଏହି ସମୟରେ ସିଆର୍‌ପି ଛକ ପାର୍ଶ୍ୱରୁ ଜୟଦେବ ବିହାର ଆଡ଼କୁ ଯିବାକୁ ଚାହୁଁଥିବା ଗାଡ଼ିଗୁଡ଼ିକ ସିଆର୍‌ପି ଛକରୁ ଏକାମ୍ର ପାର୍କ ରାସ୍ତା ଦେଇଯିବ। ଏହି ସମୟରେ ଷ୍ଟୁଆର୍ଟ ସ୍କୁଲ୍ ରାସ୍ତା, ୟୁନିଟ୍–୮ ରାସ୍ତା, ଓୟୁଏଟି ଛକ–ନିୟୁ ଏୟାରପୋର୍ଟ ରାସ୍ତାରେ ଯାଉଥିବା ଗାଡ଼ିଗୁଡ଼ିକ ଏହାର ସଂଲଗ୍ନ ରାସ୍ତା ଦେଇଯିବ। ସେହିପରି ଚନ୍ଦ୍ରଶେଖରପୁର ଭସାଣି କମିଟିର ସବୁ ମେଢ କ୍ଲବ ଟାଉନ ଆପାର୍ଟମେଣ୍ଟ ପଡ଼ିଆରେ ଏକତ୍ରିତ ହୋଇ ସେଠାରୁ ନାଲ୍‌କୋ ଛକ ହୋଇ ଯିବ। ଶୋଭାଯାତ୍ରାବେଳେ ନନ୍ଦନକାନନ ଛକ ପଟୁ ଜୟଦେବ ବିହାର ଛକଆଡ଼କୁ ଆସୁଥିବା ଗାଡ଼ିଗୁଡ଼ିକ କିଟ୍ କିମ୍ବା କଳାରାହାଙ୍ଗ ଛକଠାରେ ଥିବା ସଂଲଗ୍ନ ରାସ୍ତା ଦେଇଯିବ। ଶୋଭାଯାତ୍ରାବେଳେ ଖୋର୍ଦ୍ଧାରୁ ଭୁବନେଶ୍ୱର ଆସୁଥିବା ଭାରିଯାନ ବସ୍‌ଗୁଡ଼ିକ ସର୍ଭିସ୍ ରୋଡରେ ଚଳାଚଳ କରିପାରିବ ନାହିଁ। ସେହି ଗାଡ଼ିଗୁଡ଼ିକ କେବଳ ଏନ୍‌ଏଚ୍‌ରେ ଯିବ। ଏହାଛଡ଼ା ଭୁବନେଶ୍ୱର ସହରର ବିଭିନ୍ନ ରାସ୍ତାରେ ଅନ୍ୟ ପୂଜା କମିଟିମାନଙ୍କ ଦ୍ୱାରା ବ୍ୟକ୍ତିଗତ ବିସର୍ଜନ ଶୋଭାଯାତ୍ରା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ନିୟମ ଉଲ୍ଲଂଘନକାରୀଙ୍କୁ ଓଡ଼ିଶା ଅର୍ବାନ ପୋଲିସ ଆକ୍ଟ–୨୦୦୩ ଧାରା ୯୬ ଅନୁଯାୟୀ ଜରିମାନା ଆଦାୟ କରାଯିବ। ଅପରପକ୍ଷରେ ବିସର୍ଜନ ପାଇଁ କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ବ୍ୟବସ୍ଥା କରାଯାଇଛି। କୁଆଖାଇ ନଦୀ ନିକଟରେ ଦୁଇ ସ୍ଥାନ (ପଳାଶୁଣୀ ଏବଂ ହଂସପାଳ), ଲିଙ୍ଗିପୁର ପୁରୀ ରାସ୍ତାରେ ଦୟା ନଦୀ ନିକଟ, ଜଟଣୀ ସେଞ୍ଚୁରିଆନ କ୍ୟାମ୍ପସ ପାର୍ଶ୍ୱ, ଚନ୍ଦକା ପଞ୍ଚାୟତ ଅଧୀନ ନାଳନ୍ଦା ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ନିକଟ ଅସ୍ଥାୟୀ ସ୍ଥାନ ଏବଂ ଭିଙ୍ଗାରପୁର ପଞ୍ଚାୟତ ଅନ୍ତର୍ଗତ କେନାଲ ପାର୍ଶ୍ୱ ନିକଟସ୍ଥ ରାମଚନ୍ଦ୍ରପୁରରେ ଅସ୍ଥାୟୀ ପୁଷ୍କରିଣୀରେ ବିସର୍ଜନ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।


ଓଡ଼ିଶା ସରକାର
**ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**
**ଅଧିସୂଚନା**

No.: ୮୬୧ Date: ୦୭।୦୮।୨୦୨୫

No. XXVIII-03: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ରାୟଗଡ଼ା ଜିଲ୍ଲାର ଟିଟିଲାଗଡ଼–ବିଜୟନଗର ତୃତୀୟ ରେଳଲାଇନ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା: କୁମ୍ଭାରଗୁଡ଼ା, ତହସିଲ: କୋଲନରା, ଥାନା: ଚାନ୍ଦିଲି, ଜିଲ୍ଲା: ରାୟଗଡ଼ାରେ ନିମ୍ନ ତଫସିଲ ମତେ ପ୍ରାୟ ରକବା ଏ.୧.୨୪୦ଡି. ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act-2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ରାୟଗଡ଼ା ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ: ଟିଟିଲାଗଡ଼–ବିଜୟନଗରମ ତୃତୀୟ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ: ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ) ବିଶାଖାପାଟଣା
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ: ଏହି ପ୍ରକଳ୍ପ ଦ୍ୱାରା କୌଣସି ଲୋକ ବିସ୍ଥାପିତ ହେବା ଆବଶ୍ୟକ ହେଉନାହିଁ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ: ଉକ୍ତ ପ୍ରକଳ୍ପ ପାଇଁ SIA Study vide No. SIA - ୧୬୩/NCDS ତା୦୨।୦୬।୨୦୨୫ରିଖ ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ: ଉପ ଜିଲ୍ଲାପାଳ, ରାୟଗଡ଼
୬. ଜମିର ବିବରଣୀ

| ଜିଲ୍ଲା | ତହସିଲ | ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ରାୟଗଡ଼ା | କୋଲନରା | କୁମ୍ଭାରଗୁଡ଼ା | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ ଅଛି | ଏଥିସହ ସଂଲଗ୍ନ ଅଛି | ଏ୩.୦୫ଡି. | ଏ୧.୨୪୦ଡି | ଏଥିସହ ସଂଲଗ୍ନ ଅଛି |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ–ଅର୍ଜନ ଅଧିକାରୀ, ରାୟଗଡ଼ାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ। ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦେୟ ସୃଷ୍ଟି ରାୟଗଡ଼ା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶ କ୍ରମେ
ସ୍ୱା./– ଜିଲ୍ଲାପାଳ, ରାୟଗଡ଼

**ଭୂମି ଅଧିଗ୍ରହଣ ଅନୁସୂଚୀ**
**ମୌଜା: କୁମ୍ଭାରଗୁଡ଼ା (ଗ୍ରାମାଞ୍ଚଳ), ତହସିଲ: କୋଲନରା, ଥାନା: ଚାନ୍ଦିଲି, ଜିଲ୍ଲା: ରାୟଗଡ଼ା**
**ପୂର୍ବତଟ ଟିଟଲାଗଡ଼–ବିଜୟନଗରମ୍ ତୃତୀୟ ରେଳପଥ ପ୍ରକଳ୍ପ ନିମନ୍ତେ**

| ଖାତା ନଂ. | ସ୍ୱତ୍ୱ | କିସମ | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | ରୟତଙ୍କ ନାମ, ପିତାଙ୍କ ନାମ/ ସ୍ୱାମୀଙ୍କ ନାମ |
|---|---|---|---|---|---|---|
| ୯ | ରୟତି | ଧାନ/୨ | ୨୬୦ | ୦.୧୯ | ୦.୦୯୦ | ସାନକାଶୀ ମଙ୍ଗୁଲ, ପି.: କାଶୀ ବୁଡୁ, ଜା: କୁମ୍ଭାର, ବା: କୁମ୍ଭାରଗୁଡ଼ା |
| | ରୟତି | ଧାନ/୩ | ୨୫୯ | ୦.୧୪ | ୦.୦୭୦ | |
| | ରୟତି | ଡଙ୍ଗର/୨ | ୨୫୫ | ୦.୧ | ୦.୧ | |
| | ରୟତି | ଡଙ୍ଗର/୨ | ୧୦୧ | ୦.୨୧ | ୦.୦୫୦ | |
| ୮ | ରୟତି | ଧାନ/୨ | ୨୪୬ | ୦.୫୧ | ୦.୦୯୦ | ବଡ଼କାଶୀ ମଙ୍ଗୁଲ, ପି.: ବଡ଼କାଶୀ ମଧୁ, ଜା: କୁମ୍ଭାର, ବା: କୁମ୍ଭାରଗୁଡ଼ା |
| ୧୨ | ରୟତି | ଧାନ/୩ | ୨୫୭ | ୦.୧ | ୦.୧ | ରାଧାମଣି କାଶୀ, ସ୍ୱା.: ସୁକୁରୁ କାଶୀ, ବିର କାଶୀ, ରମା କାଶୀ, ଅଁଳା କାଶୀ, ଜା: କୁମ୍ଭାର, ବା: କୁମ୍ଭାରଗୁଡ଼ା |
| | ରୟତି | ଡଙ୍ଗର/୨ | ୨୫୬ | ୦.୦୫ | ୦.୦୫ | |
| ୦୪ | ରୟତି | ଧାନ/୨ | ୨୪୫ | ୦.୨୬ | ୦.୦୩୦ | କାଶୀ ଡୈଳ, ପି.: କାଶୀ ଅର୍ଜୁନ, ଜା: କୁମ୍ଭାର, ବା: କୁମ୍ଭାରଗୁଡ଼ା |
| | ରୟତି | ଧାନ/୩ | ୨୫୮ | ୦.୧୧ | ୦.୦୩୦ | |
| | ରୟତି | ଡଙ୍ଗର/୩ | ୧୦୦ | ୦.୪୮ | ୦.୦୩୦ | |
| | ରୟତି | ଡଙ୍ଗର/୨ | ୯୫ | ୦.୯୦ | ୦.୬୦୦ | |
| | | | ମୋଟ | ୩.୦୫ | ୧.୨୪୦ | ଏକର |

ସ୍ୱା./– ସ୍ୱତନ୍ତ୍ର ଭୂ–ଅର୍ଜନ ଅଧିକାରୀ
ଟିଟିଲାଗଡ଼–ବିଜୟନଗରମ ତୃତୀୟ ରେଳପଥ,
ରାୟଗଡ଼

OIPR-24169/14/0013/2526

**୨ଦିନରେ ୩୮ କୋଟି ଗ୍ରାହକଙ୍କ ଆମାଜନ୍ ପରିଦର୍ଶନ**

**ଭୁବନେଶ୍ୱର:** ଆମାଜନ୍ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲକୁ ୨ ଦିନରେ ୩୮ କୋଟିରୁ ଅଧିକ ଗ୍ରାହକ ପରିଦର୍ଶନ କରି ଜିଏସ୍‌ଟି ଲାଭ ସହ ସଞ୍ଚୟ, ସର୍ବନିମ୍ନ ମୂଲ୍ୟରେ ୧ ଲକ୍ଷରୁ ଅଧିକ ଉତ୍ପାଦର ପ୍ରବେଶ ଏବଂ ଆପଲ୍, ସାମ୍‌ସଙ୍ଗ୍, ୱାନ୍‌ପ୍ଲସ୍, ଆଇକ୍ୟୁଓଓ, ସୋନି, ଏଚ୍‌ପି, ଏଲ୍‌ଜି, ବୋସ୍, ହାୟର, ଡିଟେଲ, ଲାନିଏଜ୍ ଏବଂ ଲିଭାଇସ୍ ଭଳି ବ୍ରାଣ୍ଡର ସ୍ମାର୍ଟଫୋନ୍, ଲାପ୍‌ଟପ୍, ଟିଭି, ଫ୍ୟାଶନ ଏବଂ ସୌନ୍ଦର୍ଯ୍ୟ, ଗୃହ ସାଜସଜ୍ଜା, ଉପକରଣ, ଫର୍ନିଚର ଏବଂ ଗ୍ରୋସେରି ସାମଗ୍ରୀ ସମେତ ବିଭିନ୍ନ ବର୍ଗରେ ୩୦ ହଜାରରୁ ଅଧିକ ନୂତନ ଉତ୍ପାଦ ସହ ସଞ୍ଚୟ ଉପଭୋଗ କରିଛନ୍ତି।

# ଆର୍‌ବିଆଇ ଗଠନକଲା ପେମେଣ୍ଟ ରେଗୁଲେଟେରି ବୋର୍ଡ

**ଭୁବନେଶ୍ୱର, ୩୦।୯**
**(ଅନୁରାଧା ମହାରଣା)**




- **କେନ୍ଦ୍ର ସରକାରଙ୍କ ପ୍ରତିନିଧି ସାମିଲ**
- **ସୁରକ୍ଷିତ ଡିଜିଟାଲ ପେମେଣ୍ଟ ଉପରେ ଗୁରୁତ୍ୱ**

ଭାରତରେ ଡିଜିଟାଲ ପେମେଣ୍ଟ ସିଷ୍ଟମ ଦ୍ରୁତଗତିରେ ବୃଦ୍ଧିପାଉଛି। ୟୁପିଆଇ, ନେଟ୍‌ବ୍ୟାଙ୍କିଙ୍ଗ୍, କାର୍ଡ ପେମେଣ୍ଟ ଓ ଡିଜିଟାଲ ୱାଲେଟର ବ୍ୟବହାର ବୃଦ୍ଧି ସହ ସୁରକ୍ଷା, ପାରଦର୍ଶିତା ଓ ନିରୀକ୍ଷଣକୁ ଅଧିକ ମଜଭୁତ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଆର୍‌ବିଆଇ ମଙ୍ଗଳବାର ଦେଶର ପେମେଣ୍ଟ ସିଷ୍ଟମର ନିୟନ୍ତ୍ରଣ ଓ ନିରୀକ୍ଷଣ ପାଇଁ ପେମେଣ୍ଟ ରେଗୁଲେଟରି ବୋର୍ଡ (ପିଆର୍‌ବି) ଗଠନ କରିଛି। ପୂର୍ବରୁ କାର୍ଯ୍ୟ କରୁଥିବା ବୋର୍ଡ ଫର୍ ରେଗୁଲେଶନ ଆଣ୍ଡ ସୁପରଭିଜନ ଅଫ୍ ପେମେଣ୍ଟ ଆଣ୍ଡ ସେଟଲମେଣ୍ଟ ସିଷ୍ଟମ (ବିପିଏସ୍ଏସ୍)ର ପରିବର୍ତ୍ତେ ଏହି ବୋର୍ଡ ଗଠନ କରାଯାଇଛି। ତେବେ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ପ୍ରଥମ ଥର ପାଇଁ ଏହି ବୋର୍ଡରେ କେନ୍ଦ୍ର ସରକାରଙ୍କ ପ୍ରତିନିଧିମାନଙ୍କୁ ସାମିଲ କରାଯାଇଛି। ପିଆର୍‌ବିରେ ମୋଟ ୬ ଜଣ ସଦସ୍ୟ ରହିବେ। ଆର୍‌ବିଆଇ ଗଭର୍ନର ଏହାର ଅଧ୍ୟକ୍ଷତା କରିବେ। ଆର୍‌ବିଆଇର ୨ ଜଣ ସଦସ୍ୟ ଏବଂ ଜଣେ ଡେପୁଟି ଗଭର୍ନର ଏବଂ ଜଣେ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ରହିବେ। ଏମାନେ ପେମେଣ୍ଟ ଓ ସେଟଲମେଣ୍ଟ ସିଷ୍ଟମର ଦାୟିତ୍ୱରେ ରହିବେ। ଏହା ସହ କେନ୍ଦ୍ର ସରକାରଙ୍କ ପକ୍ଷରୁ ୩ ଜଣ ସଦସ୍ୟ ଭାବେ ସଚିବ, ଆର୍ଥିକ ସେବା ବିଭାଗ ସଚିବ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ସଚିବ ଏବଂ ପୂର୍ବତନ ଦୂରସଞ୍ଚାର ସଚିବ ଅରୁଣା ସୁନ୍ଦରରାଜନ ରହିବେ। ଏହା ସହ ଆର୍‌ବିଆଇର ପ୍ରିନ୍ସିପାଲ ଲିଗାଲ ଆଡଭାଇଜର ବୋର୍ଡର ବୈଠକରେ ସ୍ଥାୟୀ ଆମନ୍ତ୍ରିତ ସଦସ୍ୟ ଭାବେ ଉପସ୍ଥିତ ରହିବେ। ପୂର୍ବରୁ ବିପିଏସ୍ଏସ୍‌ରେ ୫ ସଦସ୍ୟ ରହୁଥିବାବେଳେ ଆର୍‌ବିଆଇ ଗଭର୍ନର ଏଥିରେ ଅଧ୍ୟକ୍ଷତା କରୁଥିଲେ। ମାତ୍ର ଏଥିରେ କୌଣସି ସରକାରୀ ପ୍ରତିନିଧିଙ୍କୁ ସାମିଲ କରାଯାଉ ନ ଥିଲା। ନୂଆ ପିଆର୍‌ବିରେ ୩ ଜଣ କେନ୍ଦ୍ରୀୟ ପ୍ରତିନିଧିଙ୍କୁ ସ୍ଥାନ ଦିଆଯାଇଛି, ଯାହା ଏହାକୁ ପୂର୍ବାପେକ୍ଷା ଅଧିକ ବ୍ୟାପକ ଓ ଉତ୍ତରଦାୟୀ କରିଛି। ଆର୍‌ବିଆଇ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ, ପେମେଣ୍ଟ ରେଗୁଲେଟରି ବୋର୍ଡର ବୈଠକ ବର୍ଷକୁ ଅତି କମ୍‌ରେ ୨ଥର ହେବ। ଆବଶ୍ୟକତା ଅନୁଯାୟୀ ଅତିରିକ୍ତ ବୈଠକ ମଧ୍ୟ ଡକାଯାଇପାରେ।

ଏହି ନୂଆ ବୋର୍ଡ ଡିଜିଟାଲ ଆର୍ଥିକ କାରବାର ଉପରେ ନିରୀକ୍ଷଣକୁ ଆହୁରି କଡ଼ାକଡ଼ି କରିବ। ଗ୍ରାହକମାନେ ଠକେଇ ଓ ଟେକ୍ନିକାଲ ତ୍ରୁଟିରୁ ଅଧିକ ସୁରକ୍ଷା ପାଇବେ। ଏହା ସହ ପେମେଣ୍ଟ ସିଷ୍ଟମ ନୀତି ନିର୍ଦ୍ଧାରଣରେ ସରକାର ଓ ଆର୍‌ବିଆଇର ସିଧାସଳଖ ଭୂମିକା ରହିବ ବୋଲି ଆଶା କରାଯାଉଛି।

# ସ୍ମାଇଲ୍ ଗୋଲ୍ଡର ୧୩ ଭାଗ୍ୟଶାଳୀ ବିଜେତା ପୁରସ୍କୃତ

**ଭୁବନେଶ୍ୱର, ୩୦।୯**
**(ଅନୁରାଧା ମହାରଣା)**




**ଜୟଦୁର୍ଗା କେମିକାଲ୍ସର ୨୬ ତମ ପ୍ରତିଷ୍ଠା ଦିବସ**
**୧୦ ସଫଳ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧନା**

ଭୁବନେଶ୍ୱର ପଳାଶୁଣିସ୍ଥିତ ଜୟଦୁର୍ଗା କେମିକାଲ୍ସର ୨୬ତମ ପ୍ରତିଷ୍ଠା ଦିବସ ଅବସରରେ ଜୟଦୁର୍ଗା ପେଟ୍ ଇଣ୍ଡଷ୍ଟ୍ରିଜ୍, ଜୟଦୁର୍ଗା ହୋମ୍ କେୟାର ପ୍ରଡକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍, ସ୍ମାଇଲ ହେଲ୍‌ଥ କେୟାର ଏବଂ ସ୍ମାଇଲ୍ ଗୋଲ୍ଡ ଜୁଏଲର୍ସ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଏକ ରେସୋର୍ଟ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏକ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମରେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଇଂ. ବାବୁରାମ ସ୍ୱାଇଁଙ୍କ ଉପସ୍ଥିତିରେ ୧୦ ଜଣ ସଫଳ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସ୍ମାଇଲ ଗୋଲ୍ଡ ଜୁଏଲର୍ସର ୧୩ ଜଣ ଲକି ଡ୍ର ବିଜେତାଙ୍କ ନାମ ଘୋଷଣା କରାଯାଇଥିଲା। ଉପହାରରେ ଜଣେ ବିଜେତା ଏକ ସ୍କୁଟି ପାଇଥିବାବେଳେ ଜଣେ ଲେଖାଏ ଭାଗ୍ୟଶାଳୀ ବିଜେତାଙ୍କୁ ଏଲ୍‌ଇଡି ଟିଭି ଓ ରେଫ୍ରିଜରେଟର ପ୍ରଦାନ କରାଯାଇଥିଲା। ଅନ୍ୟ ୧୦ ଜଣ ଗ୍ରାହକଙ୍କୁ ହାତଘଣ୍ଟା ପ୍ରଦାନ କରାଯାଇଥିଲା। ଉପସ୍ଥାପିକା ପ୍ରେରଣା ସମସ୍ତ ବିଜେତାଙ୍କ ନାମ ଘୋଷଣା କରିଥିବାବେଳେ କାର୍ଯ୍ୟକ୍ରମରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଅଶ୍ୱିନୀ ତ୍ରିପାଠୀ ମଧ୍ୟ ସାମିଲ ହୋଇଥିଲେ। କଣ୍ଠଶିଳ୍ପୀ ପାମେଲା ଜୈନଙ୍କ କଣ୍ଠରେ ସୁମଧୁର ଓଡ଼ିଆ ସଙ୍ଗୀତ ଦର୍ଶକଙ୍କୁ ଆକର୍ଷିତ କରିଥିଲା।

# କଣିହାଁ ଏନ୍‌ଟିପିସିକୁ ୨ ରୌପ୍ୟ ପୁରସ୍କାର




**ତାଳଚେର,୩୦।୯ (ମନୋଜ ନନ୍ଦ)**

ଭାରତୀୟ ଜନସମ୍ପର୍କ ପରିଷଦ (ପିଆର୍‌ସିଆଇ) ପକ୍ଷରୁ ଗୋଆରେ ଅନୁଷ୍ଠିତ ୧୯ତମ ବିଶ୍ୱ ଯୋଗାଯୋଗ ସମ୍ମିଳନୀରେ ଏନ୍‌ଟିପିସି ଲିମିଟେଡ୍ ବିଭିନ୍ନ ବର୍ଗରେ ମୋଟ ୧୨୭ଟି ପୁରସ୍କାର ହାସଲ କରିଛି। ଏଥିରେ ୧୪ ସ୍ୱର୍ଣ୍ଣ, ୨୮ ରୌପ୍ୟ, ୪୨ କାଂସ୍ୟ ଏବଂ ୪୩ଟି ସାନ୍ତ୍ୱନାମୂଳକ ପୁରସ୍କାର ରହିଛି। ଏହାସହ ଏନ୍‌ଟିପିସିକୁ ଚାମ୍ପିୟନ୍ସ ଅଫ୍ ଚାମ୍ପିୟନ୍ସ ଟ୍ରଫି ପାଇଁ ପ୍ରଥମ ରନର୍ସ ଅପ୍ ଭାବେ ବିବେଚନା କରାଯାଇଛି। ଏନ୍‌ଟିପିସି ତାଳଚେର କଣିହାଁ ୨ଟି ରୌପ୍ୟ ପୁରସ୍କାର ପାଇଛି। ଗୋଟିଏ କର୍ପୋରେଟ ଯୋଗାଯୋଗରେ ଉତ୍କର୍ଷ ପାଇଁ ଏବଂ ଅନ୍ୟଟି କର୍ପୋରେଟ ଫିଲ୍ମ ବର୍ଗରେ ମିଳିଛି। ମାନବ ସମ୍ବଳ ଅଭ୍ୟାସ, ସମ୍ପ୍ରଦାୟ ବିକାଶ ଏବଂ ସିଏସ୍ଆର୍ ପ୍ରକଳ୍ପ, କର୍ପୋରେଟ ଯୋଗାଯୋଗ ଅଭିଯାନ, ଡିଜିଟାଲ ପ୍ଲାଟ୍‌ଫର୍ମ, କର୍ମଚାରୀ ନିୟୋଜିତ କାର୍ଯ୍ୟକଳାପ ଏବଂ ଚଳଚ୍ଚିତ୍ର ସମେତ ଏକ ବିସ୍ତୃତ କ୍ଷେତ୍ର ପାଇଁ ଏନ୍‌ଟିପିସିକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ତାପଜ, ଜଳ, ସୌର ଏବଂ ପବନ ଶକ୍ତି କେନ୍ଦ୍ରର ବିବିଧ ପୋର୍ଟଫୋଲିଓ ସହ ଏନ୍‌ଟିପିସି ଦେଶକୁ ବିଦ୍ୟୁତ୍ ଯୋଗାଣ କରୁଛି। ୨୦୩୨ ସୁଦ୍ଧା ୬୦ ଗିଗାୱାଟ୍ ନବୀକରଣୀୟ ଶକ୍ତି କ୍ଷମତା ହାସଲ କରିବାକୁ ଏନ୍‌ଟିପିସି ଲକ୍ଷ୍ୟ ରଖିଛି।

# କିସ୍‌ନା ଡାଇମଣ୍ଡ ଆଣ୍ଡ ଗୋଲ୍ଡ ଜୁଏଲେରିର ୨ୟ ଶୋ'ରୁମ୍

**ଭୁବନେଶ୍ୱର,୩୦।୯**
**(ଅନୁରାଧା ମହାରଣା)**




କିସ୍‌ନା ଡାଇମଣ୍ଡ ଆଣ୍ଡ ଗୋଲ୍ଡ ଜୁଏଲେରି ପକ୍ଷରୁ ଭୁବନେଶ୍ୱର ସୌଭାଗ୍ୟନଗରସ୍ଥିତ ଷ୍ଟାଲ୍‌ୱାର୍ଟ ହାଇଟଠାରେ ଏହାର ୨ୟ ଏକ୍ସକ୍ଲୁସିଭ ଶୋ'ରୁମ୍‌ର ଶୁଭାରମ୍ଭ କରାଯାଇଛି। ଉଦ୍‌ଘାଟନ ସମାରୋହରେ ହରିକ୍ରିଷ୍ଣା ଗ୍ରୁପ୍‌ର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ଘନଶ୍ୟାମ ଢୋଲକିଆ ଯୋଗଦେଇଥିଲେ। ଏହି ଅବସରରେ କିସ୍‌ନା ପକ୍ଷରୁ ହୀରା ଅଳଙ୍କାରର ମେକିଂ ଚାର୍ଜ ଉପରେ ୭୫% ପର୍ଯ୍ୟନ୍ତ ରିହାତି ଏବଂ ସୁନା ଅଳଙ୍କାରର ମେକିଂ ଚାର୍ଜ ଉପରେ ୨୫% ପର୍ଯ୍ୟନ୍ତ ରିହାତି ପ୍ରଦାନ କରିବା ସହ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ ଓ ଡେବିଟ୍ କାର୍ଡ ଉପରେ ଅତିରିକ୍ତ ୫%ର ତତ୍କାଳ ରିହାତି ପ୍ରଦାନ କରୁଛି। କିସ୍‌ନା ପକ୍ଷରୁ ଆରମ୍ଭ ହୋଇଥିବା ଏକ ସ୍ୱତନ୍ତ୍ର ଶପ୍ ଆଣ୍ଡ ୱିନ୍ କ୍ୟାମ୍ପେନ ମାଧ୍ୟମରେ ଗ୍ରାହକମାନେ ସୁନା ଓ ହୀରା ଅଳଙ୍କାରର କ୍ରୟ ଉପରେ ୧୦୦୦ରୁ ଅଧିକ ସ୍କୁଟର ଓ ୨୦୦ରୁ ଅଧିକ କାର୍ ଜିତିବାର ଏକ ସୁଯୋଗ ପାଇପାରିବେ। ହରିକ୍ରିଷ୍ଣା ଗ୍ରୁପ୍‌ର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ଘନଶ୍ୟାମ ଢୋଲକିଆ କହିଛନ୍ତି, ଭାରତର ପ୍ରତ୍ୟେକ ମହିଳାଙ୍କ ପାଇଁ ହୀରା ଅଳଙ୍କାରକୁ ପହଞ୍ଚାଇବା ଆମର ଲକ୍ଷ୍ୟ ରହିଛି। ଏହି ଶୁଭାରମ୍ଭ ଆମକୁ ଆମର ଦୃଷ୍ଟିକୋଣ 'ହର୍ ଘର୍ କିସ୍‌ନା'ର ନିକଟତର କରିଛି। ଶୁଭାରମ୍ଭ ଅବସରରେ କିଟ୍ ଏବଂ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମଧ୍ୟ ଯୋଗଦେଇଥିଲେ। କିସ୍‌ନାର ନିର୍ଦ୍ଦେଶକ ପରାଗ ଶାହ କହିଛନ୍ତି, ନବରାତ୍ରିର ଅବସରରେ ଆମର ଭୁବନେଶ୍ୱର ଶୋ'ରୁମ୍ ଲଞ୍ଚ କରିବା ସଫଳତାକୁ ଆହୁରି ସ୍ୱତନ୍ତ୍ର କରିଛି। କିସ୍‌ନାର ଫ୍ରାଞ୍ଚାଇଜି ପାର୍ଟନର ସୁଶୀଲ ଓ ଶୁଭମ ସେନାପତି କହିଛନ୍ତି, ଗ୍ରାହକଙ୍କୁ ନୂତନ ଡିଜାଇନ ପ୍ରଦାନକରି ସେମାନଙ୍କର ଉତ୍ସବକୁ ଆହୁରି ସ୍ୱତନ୍ତ୍ର କରାଯିବ।

# ସ୍ମାର୍ଟ ବଜାରର 'ଫେଷ୍ଟିଭ୍ ରେଡି ସେଲ୍'

**ଭୁବନେଶ୍ୱର, ୩୦।୯**
**(ଅନୁରାଧା ମହାରଣା)**




ସ୍ମାର୍ଟ ବଜାର ପକ୍ଷରୁ ଅକ୍ଟୋବର ୧ରୁ ୫ ତାରିଖ ପର୍ଯ୍ୟନ୍ତ 'ଫେଷ୍ଟିଭ ରେଡି ସେଲ୍' ଘୋଷଣା କରାଯାଇଛି। ଏହି ଅବଧି ମଧ୍ୟରେ ସ୍ମାର୍ଟ ବଜାର ଗ୍ରାହକମାନଙ୍କୁ ବିସ୍ତୃତ ଉତ୍ପାଦ ଓ ଆକର୍ଷଣୀୟ ଅଫର ପ୍ରଦାନ କରିବ। ଏଥିରେ ଫ୍ୟାଶନ, ଘର ସାଜସଜ୍ଜା, ଉପହାର, ଖାଦ୍ୟ ସାମଗ୍ରୀ ଆଦିରେ ମଧ୍ୟ ରିହାତି ମିଳିବ। ରିଲାଏନ୍ସ ରିଟେଲ-ଭାଲ୍ୟୁ ଫର୍ମାଟର ସିଇଓ ଦାମୋଦର ମଲ କହିଛନ୍ତି, ସ୍ମାର୍ଟ ବଜାର ଆମ ଗ୍ରାହକଙ୍କ ପାଇଁ ସୁଲଭ ମୂଲ୍ୟରେ ସମସ୍ତ ଉତ୍ସବ ଆବଶ୍ୟକତା ପୂରଣ କରିବାକୁ ପ୍ରସ୍ତୁତ। ଏହି ଫେଷ୍ଟିଭ ରେଡି ସେଲ୍ ମାଧ୍ୟମରେ ଆମେ ଆମ ସମସ୍ତ ସ୍ମାର୍ଟ ପରିବାର ସହ ଉତ୍ସବ ପାଳନ କରିବୁ। ଏହି ସେଲ୍ ମାଧ୍ୟମରେ ଯେକୌଣସି ଏକ ମିଠା କିମ୍ବା ଡ୍ରାଏ ଫ୍ରୁଟସ୍ କିଣିଲେ ଆଉ ଏକ ମାଗଣା ପାଇପାରିବେ। ସେହିପରି ମାତ୍ର ୪୯ ଟଙ୍କାରୁ ଆରମ୍ଭ ହୋଇ ୯,୯୯୯ ଟଙ୍କା ପର୍ଯ୍ୟନ୍ତ ସବୁ ବର୍ଗର ଗ୍ରାହକଙ୍କୁ ସୁହାଇଲା ଭଳି ଉପହାର ଉପଲବ୍ଧ ହୋଇଛି। ବିସ୍କୁଟ ଓ ଚକୋଲେଟ୍ ହୋମ୍ ପ୍ୟାକ ଆଦିରେ ୬୦% ପର୍ଯ୍ୟନ୍ତ ରିହାତି ରହିଛି। ସ୍ପେଶାଲ ଫେଷ୍ଟିଭ କମ୍ବୋରେ ୫ କିଲୋ କୋହିନୁର ବାସ୍‌ମତି ଚାଉଳ ସହ ୨.୫ ଲିଟର ଫର୍ଚ୍ୟୁନ ରାଇସ୍ ବ୍ରାନ୍ ତେଲ ମାତ୍ର ୬୯୯ ଟଙ୍କାରେ ଗ୍ରାହକ ପାଇପାରିବେ। ସେହିପରି କୋଲ୍ଡ ଡ୍ରିଙ୍କ୍ସ ଓ ଜୁସ୍‌ରେ ୩୩% ପର୍ଯ୍ୟନ୍ତ ରିହାତି ଦିଆଯିବ। ୧୯୯ ଟଙ୍କାରୁ କମ୍‌ରେ ଘରସଜ୍ଜା ସାମଗ୍ରୀ ମିଳିପାରିବ। ସୂଚନା ଥାଉକି, ଭାରତର ୯୫୦ରୁ ଅଧିକ ଷ୍ଟୋରରେ ସ୍ମାର୍ଟ ବଜାର ଦୈନନ୍ଦିନ ଆବଶ୍ୟକତା ଓ ଉତ୍ସବ ଜିନିଷକୁ ସବୁଠୁ କମ୍ ମୂଲ୍ୟରେ ପ୍ରଦାନ କରୁଛି।

## ଅପରାଧ

# ୮୦ ଲକ୍ଷର ବାଣ ଜବତ

**କୁଆଁରମୁଣ୍ଡା, ୩୦।୯(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ପୋଲିସ ମଙ୍ଗଳବାର ୮୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବାଣ ଜବତ କରିଛି। ବେଆଇନ ବାଣ କାରବାରକୁ ରୋକିବା ପାଇଁ ଅପରେଶନ ଅଗ୍ନିକୁ ଜୋର୍‌ଦାର କରି ସୁନ୍ଦରଗଡ଼ ଜିଲା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଅଭିଯାନ ଚଳାଇଛି। ବୀରମିତ୍ରପୁର ପୌରପାଳିକା ଅନ୍ତର୍ଗତ ଗୋଲବଜାର ନିକଟରେ ୨ଜଣ ବ୍ୟବସାୟୀ ବେଆଇନ ଭାବେ ବିପୁଳ ପରିମାଣର ବାଣ ରଖିଥିବା ସୂଚନା ପାଇ ବୀରମିତ୍ରପୁର ଆଇଆଇସି ରାମପ୍ରସାଦ ନାଗ ସଦଳବଳ ସୋମବାର ରାତିରେ ସେଠାରେ ଚଢ଼ାଉ କରିଥିଲେ। ଜଣେ ବ୍ୟବସାୟୀଙ୍କ ଗୋଦାମ ଓ ଅନ୍ୟ ଜଣେ ବ୍ୟବସାୟୀଙ୍କ ଗୋଦାମ ସହ ଆବାସିକ ଘରେ ଲୁଚାଇ ରଖାଯାଇଥିବା ମୋଟ ୫୪୫ ପେଟି ବାଣ ଜବତ କରାଯାଇଛି। ଉକ୍ତ ବାଣ ଜବତ ପରେ ୧୭ଟି ପିକ୍‌ଅପ୍ ଭ୍ୟାନ୍‌ରେ ବୋଝେଇ କରି ଥାନାକୁ ଅଣାଯାଇଛି ବୋଲି ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର ମଙ୍ଗଳବାର ଅପରାହ୍ଣରେ ବୀରମିତ୍ରପୁର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଜବତ ହୋଇଥିବା ବାଣର ଆନୁମାନିକ ମୂଲ୍ୟ ୮୦ ଲକ୍ଷରୁ ଅଧିକ ଟଙ୍କା ହେବ। ଏନେଇ ବୀରମିତ୍ରପୁର ଥାନାରେ ବ୍ୟବସାୟୀ ନଟବର ଅଗ୍ରୱାଲଙ୍କ ନାମରେ ଏକ ମାମଲା (ନଂ. ୪୫୫/୨୦୨୫) ଏବଂ ଭିକି ଟେକ୍ରିୱାଲଙ୍କ ନାମରେ ୨ଟି ମାମଲା (ନଂ.୪୫୬ ଓ ୪୫୭/୨୦୨୫) ରୁଜୁ ହୋଇଛି ବୋଲି ଏସ୍‌ପି କୌର କହିଛନ୍ତି। ଆଗାମୀ ଦିନରେ ସୁନ୍ଦରଗଡ଼ ଜିଲାରେ ଅପରେଶନ ଅଗ୍ନିକୁ ଆହୁରି ଜୋର୍‌ଦାର କରାଯିବ ବୋଲି ସେ ସୂଚନା ଦେଇଛନ୍ତି।



ବୀରମିତ୍ରପୁର ପୋଲିସ ବାଣ ଜବତ କରିବା ପରେ ଥାନାକୁ ନେବା ଲାଗି ଗାଡ଼ିରେ ବୋଝେଇ କରାଯାଉଛି।

# ଡକାୟତି ଯୋଜନା ପଣ୍ଡ, ୭ ଗିରଫ

**ସୁତୁଲି ବମ୍, ତେଲେଙ୍ଗା କଟୁରି ଜବତ**

**ବଡ଼ବିଲ,୩୦।୯(ଜୟନ୍ତୀ ରଣା)**

କେନ୍ଦୁଝର ଜିଲା ବଡ଼ବିଲ ପୋଲିସ ସୋମବାର ସନ୍ଧ୍ୟାରେ ଏକ ଡକାୟତି ଯୋଜନାକୁ ପଣ୍ଡକରିବା ସହ ୭ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଡ଼ବିଲ ଥାନା ଅଧୀନ ଦାମୁ ହଟିଂର ଟିଟୁ ଓରଫ ସୁନୀଲ ପାତ୍ର, ପୁରୁଣା ପୌର କାର୍ଯ୍ୟାଳୟ ନିକଟସ୍ଥ ଅଞ୍ଚଳର ଶଙ୍କର ସାହୁ, ଠାକୁରାଣୀ ଦଳକି ବସ୍ତିର ଯୋଗେନ୍ଦ୍ର କେଶରୀ, ଗାଡ଼ା ହଟିଂର ବୀରେନ୍ଦ୍ର ଲୋହାର, ବଡ଼ବିଲ ୱାର୍ଡ ନଂ. ୧୦ ଅଞ୍ଚଳର ଆକାଶ ନାଏକ, ଯୋଡ଼ା ଥାନା ହନୁମାନ ହଟିଂର ରାଜୁ ସୋନକାର ଓ କମାରଯୋଡ଼ାର ଶିବ ପାତ୍ର।

ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ବଡ଼ବିଲ ପୋଲିସ ପାଟ୍ରୋଲିଂ କରୁଥିବାବେଳେ କଳିଙ୍ଗନଗର ଫୁଟ୍‌ବଲ ପଡ଼ିଆ ନିକଟସ୍ଥ ଏକ ପରିତ୍ୟକ୍ତ ଗୃହରେ କେତେଜଣ ଅପରାଧୀ ଏକତ୍ରିତ ହୋଇଥିବା ଖବର ପାଇଥିଲା। ପୋଲିସ ଟିମ୍ ତୁରନ୍ତ ସେଠାରେ ଚଢ଼ାଉ କରିଥିଲା। ତେବେ ଅନ୍ଧାରର ସୁଯୋଗ ନେଇ ଅନେକ ଖସିଯିବାକୁ ସକ୍ଷମ ହୋଇଥିଲାବେଳେ ପୋଲିସ ୭ ଜଣଙ୍କୁ କାବୁ କରିଥିଲା। ଘଟଣାସ୍ଥଳରୁ ୩ଟି କଟୁରି, ଦୁଇଟି ସୁତୁଲି ବମ୍, ୧ ଦଉଡ଼ି, ଲଙ୍କାଗୁଣ୍ଡ ପାଉଚ ଆଦି ପୋଲିସ ଜବତ କରିଛି।



ଗିରଫ ୭ ଅଭିଯୁକ୍ତ।

# ଖଣ୍ଡା ବୁଲାଇ ଆତଙ୍କ

**ଅଭ୍ୟାସଗତ ଅପରାଧୀ ଗିରଫ, ଖଣ୍ଡା ଜବତ**

**ଭୁବନେଶ୍ୱର, ୩୦।୯(ସତ୍ୟଜିତ ରାଉତ)**

ଖଣ୍ଡା ବୁଲାଇ ଆତଙ୍କ ରଚିବା ସହ ଚାନ୍ଦା ମାଗିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଜଣେ ଅଭ୍ୟାସଗତ ଅପରାଧୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରଙ୍ଗମାଟିଆ ତଳସାହିର ଦୀପୁ ଓରଫ ଦୀପକ ପରିଡ଼ା (୪୦)। ତାଙ୍କ ପାଖରୁ ଏକ ଖଣ୍ଡା ଓ ସ୍କୁଟି ଜବତ ହୋଇଛି। ମଙ୍ଗଳବାର ଦୀପକଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଦୀପୁ ସୋମବାର ରାତିରେ ରଙ୍ଗମାଟିଆ ରେଲୱେ ଷ୍ଟେଶନ୍ ଛକ ନିକଟରେ ଖଣ୍ଡା ଦେଖାଇ ସ୍ଥାନୀୟ ଲୋକଙ୍କୁ ଭୟଭୀତ କରିବା ସହ ଧମକଚମକ ଦେଉଥିଲେ। ଏନେଇ ସୂଚନା ମିଳିବା ପରେ ପୋଲିସ ପାଟ୍ରୋଲିଂ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରିବା ସହ ସ୍ଥାନୀୟ ଲୋକଙ୍କ ସହାୟତାରେ ଦୀପଙ୍କୁ କାବୁ କରିଥିଲା। ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ଦୀପୁ କିଛିଦିନ ହେବ ଜନସାଧାରଣ ଏବଂ ଦୋକାନୀଙ୍କଠାରୁ ବଳପୂର୍ବକ ଚାନ୍ଦା ଆଦାୟ କରୁଥିଲେ। ଯେଉଁମାନେ ଟଙ୍କା ଦେବାକୁ ମନା କରୁଥିଲେ ତାଙ୍କୁ ବିଭିନ୍ନ ଧମକ ଦେଉଥିଲେ। ତେବେ ଦୀପୁ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବାବେଳେ ତାଙ୍କ ନାମରେ ପୂର୍ବରୁ ମଞ୍ଚେଶ୍ୱର ଥାନାରେ ୫ଟି ଅପରାଧିକ ମାମଲା ରହିଛି। ଏନେଇ ଆର୍ମସ ଆକ୍ଟରେ ସହ ବିଏନ୍ଏସ୍‌ର ଅନ୍ୟ ଦଫାରେ ମଞ୍ଚେଶ୍ୱର ଥାନା ପକ୍ଷରୁ ଏକ ମାମଲା (ନଂ. ୬୨୦/୨୦୨୫) ରୁଜୁ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।



ଗିରଫ ଅଭିଯୁକ୍ତ ଏବଂ ଜବତ ଖଣ୍ଡା।

# ରାସ୍ତାକଡ଼ରୁ ଯୁବକଙ୍କ କ୍ଷତାକ୍ତ ମୃତଦେହ ଜବତ

**ହତ୍ୟା ଅଭିଯୋଗ ଆଣିଲେ ସ୍ତ୍ରୀ, ତଦନ୍ତ ଦାବିରେ ରାସ୍ତା ଅବରୋଧ**

**ଏରସମା, ୩୦।୯(ଦୀପ୍ତି ଖଣ୍ଡୁଆଳ)**

ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅନ୍ତର୍ଗତ ନିଉ କଲୋନୀ ନିକଟ ରାସ୍ତାକଡ଼ରୁ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ମିଳିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଜିରାଇଲୋ ପଞ୍ଚାୟତସ୍ଥିତ ବଡ଼ବେଲାରୀ ଗ୍ରାମର ରଞ୍ଜନ ସାହୁ(୪୨)। ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ସ୍ତ୍ରୀ ଉତ୍ତରା ସାହୁ ଏରସମା ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ପୋଲିସ ମାମଲା (ନଂ. ୩୩୯/୨୫) ରୁଜୁ କରିଛି। ଅପରପକ୍ଷରେ ଏହି ଘଟଣାର ଉପଯୁକ୍ତ ତଦନ୍ତ ସହ ପୋଲିସ ଦୁର୍ବ୍ୟବହାର ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଥିଲେ ।

ରଞ୍ଜନ ଏରସମାର ଏକ ଲୁହାରଡ୍ ଦୋକାନରେ ଓଲ୍‌ଡିଂ କାମ କରନ୍ତି । ସକାଳ ପ୍ରାୟ ୭ଟାରେ ରଞ୍ଜନ ଘରୁ କାମ କରିବା ପାଇଁ ଆସିଥିଲେ। ମାତ୍ର ପୂର୍ବାହ୍ଣ ସାଢ଼େ ୧୦ଟାରେ ତାଙ୍କ ମୃତଦେହ ଏରସମା-ଅସରଣା ରାସ୍ତାର ନିଉ କଲୋନୀ ନିକଟରରେ ପଡ଼ିଥିଲା। ତାଙ୍କ ମୁହଁ, ବେକ ଓ କାନରେ କ୍ଷତଚିହ୍ନ ଥିବାବେଳେ ଗଞ୍ଜିରେ ରକ୍ତଛିଟା ରହିଛି । ତାଙ୍କ ମୁଣ୍ଡ ପାଣିରେ ଓ ଶରୀର ଶୁଖିଲାରେ ପଡ଼ିଥିଲା। ସେ ହାତରେ ମୁଠାଏ ମୋରମ ଧରିଥିବା ମଧ୍ୟ ଜଣାପଡ଼ିଛି। କିନ୍ତୁ ରଞ୍ଜନଙ୍କ ବାଇକ୍ ଓଲଡିଂ କରାଯାଉଥିବା ସ୍ଥାନରେ ଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ପଞ୍ଚନାମା କରିବା ସମୟରେ ଗ୍ରାମବାସୀଙ୍କ ସହ ବଚସା ହୋଇଥିଲା। କେତେଜଣ ପୋଲିସ କର୍ମଚାରୀ ଏହି ସମୟରେ ଦୁର୍ବ୍ୟବହାର କରିଥିବା ଅଭିଯୋଗ କରି ଗ୍ରାମବାସୀ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ରାସ୍ତା ଅବରୋଧ କରିଥିଲେ। ପରେ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଖବରପାଇ ଏସ୍‌ଡିପିଓ ଚିନ୍ମୟ ରାଉତ, ଥାନା ଆଇଆଇସି ପ୍ରେମଜିତ୍ ଦାସ ଧାରଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏସ୍‌ପି ଅଙ୍କିତ୍ ବର୍ମା ଫୋନ ଯୋଗେ ଉପଯୁକ୍ତ ତଦନ୍ତ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ରାତି ପ୍ରାୟ ସାଢ଼େ ୭ଟାରେ ଧାରଣା ପ୍ରତ୍ୟାହୃତ ହୋଇଛି।



ଏରସମା ଥାନା ସମ୍ମୁଖରେ ଗ୍ରାମବାସୀ ଧାରଣା ଦେଇଛନ୍ତି।

# ଦାଦାଙ୍କୁ ହତ୍ୟାକରି ପୁତୁରା ଗିରଫ

**କେନ୍ଦୁଝର,୩୦।୯**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

**ମାଟି ନେବାକୁ କେନ୍ଦ୍ରକରି ସୃଷ୍ଟ ବଚସାରୁ ହତ୍ୟାକାଣ୍ଡ**

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ନୟାକୋଟ ଥାନା ଅଧୀନ ଦୁଧପୋଷୀ ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ରାସ୍ତାରେ ପକାଯାଉଥିବା ମାଟି ଆଣିବାକୁ କେନ୍ଦ୍ରକରି ପୁତୁରା ଆକ୍ରମଣରେ ଦାଦାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ମହେଶ୍ୱର ମହାକୁଡ଼(୫୫)। ପୋଲିସ ଅଭିଯୁକ୍ତ ପୁତୁରା ଧରଣୀଧର ମହାକୁଡ଼(୨୫) ଓରଫ ସିପୁଙ୍କୁ ଗିରଫ ପରେ ମଙ୍ଗଳବାର କୋର୍ଟ ଚାଲାଣ କରିଛି।

ସୂଚନା ଅନୁଯାୟୀ, ଗତ ୨୨ତାରିଖରେ ଦୁଧପୋଷୀ ଗାଁ ଛକଠାରୁ ଶିମିଳିସାହି ପର୍ଯ୍ୟନ୍ତ ନୂତନ କଂକ୍ରିଟ ରାସ୍ତା କାମ ଚାଲିଥିଲା। ଖୋଳାଯାଉଥିବା ମାଟି ନେବାକୁ କେନ୍ଦ୍ରକରି ଉଭୟ ଦାଦା ଓ ପୁତୁରାଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଧରଣୀଧର ଉତ୍ତ୍ୟକ୍ତ ହୋଇ ମହେଶ୍ୱରଙ୍କ ମୁଣ୍ଡକୁ ଏକ କୋଦାଳରେ ଆକ୍ରମଣ କରିବାରୁ ସେ ଗୁରୁତର ହୋଇ ପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବାଂଶପାଳ ଓ ପରେ କେନ୍ଦୁଝର ଧରଣୀଧର ମେଡିକାଲକୁ ନିଆଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ପରେ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତିକରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତି ୧୦ଟା୩୦ରେ ମହେଶ୍ୱରଙ୍କର ମୃତ୍ୟୁ ଘଟିଥିଲା। ଏନେଇ ନୟାକୋଟ ପୋଲିସ ଏକ ହତ୍ୟା ମାମଲା (ନଂ.୧୭୨/୨୫) ରୁଜୁକରି ତଦନ୍ତ ଜାରି ରଖିଛି।

**ସଂକ୍ଷେପରେ**

## ଗୟଳ ଆକ୍ରମଣରେ ଜଣେ ଗୁରୁତର, ସହାୟତା ଦାବି

ବେଲଗୁଣ୍ଠା,୩୦।୯(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ): ଗାଙ୍ଗପୁର ଥାନା ଅନ୍ତର୍ଗତ ଧରାକୋଟ ବ୍ଲକ୍ ଝାଡ଼ବନ୍ଧ ଗ୍ରାମର ଜଣେ ବ୍ୟକ୍ତି ନିଜ ଜମିରେ କାମ ସାରି ଫେରୁଥିବା ବେଳେ ଗୟଳ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ହେଲେ ଚନ୍ଦ୍ର ସ୍ୱାଇଁ (୫୯)। ଗତ ଶନିବାର ସକାଳେ ଚନ୍ଦ୍ର ନିଜ ଜମିରେ ସାର ପକାଇ ଫେରୁଥିବା ବେଳେ ନିକଟସ୍ଥ ବାଉଁଶ ବୁଦାରୁ ଏକ ବନ୍ୟ ଗୟଳ ଆସି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ଚନ୍ଦ୍ରଙ୍କ ଦୁଇ ଗୋଡରେ ଗଭୀର ଆଘାତ ଲାଗିଥିବା ବେଳେ ତାଙ୍କୁ ନିକଟସ୍ଥ ଜମିରେ କାମ କରୁଥିବା ଲୋକେ ଉଦ୍ଧାର କରିଥିଲେ। ଚନ୍ଦ୍ର ପ୍ରଥମେ ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଆସିକା ମେଡିକାଲ୍‌ରେ ଭର୍ତ୍ତି ହୋଇଥିଲେ। ଏ ନେଇ ସେ ବନ ବିଭାଗରେ ଅଭିଯୋଗ କରିବା ପରେ ତାଙ୍କୁ ୧ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା ଚନ୍ଦ୍ର ବିପଦମୁକ୍ତ ହୋଇ ନାହାଁନ୍ତି। ସେ ଅତ୍ୟନ୍ତ ଗରୀବ ଶ୍ରେଣୀର ହୋଇଥିବାରୁ ଉତ୍ତମ ଚିକିତ୍ସା ନିମନ୍ତେ ଅନ୍ୟ କୌଣସି ମେଡିକାଲ୍‌କୁ ମଧ୍ୟ ଯାଇ ପାରୁନାହାଁନ୍ତି। ନିଜର ଉତ୍ତମ ଚିକିତ୍ସା ସହିତ ସୁସ୍ଥ ହେବା ପର୍ଯ୍ୟନ୍ତ ପରିବାର ଚଳିବା ନିମନ୍ତେ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ବନ ବିଭାଗକୁ ଚନ୍ଦ୍ର ଆବେଦନ କରିଛନ୍ତି।

## ଆଦିବାସୀ ସମାଜ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ

ବୁଗୁଡ଼ା,୩୦।୯(କାଳି ଚରଣ ଦାଶ): ବୁଗୁଡ଼ା ବ୍ଲକ କରସିଙ୍ଗି ପଞ୍ଚାୟତ ଅନ୍ତର୍ଗତ ବରଡା ସାହି ଗ୍ରାମରେ ଘୁମୁସର ତାଲୁକା ଆଦିବାସୀ(କନ୍ଧ) ସମାଜ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉକ୍ତ ଆଦିବାସୀ ସମାଜ ଗୃହ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କାର୍ଯ୍ୟକ୍ରମରେ ଆଦିବାସୀ ସମାଜର ବିଭିନ୍ନ ମୁଠାର ସଭାପତିମାନେ ଉପସ୍ଥିତ ରହିଥିଲେ।

## ଆମ୍ବୁଲାନ୍ସ ଧକ୍କାରେ ଯୁବକ ଗୁରୁତର

ରାୟଗଡ଼ା,୩୦।୯(ଆଶିଷ ରଞ୍ଜନ ପଣ୍ଡା) ରାୟଗଡ଼ା ସହରସ୍ଥିତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଛକ ନିକଟରେ ଆମ୍ବୁଲାନ୍ସ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି । ଆହତ ଯୁବକ ଜଣକ ହେଲେ ରାଣୀଗୁଡ଼ା ଫାର୍ମ ଅଞ୍ଚଳର ରାଜେଶ କୁମାର ପାଢ଼ୀ । ରାଜେଶ ସନ୍ଧ୍ୟା ପ୍ରାୟ ୬ଟା ସମୟରେ ମୋଟରସାଇକେଲରେ ଯାଉଥିବା ବେଳେ ସାମନା ପଟୁ ଆସୁଥିବା ଆମ୍ବୁଲାନ୍ସ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ରାଜେଶ ସେଠାରେ ପଡ଼ି ଗୁରୁତର ହେବା ସହିତ ଅଚେତ ହୋଇପଡ଼ିଥିଲେ । ସ୍ଥାନୀୟ ଲୋକେ ରାଜେଶଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

## ଜୁଆ ଆଡ୍ଡାରୁ ୫ ଗିରଫ

ବିଷମକଟକ, ୩୦।୯(ପ୍ରସନ୍ନ କୁମାର ପଣ୍ଡା) ରାୟଗଡ଼ା ଜିଲା ବିଷମକଟକ ପୋଲିସ ବ୍ଲକ ଅନ୍ତର୍ଗତ ଲଡାଙ୍ଗିକିରି ଗ୍ରାମର ତେଲେଙ୍ଗା ଡୋଟାରେ ସୋମବାର ରାତିରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୫ଜଣ ଖେଳାଳିଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ୨୧୪୦୦ ଟଙ୍କା ସହ ୫ ମୋବାଇଲ ଫୋନ ଜବତ କରିଥିବା ବିଷମକଟକ ଥାନା ଏସ୍‌ଆଇ ମନୋରଞ୍ଜନ ବିଶ୍ୱାଳ ସୂଚନା ଦେଇଛନ୍ତି।

## ଚୋରି କାର ଉଦ୍ଧାର, ୨ ଗିରଫ

ଗୁଡାରି, ୩୦।୯ (ପ୍ରମୋଦ କୁମାର ପତି ) ରାୟଗଡା ଜିଲା ଗୁଡାରି ପୋଲିସ ମଙ୍ଗଳବାର ଏକ ଚୋରି କାର ଉଦ୍ଧାର କରିବା ସହ ଘଟଣାରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରି ଗୁଣପୁର କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ୨୨ ତାରିଖରେ ଗୁଡାରି ଥାନା ଅନ୍ତର୍ଗତ ଟୁଟୁଣି ଗ୍ରାମର ଜକ୍ଷ୍ୟ ପାଲକା ସ୍ଥାନୀୟ ମେଡିକାଲ ନିକଟରେ ନିଜ କାର ପାର୍କିଂ କରି ବ୍ୟକ୍ତିଗତ କାର୍ଯ୍ୟରେ ବିଶାଖାପାଟଣା ଯାଇଥିଲେ। ବିଶାଖାପାଟଣାରୁ ଫେରି ଦେଖିବାବେଳେ ପାର୍କିଂସ୍ଥଳରେ କାର ନ ଥିଲା। କାରକୁ କେହି ଚୋରି କରିଥିବା ନେଇ ଜକ୍ଷ୍ୟ ସ୍ଥାନୀୟ ଥାନାରେ ଗତ ୨୬ ତାରିଖରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ଥାନାରେ କେଶ୍ ନଂ ୧୦୦/୨୫ରେ ଏକ ମାମଲା ରୁଜୁ ହୋଇଥିଲା। ଏତଲାକୁ ଭିତ୍ତିକରି ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ଘଟଣାକୁ ଗୁରୁତର ସହ ନେଇ ତନାଘନା ଆରମ୍ଭ କରିଥିଲେ। ଇନ୍ସପେକ୍ଟର ସଞ୍ଜୟ ଛତ୍ର ଘଟଣାର ତଦନ୍ତ କରି ଚୋରି କାର (ଓଆର ୦୨ଏସ୍୦୯୫୯) ଉଦ୍ଧାର କରିବା ସହ ଘଟଣାରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# କଳିଙ୍ଗା ଘାଟି ମନ୍ଦିରରେ ପଡ଼ିଲା ବୋଦା ବଳି

ଭଞ୍ଜନଗର,୩୦।୯(ବାବୁଲା ପ୍ରଧାନ)


ମନ୍ଥର ଗତିରେ କାମ ଚାଲିଛି।

ଭଞ୍ଜନଗର-ଫୁଲବାଣୀ ଜାତୀୟ ରାଜପଥରରେ ଥିବା କଳିଙ୍ଗା ଘାଟିରେ ଗତ ୧୬ ତାରିଖରେ ପ୍ରବଳ ବର୍ଷା ଯୋଗୁ ଭୂସ୍ଖଳନ ହେବା ସହ ବଡ ବଡ ପଥର ଖସିଥିଲା। ଫଳରେ ଉକ୍ତ ଘାଟି ରାସ୍ତା ଧୋଇ ହୋଇଯାଇଥିଲା। ବଡ଼ ବଡ଼ ପଥର ମଧ୍ୟ ଖସିଥିବାରୁ ଗମନାଗମନରେ ବାଧା ଉପୁଜିଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଉକ୍ତ ଗୁରୁତ୍ୱପୂର୍ଣ୍ଣ ରାସ୍ତାକୁ ମରାମତି କରିବା ପାଇଁ ପଦକ୍ଷେପ ନେଇଥିଲେ ମଧ୍ୟ କାମ ମନ୍ଥର ଗତିରେ ଚାଲିଛି। ୧୫ ଦିନ ହେଲା ଉକ୍ତ ରାସ୍ତାରେ ଗମନାଗମନ ସ୍ୱାଭାବିକ ହୋଇପାରିନାହିଁ। ଲୋକେ ଅନ୍ୟ ରାସ୍ତାରେ ଯାଇ ଅଧିକ ଖର୍ଚ୍ଚାନ୍ତ ସହ ସମୟ ମଧ୍ୟ ନଷ୍ଟ ହେଉଛି। ଉକ୍ତ ରାସ୍ତାରେ ଗମନାଗମନ ବାରଣ କରାଯାଇଛି। ଘାଟିର ଉଭୟ ମୁଣ୍ଡରେ ପୋଲିସ ମୁତୟନ ହୋଇଛି। ରାସ୍ତା ସ୍ୱାଭାବିକ ହେବା ଓ ଭାରିଯାନ ଏବଂ ବସ ଚଳାଚଳ କରିବାକୁ ଆହୁରି ବହୁଦିନ ଲାଗିଯିବ। ବର୍ଷା ଯଦି ନ ହେବ ତେବେ ଚାରିଚକିଆ ଏବଂ ଦୁଇ ଚକିଆ ଗାଡ଼ି ସପ୍ତାହେ ମଧ୍ୟରେ ଚାଲିବା ସମ୍ଭାବନା ରହିଛି। ଅପରପକ୍ଷେ ଘାଟିରେ ଥିବା ଠାକୁରାଣୀଙ୍କ ମନ୍ଦିରରେ ମଙ୍ଗଳବାର ବୋଦା ବଳି ଦିଆଯାଇଛି। ଏହାପରେ ସେଠାରେ ଭୋଜିଭାତ ହୋଇଥିଲା। ଶ୍ରମିକ, ଜାତୀୟ ରାଜପଥ କର୍ମଚାରୀ, ଠିକାଦାର ପ୍ରମୁଖ ଭୋଜି ଖାଇଥିଲେ। ବୋଦା ବଳି ପଡିବା ପରେ ରାସ୍ତା କାମରେ ଆଉ କୌଣସି ସମସ୍ୟା ରହିବ ନାହିଁ ବୋଲି କାମ କରୁଥିବା ଶ୍ରମିକ ମାନଙ୍କ ବିଶ୍ୱାସ। କାମ ବିଳମ୍ବ ନେଇ ଜାତୀୟ ରାଜପଥ ବିଭାଗର ଜଣେ ଯନ୍ତ୍ରୀ କହିଛନ୍ତି, ଶ୍ରମିକ ଅଭାବ ଯୋଗୁଁ କାମ ବିଳମ୍ବ ହେଉଛି। ତଥାପି ପୂଜା ପରେ ଦ୍ରୁତ ଗତିରେ କାମ କରିବା ଯୋଜନା ଅଛି। ପ୍ରଶାସନ ନିଷ୍ପତ୍ତି ପରେ ଛୋଟ ଯାନବାହାନ ଚଳାଚଳ ପାଇଁ ରାସ୍ତା ଖୋଲିବ ବୋଲି କହିଥିଲେ। କଳିଙ୍ଗା ଘାଟି ଏବେବି ଯାନବାହାନ ଚଳାଚଳ ପାଇଁ ବିପଦପୂର୍ଣ୍ଣ ଅଛି । ତେଣୁ ପରିସ୍ଥିତିକୁ ଦେଖି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ବଳି ବୋଦା ସମ୍ପର୍କରେ ଜଣେ ବ୍ୟକ୍ତି କହିଛନ୍ତି ଘାଟି କାମ ମରାମତି ସମୟରେ ଏକ ଗାଡି ଏବଂ ଚାଳକ ବିପଦରେ ପଡ଼ି ଯାଇଥିଲେ। ମା'ଙ୍କ କୃପାରୁ ଚାଳକ ଜଣଙ୍କ ବଞ୍ଚିଯାଇଥିବା ଯୋଗୁ ସେ ବୋଦା ବଳି ପକାଇଥିଲେ ବୋଲି ବ୍ୟକ୍ତି ଜଣଙ୍କ କହିଛନ୍ତି।

**ମନ୍ଥର ଗତିରେ ଚାଲିଛି ରାସ୍ତା କାମ**

## ନବମ ଦିନରେ ମା'ଚାମୁଣ୍ଡାଙ୍କ ସିଦ୍ଧିଦାତ୍ରୀ ବେଶ

ଗଞ୍ଜାମ,୩୦।୯(ବିଦ୍ୟାଧର ସାହୁ) ଗଞ୍ଜାମ ବ୍ଲକ୍ ମଲାଡ ପଞ୍ଚାୟତ କୁଶପଲି ଗ୍ରାମରେ ଥିବା ମା' ଚାମୁଣ୍ଡାଙ୍କ ନବରାତ୍ର ପୂଜା ନବମ ଦିନରେ ପହଞ୍ଚିଛି। ଚଳିତ ବର୍ଷ ଆରମ୍ଭ ହୋଇଥିଲା ମା'ଙ୍କ ନବରାତ୍ର ପୂଜା ଏହି ନବରାତ୍ର ପୂଜା ମଙ୍ଗଳବାର ଶେଷ ହୋଇଛି। ଆଶ୍ୱିନ ମାସ ଶୁକ୍ଳ ପକ୍ଷର ଶାରଦୀୟ ନବରାତ୍ରି ପୂଜା ଗ୍ରାମରୁ ସହର ପର୍ଯ୍ୟନ୍ତ ମା'ଙ୍କ ଦିବ୍ୟ ଦର୍ଶନ ସହ ପୂଜା ପାଉଛନ୍ତି। ଏହି ପୂଜା ୯ ଦିନ ଧରି ହେଉଥିବା ବେଳେ ୯ ଟି ବେଶ ଦେଖିବାକୁ ମିଳିଥାଏ। ମଙ୍ଗଳବାର ନବମ ଦିନରେ ମା'ଙ୍କ ସିଦ୍ଧି ଦାତ୍ରି ବେଶରେ ମା'ଦର୍ଶନ ଦେଇଥିଲେ। ପଣ୍ଡିତ ଲୋକନାଥ ଶତପଥୀ ଏବଂ ପଣ୍ଡିତ ପ୍ରଶାନ୍ତ ଆଚାର୍ଯ୍ୟ ଓ ବିଭୂତି ଭୂଷଣ ମିଶ୍ରଙ୍କ ଦ୍ୱାରା ବେଦ ମନ୍ତ୍ର ପାଠ କରି ମା'ଙ୍କ ପୂଜାରେ ସମର୍ପିତ କରିଥାନ୍ତି। ଏହି ପୂଜାରେ ମା'ଚାମୁଣ୍ଡା ମନ୍ଦିରର ସଭାପତି ଟୁକୁନା ସାହୁ ଓ ସମ୍ପାଦକ ଡି.ରାଜେନ୍ଦ୍ର ପରିଚାଳନା କରୁଥିବା ବେଳେ ମନ୍ଦିର କମିଟିର ସମସ୍ତ ସଦସ୍ୟ ସହ ଆଖପାଖ ଗ୍ରାମର ଯୁବ ଗୋଷ୍ଠୀ ଓ ମହିଳା ସମସ୍ତେ ଉପସ୍ଥିତ ରହି ସହଯୋଗ କରିଛନ୍ତି। ମା'ଙ୍କ ନବରାତ୍ର ପୂଜାରେ ମା'ଚାମୁଣ୍ଡା ଫାଉଣ୍ଡେସନ କ୍ଲବ୍ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି। ଏହି ନବରାତ୍ର ପୂଜାରେ ମନ୍ଦିରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ମା'ଙ୍କ ଦର୍ଶନ ପାଇଁ ମଣ୍ଡପରେ ଭିଡ଼

ଜି.ଉଦୟଗିରି,୩୦।୯(ଚିନ୍ମୟ କୁମାର ସେଠୀ) ଜି.ଉଦୟଗିରି ସହରର ଅସ୍ଥାୟୀ ପୂଜା ମଣ୍ଡପରେ ମା'ଦୁର୍ଗାଦେବୀଙ୍କ ପୂଜା ହେଉଛି। ମଙ୍ଗଳବାର ମହାଷ୍ଟମୀ ପୂଜା ହୋଇଛି। ମଣ୍ଡପରେ ଦେବୀଙ୍କ ସ୍ୱତନ୍ତ୍ର ରୀତିନୀତି ଅନୁସାରେ ମନ୍ତ୍ର ତଥା ଚଣ୍ଡୀପାଠ ସହ ପୂଜାର୍ଚ୍ଚନା ଚାଲିଛି। କାର୍ଯ୍ୟରେ ପ୍ରତାପ ପଣ୍ଡା କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ପୁରୋହିତ ସୂର୍ଯ୍ୟ ନାରାୟଣ ଆଚାର୍ଯ୍ୟ, ସୁଧାଂଶୁ ଶେଖର ଆଚାର୍ଯ୍ୟ ଓ ସଞ୍ଜୟ ଆଚାର୍ଯ୍ୟ, ସନ୍ତୋଷ ଦାସ ଓ ସହଯୋଗୀଙ୍କ ଦ୍ୱାରା ଚଣ୍ଡୀପାଠ ସହ ପୂଜାର୍ଚ୍ଚନା ଚାଲିଛି। ବୁଧବାର ମା'ଙ୍କ ମହାନବମୀ ପୂଜା ସହ ଚଣ୍ଡୀପାଠ ପୂର୍ଣ୍ଣାହୁତି ହେବ। ଗୁରୁବାର ଦଶମୀ ବା ଦଶହରା ପୂଜା ହୋଇ ସନ୍ଧ୍ୟାରେ ମା'ଙ୍କ ଘଟ ବିସର୍ଜନ ହେବ। ଏହି ଅବସରରେ ପୂଜା କମିଟି ତରଫରୁ ନିର୍ଦ୍ଧାରିତ ଦିନ ମାନଙ୍କରେ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ଶୁକ୍ରବାର ମହାଭାରତ ନାଟକ, ଶନିବାର ଡ୍ୟାନ୍ସ କାର୍ଯ୍ୟକ୍ରମ ହେବ। ରବିବାର ମା'ଙ୍କ ବିଗ୍ରହ ବିସର୍ଜନ କାର୍ଯ୍ୟକ୍ରମ ହେବାକୁ ରହିଥିବା ନେଇ ଦଶହରା ପୂଜା କମିଟି ସଭାପତି ଅରୁଣ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

# ସେଣ୍ଟପିଟର କନଭେଣ୍ଟ ସ୍କୁଲରେ କ୍ରୀଡ଼ା ପ୍ରତିଯୋଗିତା

ମୋହନ,୩୦।୯ (ମନ୍ମଥ ମିଶ୍ର)



ବ୍ରହ୍ମପୁର ରୋମାନ କ୍ୟାଥୋଲିକ ଆନୁକୂଲ୍ୟରେ ଗଜପତି ଜିଲା ମୋହନା ସ୍ଥିତ ସେଣ୍ଟପିଟର କନଭେଣ୍ଟ ସ୍କୁଲ ପରିସରରେ ୩ ଦିନିଆ ଅନ୍ତଃ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଛି। ଏଥିରେ ବିଭିନ୍ନ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ବ୍ରହ୍ମପୁରର ସେଣ୍ଟ ଯୋଷେଫ ସ୍କୁଲ, ଦିଗପହଣ୍ଡି ସେଣ୍ଟ ଯୋଷେଫ ସ୍କୁଲ, ପାରଳାଖେମୁଣ୍ଡି ସେଣ୍ଟ ବାରୋମିୟ ସ୍କୁଲ, କାଶୀନଗର ସେଣ୍ଟ ପିଟର କନଭେଣ୍ଟ ସ୍କୁଲ ଓ ମୋହନା ସେଣ୍ଟ ପିଟର ସ୍କୁଲର ୩ଶହ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ୧୩ଟି ବିଭାଗରେ ବିଭକ୍ତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ପାଇଁ ସିନିଅର-ଜୁନିଅରଙ୍କ ନିମନ୍ତେ ପୃଥକ ପୃଥକ ଭାବରେ ପ୍ରତିଯୋଗିତା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶପ ଡ.ଶରତ ଚନ୍ଦ୍ର ନାୟକ, ମୋହନା ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ବିଷୋୟୀ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ସାରା ଦେଶରେ ଜାରି ରହିଥିବା ଏକ ପେଡ ମା କେ ନାମ ପରିପେକ୍ଷୀରେ ବିଦ୍ୟାଳୟ ପରିସରରେ ଔଷଧୀୟ ରକ୍ତ ଚନ୍ଦନ ଚାରା ରୋପଣ କରିଥିଲେ। ବନାଞ୍ଚଳ ଅଧିକାରୀ ଶ୍ରୀବିଷୋୟୀ ସାରା ପୃଥିବୀରେ ଜାରି ରହିଥିବା ଜଳବାୟୁ ପରିବର୍ତ୍ତନ ସମୟରେ ଚାରାରୋପଣର ମହତ୍ତ୍ୱ ଏବଂ ସରକାରଙ୍କ ଦ୍ୱାରା ଜାରି ରହିଥିବା ଏହି ମହତ୍ୱ ଅଭିଯାନ ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ପ୍ରତିଯୋଗିତାର ବିଭିନ୍ନ ବିଭାଗରେ ବିଜୟୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଚଳିତ ବର୍ଷର କ୍ରୀଡ଼ା ପ୍ରତିଯୋଗିତାରେ ବିଭିନ୍ନ ବିଭାଗରେ ଉଚ୍ଚକୋଟୀର ପ୍ରଦର୍ଶନ କରି ୧୫୯ ପଏଣ୍ଟ ହାସଲ କରିବା ସହ ସେଣ୍ଟ ପିଟର କନଭେଣ୍ଟ ସ୍କୁଲ ମୋହନା ଚାମ୍ପିୟନ ହୋଇଥିଲା। ପରିଶେଷରେ ସେଣ୍ଟ ପିଟର କନଭେଣ୍ଟ ସ୍କୁଲ, ମୋହନାର ସେକ୍ରେଟାରୀ ଫା.ମାଲାକ୍ୟାସ ବୀର ଆନୁଷ୍ଠାନିକ ଭାବରେ ସମସ୍ତଙ୍କୁ ସେମାନଙ୍କ ଅମୂଲ୍ୟ ଅବଦାନ ନିମନ୍ତେ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥି ହେତୁ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଛାତ୍ରୀଛାତ୍ର, ଶିକ୍ଷୟତ୍ରୀ, ଶିକ୍ଷକ, ଅଭିଭାବକ, ଅଞ୍ଚଳବାସୀ ଉତ୍ସାହିତ ହୋଇଛନ୍ତି।

## ମହାମାୟୀଙ୍କ ମହାଷ୍ଟମୀ ପୂଜା

**ଡାବୁଗାଁ, ୩୦।୯ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ସଦର ମହକୁମାରେ ମଙ୍ଗଳବାର ମା' ଦୁର୍ଗାଙ୍କ ଅଷ୍ଟମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ପୂଜା, ଆକର୍ଷଣୀୟ ତୋରଣ ଏବଂ ରଙ୍ଗବେରଙ୍ଗ ଆଲୋକମାଳାରେ ଝଲସି ଉଠୁଛି ଡାବୁଗାଁ ସହର। ମା'ଙ୍କ ପୂଜା ଦେଖିବାକୁ ବହୁ ଭକ୍ତଙ୍କ ସମାଗମ ହେଉଛି। ଏହି ପୂଜାରେ କର୍ତ୍ତାଭାବେ ଶଙ୍କର ସୁବୁଦ୍ଧି, ଟୁଟୁ ଜେନା ଓ ଟି. ଜୁଗୁନୁ ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି। ଏଥିରେ ମୁଖ୍ୟ ପୂଜକ ଶିବପ୍ରସାଦ ପଣ୍ଡାଙ୍କ ସହ ଅନ୍ୟମାନେ ପୂଜା କାର୍ଯ୍ୟ ସମ୍ପାଦନା କରୁଛନ୍ତି। ଏଥିରେ ପୂଜା କମିଟି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଉପସଭାପତି ଦିବ୍ୟରଞ୍ଜନ ରାୟପାତ୍ର, ସମ୍ପାଦକ ସନ୍ତୋଷ ରାୟପାତ୍ର, ସହ ସମ୍ପାଦକ ଶୁଭଜିତ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଭଗବାନ ପାତ୍ର ଓ ସୁରେଶ ଚନ୍ଦ୍ର ବେହେରା, ଜି. ସତ୍ୟା ରାଓ, ଜଗନ୍ନାଥ ବିଷୋୟୀ, ବବଲୁ ତ୍ରିପାଠୀ, ସୌଭାଗ୍ୟ ବିଶ୍ୱାଳ, ଏମ୍. ବାସିରାଓ ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି।

## ଦୁର୍ଗାପୂଜା ପାଇଁ ଭଞ୍ଜନଗର ଚଳଚଞ୍ଚଳ


ବିଧାୟକ ପୂଜା ମଣ୍ଡପ ପରିଦର୍ଶନ କରୁଛନ୍ତି।

ଭଞ୍ଜନଗର,୩୦।୯(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ସହରରେ ଦୁର୍ଗାପୂଜା ପାଇଁ ସହର ଚଳଚଞ୍ଚଳ ହୋଇପଡିଛି। ବିଭିନ୍ନ ପୂଜା ମଣ୍ଡପରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସହରର ଜଳସମ୍ପଦ ବିଭାଗ, ରାଜ୍ୟ ସଡ଼କ ପରିବହନ ନିଗମ, ଭଞ୍ଜ ସାହିତ୍ୟ ପରିଷଦ ଏବଂ ରେଡକ୍ରସ ରୋଡରେ ଦୁର୍ଗାପୂଜା ପାଳନ ହେଉଛି। ଏଥିସହ ତହସିଲ କାର୍ଯ୍ୟାଳୟ ପରିସରରେ ମଧ୍ୟ ପୂଜା ହେଉଛି। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମଙ୍ଗଳବାର ସନ୍ଧ୍ୟାରେ ବିଭିନ୍ନ ପୂଜା ମଣ୍ଡପ ପରିଦର୍ଶନ କରି ପୂଜାର୍ଚ୍ଚନା କରିଛନ୍ତି। ଜଳସମ୍ପଦ ପୂଜା ମଣ୍ଡପ ପରିଦର୍ଶନ ସମୟରେ ବିଡେକା ସଭାପତି ଇଂ ସିମାଚଳ ସାହୁ, ଅଧିକ୍ଷଣ ଯନ୍ତ୍ରୀ ସଞ୍ଜୟ ପ୍ରଧାନ, ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ପାତ୍ର, ସହକାରୀ ଯନ୍ତ୍ରୀ ରଶ୍ମି ରଞ୍ଜନ ରଥ, ଭାଜପା ଭଞ୍ଜନଗର ସାଂଗଠନିକ ଜିଲା ସଭାପତି ନୀଳ ମାଧବ ପାତ୍ର, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁ ପ୍ରସାଦ ପ୍ରଧାନ, ଏମ୍‌ପି ପ୍ରତିନିଧି ରବିନ୍ଦ୍ର ଗୌଡ଼, ମାନସ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆ କନ୍ଧମାଳ ଜିଲା କଂଗ୍ରେସ ସଭାପତିଙ୍କୁ ବିରୋଧ

ବାଲିଗୁଡ଼ା,୩୦।୯(ସଞ୍ଜୟ କୁମାର ପାଣିଗ୍ରାହୀ): କନ୍ଧମାଳ ଜିଲା କଂଗ୍ରେସର ନୂତନ ସଭାପତି ଚୟନକୁ ନେଇ ବରିଷ୍ଠ ନେତୃବୃନ୍ଦ ଅସନ୍ତୋଷ ପ୍ରକାଶ କରିଛନ୍ତି। କ.ନୂଆଗାଁସ୍ଥିତ କୁଇ ସମାଜ ସାଂସ୍କୃତିକ ଭବନରେ ଆବାହକ ପୂର୍ବତନ ବିଧାୟକ ଅଭିମନ୍ୟୁ ବେହେରାଙ୍କ ନେତୃତ୍ୱରେ ଏକ ସଭା ହୋଇଯାଇଛି । ଏଥିରେ ଦଳୀୟ ନେତା ଅମିର ଚାନ୍ଦ ନାୟକ, ଉପେନ୍ଦ୍ର ପ୍ରଧାନ, ପୂର୍ବତନ ଜିଲା ସଭାପତି ଅନାମ ନାୟକ, ଯୁବନେତା ଚନ୍ଦନ ପଣ୍ଡା, ସୂର୍ଯ୍ୟକାନ୍ତ ଦାସ, କୋଟଗଡ଼ ବ୍ଲକ ଅଧ୍ୟକ୍ଷା ପିଙ୍କି କହଁର, ଶ୍ୟାମଘନ ପ୍ରଧାନ, ମଜଦୁର ନେତା ଘନ କୁମାର ଶବର, ପିସିସି ସଭ୍ୟ ପ୍ରଫୁଲ୍ଲ କୁମାର ଦାସ, ଅନାମ ନାୟକ, ବରିଷ୍ଠ ନେତା ମନୋଜ କୁମାର ଆଚାର୍ଯ୍ୟ, ଭିକାରୀ ଚରଣ ପାଣିଗ୍ରାହୀ,ପୂର୍ବତନ ଛାତ୍ର ନେତା ପ୍ରେମଚାନ୍ଦ ତ୍ରିପାଠୀ, କ୍ରିଷ୍ଣା ପ୍ରିୟା ପ୍ରଧାନ, ରାଜ୍ୟ ଆଦିବାସୀ ଆବାହକ ପ୍ରତାପ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ରଖିଥିଲେ। ଗତ ୨୬ ତାରିଖରେ ରାଜ୍ୟର ବିଭନ୍ନ ଜିଲା କଂଗ୍ରେସ ସଭାପତିଙ୍କ ନାମ ଘୋଷଣା କରାଯାଇଥିଲା। ସେଥିରେ କନ୍ଧମାଳ ଜିଲା ସଭାପତି ଭାବେ ଚନ୍ଦ୍ର ଶେଖର ପରିଡ଼ାଙ୍କ ନାମ ରହିଛି। ଏହାକୁ ବିରୋଧ କରି ଜିଲାର ୧୨ଟି ବ୍ଲକର ଶତାଧିକ କଂଗ୍ରେସ କର୍ମୀ ଓ ନେତା ମେଳି ହୋଇ ସଭାପତି ପରିବର୍ତ୍ତନ କରିବାକୁ ସଭାରେ ନିଷ୍ପତି ନିଆ ଯାଇଥିବା କଂଗ୍ରେସ ନେତା ଓ କର୍ମୀ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଜିଲ୍ଲା ସଭାପତି ପରିବର୍ତ୍ତନ ନ ହେଲେ ଚରମ ନିଷ୍ପତ୍ତି ନିଆଯିବାକୁ ଚେତାବନୀ ଦିଆଯାଇଛି ।

# ଜନ୍ମମାଟିରେ ଓଏଏସ୍ କୃତିତ୍ୱଙ୍କୁ ସମ୍ବର୍ଦ୍ଧନା

ଖଜୁରିପଡ଼ା,୩୦।୯ (ବିଦୁର ବେହେରା)



ଖଜୁରିପଡ଼ା ବ୍ଲକ୍ ଦଳପଡ଼ା ପଞ୍ଚାୟତ ଲମ୍ବାବାଡ଼ି ଗ୍ରାମର ସୋନାଲି ଯାନୀ ଓଏଏସ୍ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଖବର ପାଇ ତାଙ୍କ ଜନ୍ମମାଟିରେ ଉତ୍ସାହ ଦେଖିବାକୁ ମିଳିଛି। ସୋନାଲିଙ୍କ ମା' ରଞ୍ଜିତା ଯାନୀ ଏବଂ ବାପା ଆଇନଜୀବୀ ଅଗସ୍ତି ଯାନୀ ଝିଅର ସଫଳତା ପାଇଁ ଖୁସି ହୋଇଛନ୍ତି। ସେ ରେଢ଼ାଖୋଲଠାରେ କୋଅପରେଟିଭ ସୋସାଇଟି ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଥିଲେ। ମଙ୍ଗଳବାର ରେଢ଼ାଖୋଲରୁ ଆସି ଲମ୍ବାବାଡିରେ ପହଞ୍ଚିବା ପରେ ଗ୍ରାମବାସୀଙ୍କ ସହ ବିଧାୟକ ପ୍ରତିନିଧି ଅନନ୍ତ ଦିଗାଲ, ଭାଜପା ମଣ୍ଡଳ ସଭାପତି ରଞ୍ଜନ କହଁର, ଯୁବ ନେତା ରୋହିତ ପ୍ରଧାନ, ମିଳନ ଗଣ୍ଡା, ବିଶ୍ୱନାଥ ଗଣ୍ଡା, ସାଇବନ କହଁର ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଏନେଇ ସୋନାଲି କହିଛନ୍ତି, ଗ୍ରାମବାସୀ ଓ ମା' ବାପାଙ୍କ ଆଶୀର୍ବାଦ ସହ ତାଙ୍କର ଏହି ସଫଳତା ପଛରେ ମାଈଁ ଜ୍ୟୋସ୍ନାରାଣୀ ମଲିକ ଏବଂ ମାମୁ ସୁଶାନ୍ତ ମଲିକଙ୍କ ହାତ ରହିଛି। ଆଗକୁ ଜନସାଧାରଣଙ୍କ ସେବାରେ ନିଜକୁ ସାମିଲ କରିବେ ବୋଲି ସେ କହିଛନ୍ତି।

# ଏନ୍‌ଏସି ପକ୍ଷରୁ ଅଙ୍ଗୀକାର କାର୍ଯ୍ୟକ୍ରମ



ବୁଗୁଡ଼ା,୩୦।୯(କାଳିଚରଣ ଦାଶ) ଓଡିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଆନୁକୂଲ୍ୟରେ ବୁଗୁଡ଼ା ଏନ୍‌ଏସି ପକ୍ଷରୁ ଅଙ୍ଗୀକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଏନ୍‌ଏସି କଲ୍ୟାଣୀ ମଣ୍ଡପ ପରିସରରେ କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୂତି ଭୂଷଣ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ଉପାଧ୍ୟକ୍ଷା ଗିତାଞ୍ଜଳୀ ପାଢୀ, ନଗର ଭାଜପା ସଭାପତି କେଦାର ନାଥ ମହାରଣା ଓ ବିଧାୟକ ପ୍ରତିନିଧି ଯଜ୍ଞ ନାରାୟଣ ପାତ୍ରଙ୍କ ସମେତ କାଉନସିଲରମାନେ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସମସ୍ତ ବାସହୀନଙ୍କୁ ଗୃହ ଯୋଗାଣ ସାଙ୍ଗକୁ ପାଣିପାଗ ସହିତ ଖାପ ଖୁଆଇ ଚଳିବା ନିମନ୍ତେ ଘର ନିର୍ମାଣ ଶୈଳୀ ସମ୍ପର୍କରେ ଜ୍ଞାନ କୌଶଳ ପ୍ରଦାନ କରାଯାଇଥିଲା। ଏଥିସହ ଗୃହ ନିର୍ମାଣ ସକାଶେ ଅତିରିକ୍ତ ଋଣ ପ୍ରଦାନ ନିମନ୍ତେ ସହଯୋଗର ହାତ ବଢାଇବା ସହ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ବିଦ୍ୟୁତ୍ ସେବା ନିମନ୍ତେ ଋଣ ପ୍ରଦାନ ସମ୍ପର୍କରେ ମଧ୍ୟ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଏନ୍‌ଏସି କର୍ମଚାରୀବୃନ୍ଦ ସକ୍ରିୟ ସହଯୋଗ କରିଥିଲେ।

# ନବରାତ୍ର ପୂଜାରେ ସାମିଲ ହେଲେ ବିଧାୟକ

ଦିଗପହଣ୍ଡି,୩୦।୯(ଅଶେଷ ନାଥ ମିଶ୍ର)


ମା' ଟିକାଚନ୍ଦ୍ରୀ ପୀଠକୁ ଯାଉଛନ୍ତି ବିଧାୟକ।

ଦିଗପହଣ୍ଡିବ୍ଲକ୍‌ଖମାରୀ ଗାଁପଞ୍ଚାୟତ ଗୋଲଣ୍ଡା ଗ୍ରାମ ନିକଟସ୍ଥ ଗାଇଡା ପର୍ବତ ପାଦଦେଶରେ ବିରାଜିତ ମା' ଟିକାଚନ୍ଦ୍ରୀ ଶକ୍ତିପୀଠରେ ନବରାତ୍ରି ପୂଜା ପାଳିତ ହେଉଛି। ପ୍ରତ୍ୟେହ ଚଣ୍ଡୀପାଠ, ୧୦୮ ଆଳତି, ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା, ହୋମଯଜ୍ଞ ସହ ଅନ୍ନଯଜ୍ଞ ଚାଲିଛି। ପ୍ରତିଦିନ ସନ୍ଧ୍ୟାରେ ଏଠାରେ ଉତ୍ସାହି ଯୁବତୀଯୁବକଙ୍କ ଦାଣ୍ଡିଆ ଓ ଗରବା ନୃତ୍ୟ ଗୀତ ମନୋରଞ୍ଜନ କାର୍ଯ୍ୟକ୍ରମ ଚାଲୁଛି। ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର ମା' ଟିକାଚନ୍ଦ୍ରୀ ଶକ୍ତିପୀଠ ପୂଜା ମହୋତ୍ସବରେ ଯୋଗ ଦେଇଥିଲେ। ମା' ଙ୍କ ନିକଟରେ ପୂଜାର୍ଚ୍ଚନା କରି ଅଞ୍ଚଳବାସୀଙ୍କ ମଙ୍ଗଳ କାମନା କରିବା ସହ ମନ୍ଦିରର ଉନ୍ନୟନ ନିମନ୍ତେ ପରିଚାଳନା କମିଟିସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ପୂଜା ମହୋତ୍ସବ କମିଟିର ପରିଚାଳକ ତଥା ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ, ସାମାଜିକ କର୍ମୀ ରଞ୍ଜନ ପାଣିଗ୍ରାହୀ, ଶିବାନନ୍ଦ ପାଣିଗ୍ରାହୀ, ଭାଜପା ଭୀଷ୍ମଗିରି ମଣ୍ଡଳ ସମ୍ପାଦକ କେ.ନରସିଂହ ପାତ୍ର, ଭାଜପା ଯୁବମୋର୍ଚ୍ଚା ଗଞ୍ଜାମ ଜିଲା ଉପସଭାପତି ବାପି ପ୍ରଧାନଙ୍କ ସମେତ ବହୁ ଦଳୀୟ କର୍ମୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ପରେ ବିଧାୟକ ଦିଗପହଣ୍ଡିଅଞ୍ଚଳ କଲୋନୀ ସିଂହ ବାହିନୀ ପୂଜା କମିଟିପକ୍ଷରୁ ଆୟୋଜିତ ଦୁର୍ଗାପୂଜା ମଣ୍ଡପରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ପରିଶେଷରେ ଦିଗପହଣ୍ଡି ସହରର ଆରାଧ୍ୟ ଦେବୀ ମା' ବୁଢ଼ୀ ଠାକୁରାଣୀ ମନ୍ଦିରରେ ପହଞ୍ଚି ମା' ଙ୍କ ନିକଟରେ ଜଗତର କଲ୍ୟାଣ ନିମନ୍ତେ ପ୍ରାର୍ଥନା କରି ଫେରିଥିଲେ। ଭାଜପା ରାଜ୍ୟ ପରିଷଦ ସଦସ୍ୟ ପରେଶ ଚନ୍ଦ୍ର ରଥ, ବ୍ରହ୍ମପୁର ଏମ୍‌ପି ପ୍ରତିନିଧି ଭବାନୀ ଶଙ୍କର ପଣ୍ଡା, ଭାଜପା ନଗର ସଭାନେତ୍ରୀ ସୁଷମା ଗୌଡଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଜାତୀୟ ଫୁଟ୍‌ବଲ କ୍ୟାମ୍ପରୁ ୫ ଖେଳାଳି ରିଲିଜ୍

**ନୂଆଦିଲ୍ଲୀ,୩୦।୯(ପି.ଟି.)**

ଭାରତୀୟ ପୁରୁଷ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ଖାଲିଦ ଜମିଲ ମଙ୍ଗଳବାର ୫ ଖେଳାଳିଙ୍କୁ ସିଙ୍ଗାପୁର ବିପକ୍ଷ ଏଏଫ୍‌ସି ଏସିଆନ୍ କପ୍ କ୍ୱାଲିଫାୟର ମ୍ୟାଚ୍ ଲାଗି ଚାଲିଥିବା ପ୍ରସ୍ତୁତି କ୍ୟାମ୍ପରୁ ରିଲିଜ୍ କରିଛନ୍ତି। ଡିଫେଣ୍ଡର ଆଶିର ଅଖ୍‌ତର, ଫରୱାର୍ଡ ଯତୀନ ଏମ୍‌ଏସ୍, ମନବୀର ସିଂ(ଜୁନିୟର), ମହମ୍ମଦ ଏମେନ ଓ ମିଡ୍‌ଫିଲ୍ଡର ଭିପିନ ମୋହନାନ୍‌ଙ୍କୁ କ୍ୟାମ୍ପରୁ ରିଲିଜ୍ କରାଯାଇଥିବା ନେଇ ଅଲ୍ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ(ଏଆଇଏଫ୍‌ଏଫ୍) ପକ୍ଷରୁ କୁହାଯାଇଛି। ଦେଶର ଷ୍ଟାର୍ ଷ୍ଟ୍ରାଇକର ସୁନୀଲ ଛେତ୍ରୀ ଓ ତାଙ୍କର ଦୁଇ ବେଙ୍ଗାଲୁରୁ ଏଫ୍‌ସି ସାଥୀ ଖେଳାଳି ରାହୁଲ ଭେକେ ଓ ରୋହନ ସିଂ ନାଓରେମ ବେଙ୍ଗାଲୁରୁ କ୍ୟାମ୍ପରେ ଯୋଗଦେବା ପରେ ଏଭଳି ପରିବର୍ତ୍ତନ କରାଯାଇଛି। ଲିଷ୍ଟନ କୋଲାକୋ, ଦୀପକ ଟାଙ୍ଗରି ଓ ସାହଲ ଅବଦୁ ସମଦ ମଧ୍ୟ କ୍ୟାମ୍ପରେ ଯୋଗଦେଇଛନ୍ତି।

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

# ଜୁନିୟର ମହିଳା ହକି ଦଳର ବିଜୟ

**କାନବେରା, ୩୦।୯ (ପି.ଟି.):** ଭାରତୀୟ ଜୁନିୟର ମହିଳା ହକି ଦଳ ଇଶିକାଙ୍କ ଡବଲ ଗୋଲ୍ ସହାୟତାରେ ଏଠାରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚରେ ଅଷ୍ଟ୍ରେଲୀୟ ଦଳ କାନବେରା ଚିଲ୍‌କୁ ୩-୧ରେ ପରାସ୍ତ କରିଛି। ଅଷ୍ଟ୍ରେଲିଆ ଟୁର୍‌ରେ ଦଳର ଏହା ହେଉଛି ଦ୍ୱିତୀୟ ବିଜୟ। ଇଶିକା ୧୩ତମ ଓ ୩୯ତମ ମିନିଟରେ ତାଙ୍କର ଦୁଇଟି ଗୋଲଦେଇଥିବା ବେଳେ ସୋନମ ୨୭ତମ ମିନିଟ୍‌ରେ ଏକ ଗୋଲ୍ ସ୍କୋର କରିଥିଲେ। କାନବେରା ଚିଲ୍ ତରଫରୁ ଏକମାତ୍ର ଗୋଲ୍ ସ୍କୋର କରିଥିବା ନାଓମି ଇଭାନ୍ସ ୧୧ଶ ମିନିଟରେ ଏକ ପେନାଲ୍‌ଟି କର୍ନରକୁ ଗୋଲରେ ପରିଣତ କରି ତାଙ୍କ ଦଳକୁ ପ୍ରଥମେ ୧-୦ରେ ଅଗ୍ରଣୀ କରାଇଥିଲେ। ଭାରତ ଏହାର ଶେଷ ଟୁର୍ ମ୍ୟାଚ ଗୁରୁବାର କାନବେରା ଚିଲ୍ ବିପକ୍ଷରେ ଖେଳିବ।

# ରାଜେନ୍ଦ୍ର ଚାମ୍ପିୟନ, ଓମ୍ ରନରଅପ୍



କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

## ଭାଗ୍ୟଶ୍ରୀ ସ୍ମାରକୀ ଏସ୍‌ଆର ଅଲ୍ ଓଡ଼ିଶା ଫିଡେ ରେଟିଂ ଚେସ୍

**ଭୁବନେଶ୍ୱର, ୩୦।୯ (ତପନ ସ୍ୱାଇଁ)**

ଏସ. ଆର. ଚେସ୍ ସେଣ୍ଟରର ଆନୁକୂଲ୍ୟରେ କଟକ ଫୁଲନଖରାସ୍ଥିତ ଆମ୍ରପଲ୍ଲୀ ରିସର୍ଟରେ ପ୍ରଥମ ଭାଗ୍ୟଶ୍ରୀ ସ୍ମାରକୀ ଏସ୍‌ଆର ଅଲ୍ ଓଡ଼ିଶା ଫିଡେ ରେଟିଂ ଚେସ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ୮ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଖୋର୍ଦ୍ଧାର ରାଜେନ୍ଦ୍ର ସାହୁ ୭.୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ୫ ଖେଳାଳି ୭ ପଏଣ୍ଟ ଲେଖାଏ ପାଇଥିଲେ ହେଁ ଓମ୍ ଆଦିତ୍ୟ ଖାଡେଙ୍ଗା ରନରଅପ୍ ଏବଂ ଗଞ୍ଜାମର ଶ୍ରୀହନ ସାବତ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସୌରଭ ମହାପାତ୍ର, କ୍ଷେତ୍ରବର ମାଝି ଓ ସାଇ ଶକ୍ତି ପଣ୍ଡା ପରବର୍ତ୍ତୀ ୩ ସ୍ଥାନରେ ରହିଥିବାବେଳେ ୬.୫ ପଏଣ୍ଟ ଲେଖାଏ ପାଇ ମନିନ୍ଦ୍ର କାର୍ଜି, ସଞ୍ଜୀବନ ନାୟକ, ରବୀନ୍ଦ୍ର କୁମାର ଓଝା ଓ ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର ଟପ୍-୧୦ ଫିନିଶ୍ କରିଛନ୍ତି। ଲଳିତ ରଞ୍ଜନ ସାହୁ, ଆଦିତ୍ୟ ରଞ୍ଜନ ଦାସ, ସୁଶାନ୍ତ କୁମାର ଷଡ଼ଙ୍ଗୀ, ରାଜ କୁମାର ରାୟ ଓ ବିନୋଦ କହଁର ପରବର୍ତ୍ତୀ ୫ ସ୍ଥାନରେ ରହି ମୁଖ୍ୟ ପୁରସ୍କାର ଲାଭ କରିଛନ୍ତି। ଟ୍ରଫି ସହ ଚାମ୍ପିୟନଙ୍କୁ ୩୦୦୦୧, ରନରଅପ୍‌ଙ୍କୁ ୨୦୦୦୧ ଓ ତୃତୀୟ ସ୍ଥାନ ପାଇଁ ୧୫୦୦୧ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଛି। ଏହା ବ୍ୟତୀତ ବିଭିନ୍ନ ରେଟିଂ, ଅଣରେଟେଡ ଏବଂ ଅନ୍ୟାନ୍ୟ ବର୍ଗରେ ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଏସ୍‌ଆର ଚେସ୍ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ଓଡ଼ିଶାର ପ୍ରଥମ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ ମୁଖ୍ୟ ଅତିଥି ଏବଂ ଦଧିଚି ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନର ଚେୟାରମ୍ୟାନ ମନୋଜ କୁମାର ଦାସ, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର ପୂର୍ବତନ ସଭାପତି ଜି.ଏସ. ପଟ୍ଟନାୟକ ଅନ୍ୟତମ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏସ୍‌ଆର ଚେସ୍ ସେଣ୍ଟରର ସଭାପତି ଶୁଭାଶିଷ ପଟ୍ଟନାୟକ ଏବଂ ଟୁର୍ନାମେଣ୍ଟ ଯାହା ନାମରେ ଆୟୋଜନ ହୋଇଛି ଅର୍ଥାତ୍ ଭାଗ୍ୟଶ୍ରୀଙ୍କ ବାପା ପ୍ରଦୀପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଆର୍ବିଟର ନିହାର ରଞ୍ଜନ ସାସମଲ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ବିଶ୍ୱ ଚେସ୍ ସଂଘ, ସର୍ବଭାରତୀୟ ଚେସ୍ ମହାସଂଘ ଓ ରାଜ୍ୟ ଚେସ୍ ସଂଘ ସୀକୃତିପ୍ରାପ୍ତ ଏହି ପ୍ରତିଯୋଗିତାକୁ ଏସ୍‌ଆର୍ ଚେସ୍ ସେଣ୍ଟର ପକ୍ଷରୁ ଆୟୋଜନ କରାଯାଇଥିଲା। ୨୧ ଜିଲାରୁ ୧୩୩ ଅନ୍ତର୍ଜାତୀୟ ରେଟେର୍ଡ ଖେଳାଳିଙ୍କ ସହ ରେକର୍ଡ ସଂଖ୍ୟକ ମୋଟ ୩୩୫ ଖେଳାଳି ଅଂଶଗ୍ରହଣ କରିଥିଲେ। ଏହା ମଧ୍ୟରେ ୫୩ ମହିଳା, ଜଣେ ଭିନ୍ନକ୍ଷମ, ଜଣେ ଦୃଷ୍ଟିବାଧିତ, ଜଣେ ବଧିର, ୬ ଜଣ ୬୦ ବର୍ଷରୁ ଉର୍ଦ୍ଧ୍ୱ ଓ ୪ ଜଣ ୫ ବର୍ଷରୁ କମ୍ ଖେଳାଳି ସାମିଲ ଥିଲେ।

# ଦିବ୍ୟା ସାଣ୍ଡିଲ୍ୟଙ୍କୁ ରୌପ୍ୟ ପଦକ

## ଜାତୀୟ ଓପନ ଆଥ୍‌ଲେଟିକ୍ସ

**ଭୁବନେଶ୍ୱର, ୩୦।୯ (ତପନ ସ୍ୱାଇଁ)**

ଝାଡ଼ଖଣ୍ଡର ରାଞ୍ଚିଠାରେ ମଙ୍ଗଳବାର ଶେଷ ହୋଇଥିବା ୬୪ତମ ଜାତୀୟ ଓପନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ୪ର୍ଥ ତଥା ଅନ୍ତିମ ଦିବସରେ ଓଡ଼ିଶାକୁ ଆଉ ଏକ ରୌପ୍ୟ ପଦକ ମିଳିଛି। ମହିଳା ହାମର ଥ୍ରୋ ଇଭେଣ୍ଟରେ ଦିବ୍ୟା ୫୭.୯୨ ମିଟର ଥ୍ରୋ କରି ଏହି ସଫଳତା ପାଇଛନ୍ତି। ଉତ୍ତର ପ୍ରଦେଶର ତନୟା ଚୌଧାରୀ ୬୦.୮୩ ମିଟର ସହିତ ସ୍ୱର୍ଣ୍ଣ ଏବଂ ପଞ୍ଜାବର ମନପ୍ରିସ କୌର ୫୬.୫୨ ମିଟର ସହ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ଏହାକୁ ମିଶାଇ ଓଡ଼ିଶା ପ୍ରତିଯୋଗିତାରୁ ମୋଟ ୪ଟି ପଦକ ପାଇଛି। ଏହା ମଧ୍ୟରେ ୨ ରୌପ୍ୟ ଓ ୨ ବ୍ରୋଞ୍ଜ ସାମିଲ। ସୋମବାର ତୃତୀୟ ଦିବସରେ ଓଡ଼ିଶା ୩ଟି ପଦକ ହାସଲ କରିଥିଲା। ସରୁନ ପାୟାସିଂ ପୁରୁଷ ଲଙ୍ଗଜମ୍ପ ଇଭେଣ୍ଟରେ ୭.୭୭ ମିଟର କ୍ଲିୟର କରି



ରୌପ୍ୟ ପଦକ ପାଇଥିବାବେଳେ ସ୍ୱାଧୀନ କୁମାର ମାଝି ହାଇଜମ୍ପରେ ୨.୧୪ ମିଟର ଡେଇଁ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେହିପରି ଓଡ଼ିଶା ୪x୧୦୦ ମିଟର ପୁରୁଷ ରିଲେ ଦଳ ୩୯.୮୯ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ଅର୍ଜନ କରିଥିଲା। ଓଡ଼ିଶାରୁ ମୋଟ ୧୩ ଆଥ୍‌ଲେଟ୍ ଏଥିରେ ଅଂଶଗ୍ରହଣ କରିଥିଲେ।

# ଦୃଢ଼ ପ୍ରତିବାଦ କଲା ବିସିସିଆଇ

## ଏସିସି ଏଜିଏମ୍

**ଦୁବାଇ,୩୦।୯(ପି.ଟି.)**

ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଙ୍ଗଳବାର ବସିଥିବା ଏସିଆନ୍ କ୍ରିକେଟ କାଉନ୍‌ସିଲ(ଏସିସି)ର ଏଜିଏମ୍‌ରେ ଭାରତ ଏସିଆ କପ୍ ଜିତିବା ପରେ ଟ୍ରଫି ହସ୍ତାନ୍ତର କରା ନ ଯିବାକୁ ନେଇ ଦୃଢ଼ ପ୍ରତିବାଦ କରିଛି। ହେଲେ ଏସିସି ମୁଖ୍ୟ ମହସିନ ନକ୍‌ଭି ଏବେ ବି ଟ୍ରଫି ଫେରାଇବାକୁ ରାଜିନାହାନ୍ତି। ଭର୍ଚୁଆଲ ମୋଡ୍‌ରେ ଅନୁଷ୍ଠିତ ଏଜିଏମ୍‌ରେ ବିସିସିଆଇ ପକ୍ଷରୁ ଉପସଭାପତି ରାଜୀବ ଶୁକ୍ଳା ଏବଂ ପୂର୍ବତନ ଟ୍ରେଜରର ଆଶିଷ ଶେଲାର ପ୍ରତିନିଧିତ୍ୱ କରିଥିଲେ।

ଏସିଆ କପ୍ ଟ୍ରଫି ଏବେ ବି ଏସିସି କାର୍ଯ୍ୟାଳୟରେ ରହିଛି ଏବଂ ଏହାକୁ ବିଜୟୀ ଦଳର ସଦସ୍ୟଙ୍କୁ କେବେ ଦିଆଯିବ, ତାହା ସ୍ପଷ୍ଟ ହୋଇନାହିଁ। ଭାରତୀୟ ଦଳକୁ ଟ୍ରଫି ଦିଆ ନ ଯିବା ଓ ମ୍ୟାଚ୍ ପରବର୍ତ୍ତୀ ପୁରସ୍କାର ବିତରଣ ଉତ୍ସବରେ ଏସିସି ମୁଖ୍ୟ ନକ୍‌ଭି କରିଥିବା ଡ୍ରାମା ବିରୋଧରେ ଏସିସି ବୈଠକରେ ବିସିସିଆଇ ଦୃଢ଼ ପ୍ରତିବାଦ କରିଛି। ଏପରିକି ବିସିସିଆଇ ଉପସଭାପତି ଶୁକ୍ଳା କହିଥିଲେ, ଟ୍ରଫିକୁ ବିଜୟୀ ଦଳକୁ ହସ୍ତାନ୍ତର କରାଯିବା ଉଚିତ। ଏହା ଏକ ଏସିସି ଟ୍ରଫି ଏବଂ ଏହା କୌଣସି ବ୍ୟକ୍ତିବିଶେଷଙ୍କର ନୁହେଁ। ଏହାସତ୍ତ୍ୱେ ନକ୍‌ଭି ଟ୍ରଫି ଫେରାଇବାକୁ ରାଜିହୋଇ ନ ଥିଲେ।

# ଟ୍ରଫି ଫେରାଇବାକୁ ସର୍ତ୍ତ ରଖିଲେ ନକ୍‌ଭି

## ଏସିଆ କପ୍

**ନୂଆଦିଲ୍ଲୀ,୩୦।୯**

ଭାରତୀୟ ଦଳ ଏସିଆ କପ୍ ଚାମ୍ପିୟନ ହେବା ପରେ ଟ୍ରଫି ନେବାକୁ ମନା କରିବାରୁ ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ମୁଖ୍ୟ ମହସିନ ନକ୍‌ଭି ଟ୍ରଫି ଧରି ନିଜ ହୋଟେଲକୁ ଚାଲି ଯାଇଥିଲେ। ଫାଇନାଲ ମ୍ୟାଚ୍ ଶେଷ ହେବାର ଦୁଇଦିନ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଦଳକୁ ଟ୍ରଫି ଦିଆଯାଇ ନାହିଁ। ଗଣମାଧ୍ୟମରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ମୁତାବକ, ପାକିସ୍ତାନର ଅନ୍ତରୀଣ ମନ୍ତ୍ରୀ ଥିବା ନକ୍‌ଭି ଭାରତୀୟ ଦଳକୁ ଟ୍ରଫି ଓ ମେଡାଲ ଫେରାଇବା ପାଇଁ ଏକ ସର୍ତ୍ତ ରଖିଛନ୍ତି। ନକ୍‌ଭି ଆୟୋଜକଙ୍କୁ ସୂଚନା ଦେଇଛନ୍ତି ଯେ, ଯଦି ଏକ ପୁରସ୍କାର ପ୍ରଦାନ ଉତ୍ସବ ଆୟୋଜନ କରାଯାଇ ତାଙ୍କୁ ଟ୍ରଫି ଓ ମେଡାଲ ଦେବାକୁ ସୁଯୋଗ ଦିଆଯାଏ, ତେବେ ହିଁ ସୂର୍ଯ୍ୟକୁମାରଙ୍କ ଦଳ ଟ୍ରଫି ପାଇପାରିବ ବୋଲି ଏହି ରିପୋର୍ଟରେ ଦାବି କରାଯାଇଛି। ତେବେ ତାଙ୍କ ଲାଗି ଏଭଳି ବ୍ୟବସ୍ଥା କରାଯିବାର କୌଣସି ସମ୍ଭାବନା ନାହିଁ। ଏହାର ଅର୍ଥ ଏସିଆ କପ୍ ଟ୍ରଫି ଫେରିବାକୁ ଆହୁରି କିଛି ସମୟ ଲାଗିବ।

# ମୋହନବାଗାନକୁ ଶକ୍ତ ଧକ୍କା

**କୁଆଲାଲମ୍ପୁର,୩୦।୯(ପି.ଟି.)**

ଆଇଏସ୍‌ଏଲ୍ ଚାମ୍ପିୟନ ମୋହନ ବାଗାନ ଏସ୍‌ସି ୨୦୨୫-୨୬ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ୨ ପ୍ରତିଯୋଗିତାରୁ ଓହରି ଯାଇଥିବା ଏସିଆନ୍ ଫୁଟ୍‌ବଲ କନ୍‌ଫେଡେରେଶନ (ଏଏଫ୍‌ସି) ପକ୍ଷରୁ ଦର୍ଶାଯାଇଛି। ସୁରକ୍ଷାଗତ କାରଣରୁ ସେପାହନ ଏସ୍‌ସି ବିପକ୍ଷ ମ୍ୟାଚ୍ ଲାଗି ଇରାନ ଟୁର କରିପାରିବ ନାହିଁ ବୋଲି ମୋହନ ବାଗାନ କ୍ଲବ ପକ୍ଷରୁ କୁହାଯାଇଥିଲା। ଦଳର ୬ ବିଦେଶୀ ଖେଳାଳିଙ୍କ ଦେଶ ପକ୍ଷରୁ ଇରାନ ଟ୍ରାଭେଲ ନ କରିବା ପାଇଁ ଆଡ୍‌ଭାଇଜରି ଜାରି ହୋଇଥିବାରୁ କ୍ଲବକୁ ବାଧ୍ୟ ହୋଇ ଏଭଳି ନିଷ୍ପତ୍ତି ନେବାକୁ ପଡ଼ିଥିଲା। ଟୁର୍ନାମେଣ୍ଟର ନିୟମ ଅନୁଯାୟୀ, ଫୁଲାଦ ମୋବାରକେ ସେପାହନ ଏସ୍‌ସି ବିପକ୍ଷ ମ୍ୟାଚ୍ ଲାଗି ଇସଫାହନରେ ପହଞ୍ଚିବାରେ ବିଫଳ ହୋଇଥିବାରୁ ମୋହନ ବାଗାନ ସୁପର ଜାଏଣ୍ଟକୁ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍-୨ ୨୦୨୫/୨୬ ଓହରି ଯାଇଥିବା ଦର୍ଶାଯାଇଛି। ଏହାର ପରିଣାମ ସ୍ୱରୂପ ମୋହନ ବାଗାନ ଖେଳିଥିବା ତା'ର ଗତ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌କୁ ବାତିଲ କରି ଦିଆଯାଇଛି। ଏହି ମାମଲାର ଉଚିତ ବିଚାର ଲାଗି ସମ୍ପର୍କିତ ଏଏଫ୍‌ସି କମିଟିକୁ ପଠାଯାଇଥିବା ଏଏଫ୍‌ସି ପକ୍ଷରୁ କୁହାଯାଇଛି।

# ପଦକ ଜିତିଲେ ଓଡ଼ିଶାର ୮ ଖେଳାଳି



ପଦକ ବିଜୟୀ ଓଡ଼ିଶା ଖେଳାଳି ଓ ଅନ୍ୟମାନେ।

**ଭୁବନେଶ୍ୱର, ୩୦।୯ (ତପନ ସ୍ୱାଇଁ)**

କଶ୍ମୀରଠାରେ ୩ୟ ଜୁନିୟର ଏସୀୟ ପେନଚାକ୍ ସିଲାଟ୍ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏଥିରେ ଓଡ଼ିଶାର ୮ ପ୍ରତିଯୋଗୀ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ସେମାନଙ୍କ ମଧ୍ୟରୁ କାହ୍ନା ବେହେରା ଟେଣ୍ଡିଂ ଇଭେଣ୍ଟରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ଆଣିଥିବା ବେଳେ ଆଶିକ ପ୍ରଧାନ, ସ୍ୱୟଂ ଗୁରୁଙ୍ଗ, ଭୁବନ ରାୟ ରେଗୁ ଇଭେଣ୍ଟରେ ରୌପ୍ୟ, ଏଲିନା ଗୁରୁଙ୍ଗ, ଗାୟତ୍ରୀ ଦାସ, ନିତିଶା ବାରିକ୍ ରେଗୁରେ ବ୍ରୋଞ୍ଜ, ଆସିକ ପ୍ରଧାନ ଟେଣ୍ଡିଂ ଇଭେଣ୍ଟରେ ବ୍ରୋଞ୍ଜ, ନୀତିଶା ବାରିକ ସୋଲୋ ଇଭେଣ୍ଟରେ ବ୍ରୋଞ୍ଜ ଏବଂ ସମରେଶ କୁମାର ନନ୍ଦ ଟେଣ୍ଡିଂ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ଏହି ଏସିଆନ ଚାମ୍ପିୟନଶିପରେ ୧୨ ଦେଶରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପେନ୍‌ଚାକ ସିଲାଟ ଆସୋସିଏଶନ ଖୋର୍ଦ୍ଧାର ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ, ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଅରବିନ୍ଦ ବାରିକ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପା, ବ୍ୟକ୍ତିଗତ ଉପଦେଷ୍ଟା ସୁମନ ମୋଦି ଆଦି ସମସ୍ତ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

**Classified Everyday**
0674-2580101, 9692975378


MATRIMONIAL

GROOM WANTED

ବୟସ 29, High School Teacher ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9668229904. D-2147

ବୟସ 28, କୌଣସି ଚାକିରି କରୁ ନ ଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 7815055186. D-2148



REAL ESTATE
SALE

ଭୁବନେଶ୍ୱର NISER, IIT ଜଟଣୀ ପାଖରେ ପ୍ରସ୍ତାବିତ BDA 200ft ରୋଡକୁ ଲାଗି investment ପ୍ଲଟ୍ ପୋଜେସନ ଥାଇ Sqft.- 650/-, 850/- ବିକ୍ରି ହେଉଛି- 9337166296. D-1942

Resort at Puri investment- 20 lakhs Rental- 3 lakhs, investment- 50 lakhs Rental- 9 lakhs with Guaranteed Agreement. 8917622925. D-2172

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ପିତାପଲ୍ଲୀ ଛକ NH Side 60ft ରାସ୍ତାକୁ ଲାଗି ସଙ୍ଗେ ସଙ୍ଗେ ଘରକଲା ଭଳି ପ୍ଲଟ ପାଚେରି, ଇଲେକ୍ଟ୍ରିସିଟି ଥାଇ ମିଳୁଛି। (owner)- 9090963952. D-02




Nayagarh: 2000sqft. space To-Let opposite to Taxi Stand in Main Road. Suitable for Showroom/Office. Contact: 7609919284 / 9535513738. D-2174

**Warehouse To-let at Hanspal near NH-16, Bhubaneswar 33000sqft. Plinth+ 11000sqft. Mezzanine. Contact: 7205809501, 9861096613.** D-1985

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**LOST**

I, Sri Suresh Kumar Choudhury, S/o- Late Krushna Chandra Choudhury, resident of Plot No.- 1888, Budheswari Colony, near Chintamaniswar Temple, Cuttack Road, Bhubaneswar, Dist.- Khurda, Odisha-751006, am the owner of the vacant land at Dist./ Tahasil/SRO- Khordha, Mouza- Kuradhamala, Khata No.- 530/636, Plot No.-1219, Area Ac0.330dec. corresponding to Khata No.- 530/140, Plot No.- 1219 which corresponds to Khata No.- 55, Plot No.- 1219. I have lost the original link document regarding the above mention property vide Registered Sale Deed No.- 88, dated 02.01.2010 at Mastercanteen, Kharvel Nagar. Now I am going to mortgage the said property in SBI, Chandaka IIC, SME Branch, Mancheswar, Bhubaneswar. Therefore, notice is hereby given to general public that if anybody has any claim over the said property on the missing document, he/she may contact the BM of above said Bank or me within 30 days of this publication. Contact details- 9658791135, 7978668704. D-2169

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 24.09.2025, I, Sailendra Narayan Pattanaik, Address: At- Plot No.- 47, Arya Village, P.O./P.S.- Khandagiri, Dist.- Khordha, PIN-751019 declare that I have changed my name from Sailendra Narayan Pattnaik to Sailendra Narayan Pattanaik. Henceforth, I shall be known as Sailendra Narayan Pattanaik for all purposes.
Sd./- Sailendra Narayan Pattanaik D-2171

By virtue of an affidavit dtd. 22.09.2025 sworn before Executive Magistrate, Bhadrak, I, Balaram Mallick (27 yrs), S/o- Nrusingha Mallick, Vill- Anasarpur, P.O.- Balabhadrapur, P.S.- Bhadrak (Rural), Dist.- Bhadrak, Odisha, declare that my name is wrongly mentioned as Balaram Malik in some documents. Further I declare that I have changed my name from Balaram Malik to Balaram Mallick for all purposes. D-2168

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

Shradhanjali
(On 4th Death Anniversary)

DOB: 01.07.1929
DOD: 15.10.2021
Late Biswanath Mishra
(Former Law Secretary)
A noble soul, your simple, honest and disciplined life will continue to guide us. You will live in our memories and be in our prayers always.
DEEPLY MOURNED BY
Family, Friends and Relatives
ଧ-୨୧୭୩

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ଅକ୍ଷୟ କୁମାର ମହାନ୍ତି
ଦେଉଳି, ଚନ୍ଦନନଗର, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା
ଆବିର୍ଭାବ: ୦୩।୦୩।୧୯୫୧ (ଅକ୍ଷୟ ତୃତୀୟା)
ତିରୋଧାନ: ୨୨।୦୯।୨୦୨୫
ଆପଣଙ୍କ କର୍ତ୍ତବ୍ୟପରାୟଣତା, ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆମମାନଙ୍କ ଜୀବନରେ ପାଥେୟ ହେଉ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୨୧୭୦

## ଫୁଲ ଚାଷ



ତରଳ ଖତ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ଲିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ । ଏହାର ୧୦ ଦିନ ପରେ ଏହି ତରଳ ଖତରୁ ଏକ ମଗ ନେଇ ୯ ମଗ ପାଣି ମିଶାଇ ଗଛ ପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ । ଗେଣ୍ଡୁଫୁଲ ଓ ଅନ୍ୟାନ୍ୟ ଶୀତଦିନିଆ ଫୁଲମଞ୍ଜିର ଚାରା ଅକ୍ଟୋବର ପ୍ରଥମ ସପ୍ତାହ ମଧ୍ୟରେ ପକାନ୍ତୁ । ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା – ଜ୍ୟାଣ୍ଟ ଡବଲ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ, ସେରାକୋଲା ଇତ୍ୟାଦି । ସେବତୀ ସେପ୍ଟେମ୍ବରରେ ଲଗାଇଥିଲେ ୪ ସପ୍ତାହରେ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷକରି ଛୋଟ କିସମରେ) । ବଡ଼ କିସମରେ ଗୋଟିଏ ଗଛରେ ୨–୩ ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗିଦିଅନ୍ତୁ। ଚଳିତ ମାସର ତୃତୀୟ ସପ୍ତାହରୁ ନଭେମ୍ବର ପ୍ରଥମ ସପ୍ତାହ ମଧ୍ୟରେ ଗୋଲାପ ଗଛ କାଟଛାଣ୍ଟ କରନ୍ତୁ ଓ ବୋର୍ଡୋପେଷ୍ଟ ପ୍ରୟୋଗ କରନ୍ତୁ।

## ଫଳଚାଷରେ ଜଳ ପରିଚାଳନା



ଫଳବଗିଚାରେ ପାଣି ଜମିବାର ଥିଲେ ଜଳ ନିଷ୍କାସନ କରନ୍ତୁ ଓ ଶେଷ ଦଫା ସାର ପ୍ରୟୋଗ କରନ୍ତୁ। ମାଟିର ବତର ଦେଖି ଜଳସେଚନ କରନ୍ତୁ । ଅଦରକାରୀ ଡାଳଗୁଡ଼ିକୁ କାଟଛାଣ୍ଟ କରି ବୋର୍ଡୋପେଷ୍ଟର ପ୍ରଲେପ ଦିଅନ୍ତୁ। ଉଇ ନ ହେବା ପାଇଁ କ୍ଲୋରୋପାଇରିଫସ୍ ଦ୍ରବଣ (୫ ମି.ଲି. / ଲିଟର ପାଣିରେ) ମାଟିରେ ସିଞ୍ଚନ କରନ୍ତୁ କିମ୍ବା ଗଛ ପ୍ରତି ୫୦ ଗ୍ରାମ୍ ହିସାବରେ କ୍ଲୋରୋପାଇରିଫସ୍ ଗୁଣ୍ଡକୁ ଗଛ ମୂଳରେ ପ୍ରୟୋଗ ପରେ ମାଟି ଘେଙ୍କିଦିଅନ୍ତୁ। କଲମୀ ଗଛର କାଟଛାଣ୍ଟ ପ୍ରତି ବିଶେଷ ଧ୍ୟାନଦିଅନ୍ତୁ। ଆମ୍ବଗଛରେ ଜଳସେଚନ ବନ୍ଦ କରନ୍ତୁ।

### ଜାଣି ରଖନ୍ତୁ



ବର୍ଷାଦ୍ୱାରା କ୍ଷତିଗ୍ରସ୍ତ କୁକୁଡ଼ାଘର ଗୁଡ଼ିକୁ ଶୀଘ୍ର ମରାମତି କରି ପରିଷ୍କାର କରିଦିଅନ୍ତୁ । ଓଦା ବା ନଷ୍ଟ ହୋଇଯାଇଥିବା କୁକୁଡ଼ାଘର ଲିଟରକୁ ବଦଳାଇ ନୂଆ ଲିଟର ବ୍ୟବହାର କରନ୍ତୁ । ମୁକ୍ତ ଅଗଣାରେ କୁକୁଡ଼ା ପାଳନ ପାଇଁ କୁକୁଡ଼ା ଛୁଆ କିଣନ୍ତୁ। କୁକୁଡ଼ାଙ୍କୁ ଗୋଳିଆପାଣି ପିଇବାକୁ ଦିଅନ୍ତୁ ନାହିଁ । ବ୍ରଏଲର କୁକୁଡ଼ା ଫାର୍ମରେ ବାୟୁମଣ୍ଡଳର ଉତ୍ତାପକୁ ଦେଖି କୁକୁଡ଼ା ଘରେ ଆବଶ୍ୟକ ଅନୁଯାୟୀ ଉତ୍ତାପ ଦିଅନ୍ତୁ । କୁକୁଡ଼ା ଫାର୍ମର ଉତ୍ତାପ କୁକୁଡ଼ା ଛୁଆ ପାଇଁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଓ ବଡ଼କୁକୁଡ଼ା ପାଇଁ ୨୨ ରୁ ୨୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ରହିବା ଉଚିତ । ନିୟମିତ ଟିକା ଦେଇ ସଂକ୍ରାମକ ରୋଗ ନିରାକରଣ କରନ୍ତୁ । ଛେଳିମେଣ୍ଢା ରହୁଥିବା ଗୃହକୁ ପରିଷ୍କାର ପରିଚ୍ଛନ୍ନକରି ଟିଙ୍କ ନିବାରଣ ଔଷଧ ଯଥା ପେଷ୍ଟୋବାନ୍ କିମ୍ବା ପେକ୍ଟୋସାଇଡ୍ କିମ୍ବା ଟିକ୍‌ଆଉଟ୍ ସିଞ୍ଚନ କରନ୍ତୁ । କୃମିରୋଗର ପ୍ରତିକାର ପାଇଁ କୃମି ଔଷଧ ଦିଅନ୍ତୁ । ଏଣ୍ଟାରୋଟକ୍ସେମିଆ, ପିପିଆର୍ ରୋଗର ଟିକା ଦିଅନ୍ତୁ । ଶୀତଦିନ ଆସୁଥିବାରୁ ଗୁହାଳର ଝରକା ବା ଜାଲିରେ ବସ୍ତା ବା ପଲିଥିନ୍ ଲଗାଇ ଛେଳିମେଣ୍ଢାଙ୍କୁ ଥଣ୍ଡାରୁ ରକ୍ଷା କରିବାର ବନ୍ଦୋବସ୍ତ କରନ୍ତୁ।

### ମାଛ ଚାଷ

ବର୍ଷା ତଥା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ପୋଖରୀ ହୁଡ଼ାକୁ ଠିକ୍ ଭାବରେ ପ୍ରସ୍ତୁତକରନ୍ତୁ ଏବଂ ପୋଖରୀରେ ମୁଣ୍ଡା ଯାଆଁଳ ଛାଡ଼ନ୍ତୁ । ହେକ୍ଟର ପ୍ରତି ଦୈନିକ ୩.୫୦ କି.ଗ୍ରା. କାଣ୍ଡିଆ କୁଣ୍ଡା ଓ ୩.୫୦ କି.ଗ୍ରା. ବାଦାମ ପିଡ଼ିଆର ମିଶ୍ରଣ ପୋଖରୀରେ ପ୍ରୟୋଗ କରନ୍ତୁ । ଏହାଛଡ଼ା ମାସିକ ହେକ୍ଟର ପ୍ରତି ୨୫ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ । ଚୂନ ପ୍ରୟୋଗର ୭ ଦିନ ପରେ ୬୨୫ ରୁ ୭୫୦ କି.ଗ୍ରା. କଞ୍ଚା ଗୋବର ପୋଖରୀରେ ପ୍ରୟୋଗ କରନ୍ତୁ ଏବଂ ଗୋବର ପ୍ରୟୋଗର ୧୫ ଦିନ ପରେ କ୍ୟାଲ୍‌ସିୟମ ଆମୋନିୟମ୍ ନାଇଟ୍ରେଟ୍ (ସିଏଏନ୍) ୨୦ ରୁ ୨୫ କି.ଗ୍ରା. ଏବଂ ସିଙ୍ଗଲ୍ ସୁପର ଫସ୍‌ଫେଟ୍ (ଏସ୍‌ଏସ୍‌ପି) ସାର ୧୫ ରୁ ୨୦ କି.ଗ୍ରା. ମାଛ ପୋଖରୀରେ ପ୍ରୟୋଗ କରନ୍ତୁ ।

### ପ୍ରାଣୀଙ୍କ ଯତ୍ନ



ଗୋରୁଙ୍କୁ ପାଣି ଜମିଥିବା ସନ୍ତସନ୍ତିଆ ସ୍ଥାନକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ। ଫାଟୁଆ, ବଜବଜିଆ, ଆନ୍ଥ୍ରାକ୍ସ ଏବଂ ସାହାଣ ରୋଗ ପ୍ରତିଷେଧକ ଟିକା ଦିଅନ୍ତୁ । ବର୍ଷାରେ ଭାଙ୍ଗିଯାଇଥିବା ଗୁହାଳକୁ ସଜାଡ଼ି ଭଲଭାବେ ପରିଷ୍କାର କରିଦିଅନ୍ତୁ। ଗୋରୁଙ୍କୁ ଗୋଳିଆପାଣି ପିଇବା ପାଇଁ ଦିଅନ୍ତୁ ନାହିଁ । ଗୋରୁଙ୍କୁ ପ୍ରତି ୩ମାସରେ ଥରେ କୃମିନାଶକ ଖୁଆନ୍ତୁ । ପ୍ରତ୍ୟେକ ଦିନ ଗୁହାଳରୁ ବାହାରୁଥିବା ମଳ, ମୂତ୍ର, ବଳକା ଘାସ, କୁଟା ଓ ପାଉଁଶ ଇତ୍ୟାଦିକୁ ଖତଗଦାରେ ପକାନ୍ତୁ। ଖତଗଦାକୁ ଘରଠାରୁ ଅନ୍ୟୂନ ୧୦୦ ଫୁଟ ଦୂରରେ କରନ୍ତୁ । ଗୋରୁଙ୍କ ପ୍ରାକୃତିକ ଖାଦ୍ୟ ପାଇଁ ବରଗୁଡ଼ି, ଓଟ୍, ଲୁସର୍ନ ଇତ୍ୟାଦି ଚାଷ କରନ୍ତୁ । ଅଧିକ ଥଣ୍ଡା ଓ ଅଧିକ ଦିନ ଶୀତ ରହୁଥିବା ଅଞ୍ଚଳରେ ବର୍‌ସିମ୍ ଘାସ ଚାଷ କରନ୍ତୁ । ବାଛୁରୀ ରହୁଥିବା ଘରେ ଝରକା ବା ଜାଲିରେ ବସ୍ତା ଟାଙ୍ଗି ଥଣ୍ଡାରୁ ରକ୍ଷାକରିବା ବନ୍ଦୋବସ୍ତ କରନ୍ତୁ। ଗୋରୁଙ୍କ ଉପରେ ଟିଙ୍କ ନିବାରଣ ଔଷଧ ସିଞ୍ଚନ କରନ୍ତୁ।

# ସଅଳ କିସମ ଧାନ କାଟିବା ସମୟରେ...



ସଅଳ କିସମ ଧାନ କାଟିବାର ୧ସପ୍ତାହ ପୂର୍ବରୁ ଜମିରୁ ପାଣି ନିଷ୍କାସନ କରିଦିଅନ୍ତୁ । ଶତକଡ଼ା ୮୫ ଭାଗ କେଣ୍ଡା ପାଚିଗଲେ ଅମଳକରି ୨/୩ ଟି ଟାଣଖରାରେ ଶୁଖାଇ ସାଇତି ରଖନ୍ତୁ। ବିଳମ୍ବରେ ରୁଆଯାଇଥିବା ଧାନରେ ଥୋଡ଼ସାର ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ଗନ୍ଧିପୋକ ଦମନ ପାଇଁ କିଆରିରେ ନିମ୍ବମଞ୍ଜି ପ୍ରସ୍ତୁତ ଦ୍ରବଣ ୫ ପ୍ରତିଶତ ସିଞ୍ଚନ କରନ୍ତୁ କିମ୍ବା ମାଲାଥିଅନ୍ /କ୍ଲୋରୋପାଇରିଫସ୍ ଗୁଣ୍ଡ ଏକର ପିଛା ୮ କି.ଗ୍ରା. ହିସାବରେ ଭୋର ସମୟରେ ଗଛ ଉପରେ ମଶାରି କନା ଥଳି ଦ୍ୱାରା ଉଡ଼ାନ୍ତୁ। ମାଟିଆଗୁଣ୍ଡିର ପୂର୍ଣ୍ଣାଙ୍ଗ ପୋକ କିମ୍ବା ଅର୍ଭକ ଦେଖାଦେଲେ ନିମ୍ନଲିଖିତ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ପ୍ରଥମେ ଆକ୍ରାନ୍ତ କିଆରିରୁ ଠିଆପାଣି ନିଷ୍କାସନ କରନ୍ତୁ ଓ ଜମିକୁ ଶୁଷ୍କ ରଖନ୍ତୁ। ଅଦଳ ବଦଳ କରି ଜମିରେ ପାଣି ମଡ଼ାନ୍ତୁ ଓ ଜମିରୁ ପାଣି ନିଷ୍କାସନ କରନ୍ତୁ। ପ୍ରତି ୬ ଫୁଟ ଅନ୍ତରରେ କନ୍ଦି / ପାହି ତିଆରି କରିଦିଅନ୍ତୁ। ଏହାଦ୍ୱାରା ବୁଦାମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହୋଇଥାଏ ଓ କୀଟନାଶକ ପ୍ରୟୋଗ କରିବା ସୁବିଧା ହୋଇଥାଏ। କୀଟନାଶକ ପ୍ରୟୋଗ ପୂର୍ବରୁ କନ୍ଦି / ପାହି ପ୍ରସ୍ତୁତ କରନ୍ତୁ। ନିଶ୍ଚୟ ଅନୁମୋଦିତ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ। ସିଞ୍ଚନ ସମୟରେ ସ୍ପ୍ରେୟରର ନୋଜଲକୁ ବୁଦା ମୂଳକୁ ଦେଖାଇ ସିଞ୍ଚନ କରନ୍ତୁ ଯେପରିକି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ। ଦରକାର ପଡ଼ିଲେ ୧୦ ଦିନ ଅନ୍ତରରେ କୀଟନାଶକ ପରିବର୍ତ୍ତନକରି ସିଞ୍ଚନ କରନ୍ତୁ।

### ଏ ମାସର କୃଷି ସୂଚନା

ଅର୍ଥାତ୍ ଏକା କୀଟନାଶକକୁ ଦ୍ୱିତୀୟ ବାର ସିଞ୍ଚନ କରନ୍ତୁ ନାହିଁ। କୀଟନାଶକ ପ୍ରୟୋଗ ସମୟରେ ସତର୍କତା ବିଧି ଅବଲମ୍ବନ କରନ୍ତୁ। କାଣ୍ଡବିନ୍ଧା ପୋକ ଦମନ ପାଇଁ ୧ ବର୍ଗମିଟର ପ୍ରତି କେଣ୍ଡା ବାହାରିବା ପୂର୍ବରୁ ୧ଟି ପ୍ରଜାପତି ଦେଖାଗଲେ ପ୍ରୋଫେନୋଫସ୍ ୨ ମି.ଲି. କିମ୍ବା ଫିପ୍ରୋନିଲ୍ ୨ ମି.ଲି. କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ (୫୦%) ୨ ଗ୍ରାମ୍‌କୁ ପ୍ରତି ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲୁଜି ଏକର ପ୍ରତି ୫୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡକୁ ୫୦ କି.ଗ୍ରା. ଶୁଖିଲା ବାଲିରେ ଗୋଳାଇ ବିଲ ହିଡ଼ରେ ପ୍ରୟୋଗକଲେ ନିକଟବର୍ତ୍ତୀ ଆକ୍ରାନ୍ତ କିଆରିରୁ ଲେଡ଼ାପୋକର ଲାର୍ଭା ଆସିଲେ ବିଷ ସଂସ୍ପର୍ଶରେ ଆସି ମରିଯାଆନ୍ତି। ଏହାଛଡ଼ା, ଫସଲରେ ୧ ଲିଟର କ୍ଲୋରୋପାଇରିଫସ୍ ୨୦% ଇ.ସି. କିମ୍ବା ପ୍ରୋଫେନୋଫସ୍ / ସାଇପରମେଥ୍ରିନ୍ ମିଶ୍ରିତ କୀଟନାଶକ ହେକ୍ଟର ପ୍ରତି ୧ ଲିଟର ସିଞ୍ଚନ କଲେ ଲେଡ଼ାପୋକ ଆକ୍ରମଣରୁ ରକ୍ଷା ମିଳେ। ବୀଜାଣୁଜନିତ ପତ୍ରପୋଡ଼ା ଓ ପୋକ ଦମନ ପାଇଁ ପ୍ରତି ୧୦ ଲିଟର ପାଣିରେ ୧.୫ ଗ୍ରାମ୍ ହିସାବରେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ସହ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।

**ଡାଲିଜାତୀୟ ଫସଲ**

ମୁଗର ଉନ୍ନତ କିସମ ମଧ୍ୟରେ ରହିଛି- ଟାର୍ମ-୧, ଟାର୍ମ-୨, ପୁଷା-୯୦୭୨, ଓବିଜିଜି-୫୨, ଓୟୁଏମ୍୧୧-୫ (କାମଦେବ), ସୁଜାତା ଓ ଧଉଳି, ଆଇପିଏମ୍-୦୨-୧୪ ଏବଂ ଆଇପିଏମ୍-୦୨-୦୩ ।

**ବିରିର ଉନ୍ନତ କିସମ :** ଟି-୯, ପନ୍ତ୍ ୟୁ-୩୦, ପନ୍ତ୍ ୟୁ-୩୫, ପ୍ରସାଦ, ଉଜ୍ୱଳା, ଶେଖର-୨, ସାରଳା, ମାହୁରି, ଶଶୀ । ମୁଗ, ବିରି, ମଟର, ବିଲଚଣା ଆଦିକୁ ଧାନ କାଟିବାର ୭ ଦିନ ପୂର୍ବରୁ ଅନୁମୋଦିତ ବିହନର ଦେଢ଼ଗୁଣ ପାଇରା ଫସଲ ପାଇଁ ଛଟାବୁଣା କରନ୍ତୁ । ଜମି କିସମ ଦେଖି ପ୍ରାକ୍ ରବି ଫସଲ ଭାବେ ମୁଗ କିସମ ଟାର୍ମ-୧ ଓ ୨, ପିଡିଏମ୍୧୧ ଓ ୫୪, ବିରି କିସମ ସାରଳା, ପିୟୁ-୩୦ ଓ ୩୫ ଅକ୍ଟୋବର ଦ୍ୱିତୀୟ ସପ୍ତାହ ସୁଦ୍ଧା ବୁଣାବୁଣି କରନ୍ତୁ। ବିହନ ବୁଣିବା ପୂର୍ବରୁ ରାଇଜୋବିୟମ୍ ଜୀବାଣୁ କଲ୍‌ଚର କେ.ଜି. ପ୍ରତି ୨୦ ଗ୍ରାମ୍ ଦ୍ୱାରା ବିଶୋଧନ କରନ୍ତୁ । ହେକ୍ଟର ପ୍ରତି ୨୦ କେ.ଜି. ଯବକ୍ଷାରଜାନ ୪୦ କେ.ଜି. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଖାଦ୍ୟସାର ବ୍ୟବହାର କରନ୍ତୁ ।

**ହରଡ଼**

ହରଡ଼ ଫସଲରେ ଛୁଇଁବିନ୍ଧା ଓ ପତ୍ରକଟା ପୋକ ଦେଖାଦେଲେ ୧ ଲିଟର ପାଣିରେ ୨ ମି.ଲି. ପ୍ରୋଫେନୋଫସ୍ କିମ୍ବା ୫ ମି.ଲି. ସ୍ପିନୋସାଡ୍ ପ୍ରତି ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ବୁଟ, ମସୁର, ମଟର**

**ଉନ୍ନତ କିସମ ବୁଟ :** ରାଧେ, ଆନେଗିରି-୧, ମୋତି, ଆଇସିସିଭି-୨, ଆଇସିସିଭି-୧୦, ପୁଷା-୩୭୨।

**ଉନ୍ନତ କିସମ ମସୁର :** ବି-୭୭, ପୁଷା-୮, କେ-୭୫, ପନ୍ତ ଏଲ୍-୪୦୬, ପନ୍ତ ଏଲ୍-୬୩୯।

**କୋଳଥ**

ଉର୍ମି, ଡିଏସ୍ ୧-୨, ଡିଏସ୍୧-୨-୨, ନୟାଗଡ଼-୧ ଆଦି କିସମ ସଂଗ୍ରହକରି ଅକ୍ଟୋବର ୧୫ ସୁଦ୍ଧା ବୁଣାକାମ ଶେଷ କରନ୍ତୁ । ଜମି ପ୍ରସ୍ତୁତକରି ମୂଳସାର ହିସାବରେ ହେକ୍ଟର ପ୍ରତି ୫ ଟନ୍ ଶଢ଼ା ଗୋବରଖତ ବା କମ୍ପୋଷ୍ଟ, ୧୨.୫ କି.ଗ୍ରା. ଯବକ୍ଷାରଜାନ ଓ ୨୫ କି.ଗ୍ରା. ଫସ୍‌ଫରସ୍ ସାର ପ୍ରୟୋଗ କରନ୍ତୁ ।

**ରାଶି**

ଢିପଜମିରେ ଧାନ ଅମଳ ପରେ ଜମିର ବତର ଦେଖି ସଅଳ କିସମ ରାଶି ବୁଣନ୍ତୁ। ରାଶିର ଉନ୍ନତ ବିହନ କିସମଗୁଡ଼ିକ ହେଲା – ବିନାୟକ, କନକ, କାଳିକା, ପ୍ରାଚୀ, ନିର୍ମଳା, ଉମା, ଉଷା, ଅମ୍ରିତ୍, ସ୍ମାରକ ଓ ଶୁଭ୍ରା । ହେକ୍ଟର ପ୍ରତି ୭.୫-୧୦ କିଲୋଗ୍ରାମ୍ ବିହନ ବ୍ୟବହାର କରନ୍ତୁ । ପ୍ରତି କିଲୋଗ୍ରାମ୍ ବିହନରେ କାର୍ବେଣ୍ଡିଜିମ୍ + ଥିରାମ୍ ୨ ଗ୍ରାମ୍ ଗୋଳାଇ ବିଶୋଧନ କରନ୍ତୁ । ବିହନ ସହ ସମାନ ପରିମାଣରେ ବାଲି ମିଶାଇ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନରେ ୧ ସେ.ମି. ଗଭୀରରେ ବିହନ ବୁଣନ୍ତୁ ।

**ମକା**

ମକାର ଚୋପା ହଳଦିଆ ପଡ଼ି ଦାନା ପାକଳ ହେଲେ ଅମଳ କରନ୍ତୁ । ମକାର ଚୋପା ଛଡ଼ାଇ ୭-୮ ଦିନ ଖରାରେ ଶୁଖାଇ ମଞ୍ଜି ବାହାର କରନ୍ତୁ । ଏଥିପାଇଁ ହସ୍ତଚାଳିତ ବା ଶକ୍ତିଚାଳିତ ମକାଛଡ଼ା ଯନ୍ତ୍ର ବ୍ୟବହାର କରନ୍ତୁ ।

**ମାଣ୍ଡିଆ**

କେଣ୍ଡାଗୁଡ଼ିକ ଧୂସର ବର୍ଣ୍ଣ ହୋଇଗଲେ ୨ ରୁ ୩ ଥରରେ କେଣ୍ଡା କାଟି ଅମଳ କରନ୍ତୁ ଓ ମୂଳରୁ ଗଛ କାଟି ଗୋଖାଦ୍ୟ ରୂପେ ବ୍ୟବହାର କରନ୍ତୁ ।

**ଗହମ**

ଗହମ ବୁଣିବା ପାଇଁ ଜମିକୁ ଗୁଣ୍ଡଚାଷ କରନ୍ତୁ ଓ ମୂଳି ସଫାକରି ପଟାଳି ପ୍ରସ୍ତୁତ କରନ୍ତୁ । ଉନ୍ନତ ବିହନ ଯଥା: ସାଗରିକା, ଉତ୍କଳିକା, କଲ୍ୟାଣ ସୋନା, ୟୁପି-୨୬୨ ସଂଗ୍ରହ କରନ୍ତୁ ।


**–କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର**

## ତୋରିଆ କିସମ ସୋରିଷ ଚାଷ



ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ତୋରିଆ ଚାଷ ପାଇଁ ମାସର ପ୍ରଥମ ଭାଗରେ ଉପଯୁକ୍ତ ଜମି ଚିହ୍ନଟ କରନ୍ତୁ । ଅଣ ଜଳସେଚିତ ଅଞ୍ଚଳରେ ତୋରିଆ ପାଇଁ ହେକ୍ଟର ପ୍ରତି ମୂଳସାର ହିସାବରେ ୪୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ଜଳସେଚିତ ଅଞ୍ଚଳରେ ହେକ୍ଟର ପ୍ରତି ୫୦ କି.ଗ୍ରା. ଯବକ୍ଷାରଜାନ, ୨୫ କି.ଗ୍ରା. ଫସ୍‌ଫରସ୍ ଓ ୨୫ କି.ଗ୍ରା. ପଟାସ୍ ଖାଦ୍ୟସାର ଏବଂ ଉତ୍କୃଷ୍ଟ ମଞ୍ଜି ୧୦ କି.ଗ୍ରା. ବ୍ୟବହାର କରନ୍ତୁ । ଅକ୍ଟୋବର ୧୦ ତାରିଖ ସୁଦ୍ଧା ଅଣ ଜଳସେଚିତ ଜମିରେ ସୋରିଷ ବୁଣାବୁଣି କାର୍ଯ୍ୟ ଶେଷ କରନ୍ତୁ । ଏଥିପାଇଁ ପାର୍ବତୀ, ଅନୁରାଧା, ସୁଶ୍ରୀ, ଉତ୍ତରା, ଏମ୍-୨୭, ଟି.ଏସ୍.-୨୯, ପିଟି-୩୦୩ ଇତ୍ୟାଦି ସହଳ କିସମ ବିହନ ବ୍ୟବହାର କରନ୍ତୁ ।

## ପନିପରିବା ଚାଷ



ଅତ୍ୟଧିକ ବର୍ଷା କିମ୍ବା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଢିପ ତଥା ମଝିଆଳି ଜମିରେ ବିଭିନ୍ନ ପ୍ରକାର ପନିପରିବା ଯଥା- ଶାଗ, ଧନିଆପତ୍ର, ବାଇଗଣ, ଲଙ୍କା, ଟମାଟୋ ଆଦି ଲଗାଇବା ବନ୍ଦୋବସ୍ତ କରନ୍ତୁ । ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗ ଚାଷକଲେ ଅଧିକ ଲାଭ ମିଳିପାରିବ। ପିଆଜ ତଳି ପ୍ରସ୍ତୁତି ପାଇଁ ଉଦ୍ୟମ ଆରମ୍ଭ କରନ୍ତୁ। ଏକର ପ୍ରତି ୪ କେ.ଜି. ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଆର୍କ ନିକେତନ ଏଗ୍ରିଫାଉଣ୍ଡ ଡାର୍କରେଡ୍, ଭୀମା ସୁପର ଓ ଭୀମା ଶକ୍ତି ବିହନ କିସମ ସଂଗ୍ରହକରି ତଳି ପକାନ୍ତୁ। ଲଙ୍କା ଫସଲରେ ଉକୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍‌ପିକୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସହଳ କିସମ ଫୁଲକୋବିରେ ଶୁଁବାଳୁଆ ଲାଗିଲେ ୪ ମି.ଲି. ନିମତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ୨ଥର ସିଞ୍ଚନ କରନ୍ତୁ। ଆଳୁ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ ବିହନ ଦରକାର ହୁଏ । ଓଡ଼ିଶା ଜଳବାୟୁ ପାଇଁ ନଭେମ୍ବର ଦ୍ୱିତୀୟ ସପ୍ତାହ ପୂର୍ବରୁ ୨-୩ଟି ଆଖି ଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନକରି ଲଗାନ୍ତୁ । ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାର କରନ୍ତୁ ଓ ଆଳୁ ଲଗାଇ ଦିଅନ୍ତୁ। ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ।

# ରାଶି ଚାଷରେ ଜାଣିବା କଥା

(ଶେଷ ଭାଗ)

**ଘାସ ନିୟନ୍ତ୍ରଣ, ଜଳସେଚନ ଓ ରୋଗପୋକ ପରିଚାଳନା**

ଗଛ ୧୫-୨୦ଦିନର ହୋଇଗଲେ ଗଛ ମୂଳକୁ କୋଡ଼ାଖୁସା କରି ଘାସଲଟା ବାଛି ପରିଷ୍କାର କରିଦିଅନ୍ତୁ। ତୃଣନାଶକ ପ୍ରୟୋଗକରି ଘାସଲଟା ମଧ୍ୟ ଦମନ କରାଯାଇପାରେ। ଏକର ପ୍ରତି ପେଣ୍ଡିମେଥାଲିନ୍ ୩୦ ପ୍ରତିଶତ ଇ.ସି. ୯୦୦ ମି.ଲି. ବୁଣିବାର ୩ ଦିନ ମଧ୍ୟରେ ଅଥବା କୁଇଜାଲୋଫସ୍ ଇଥାଇଲ୍ ୫ ପ୍ରତିଶତ ଇ.ସି.ର ୪୦୦ ମି.ଲି. ବୁଣିବାର ୧୫ଦିନ ବେଳକୁ ପ୍ରୟୋଗ କରାଯାଏ। ଜଳସେଚିତ ରାଶିଚାଷରେ ବୁଣିବା ପୂର୍ବରୁ ପ୍ରଥମ ଜଳସେଚନ ଦେଇ ଜମିକୁ ଠିକ୍ ବତରକୁ ଆଣିବା ଦରକାର। ନଚେତ୍ ବୁଣିବା ପରେ ପରେ ସାମାନ୍ୟ ପାଣି ମଡ଼ାଇଲେ ମଞ୍ଜି ଭଲ ଭାବରେ ଗଜାହେବ ଓ ଗଛ ଉଠିବ। ଗଛର ଡାଳ ହେବା ସମୟରେ (୨୫-୩୦ଦିନ ବେଳକୁ), ଫୁଲହେବା ସମୟରେ (୪୦-୪୫ ଦିନ ବେଳକୁ) ଓ ଫଳ ହେବା ସମୟରେ (୬୦-୬୫ଦିନ ବେଳକୁ) ଏହିପରି ୩ ଥର ହାଲୁକା ଜଳସେଚନ ଦେବା ଦରକାର। ବର୍ଷା ହେଲେ ଜଳସେଚନ ଦରକାର ପଡ଼ି ନ ଥାଏ।

ଖରାଟିଆ ଗଭୀର ଚାଷ, ସଅଳ ରାଶି ବୁଣା, ରାଶି ସହ ମୁଗ/ହରଡ଼/ଚିନାବାଦାମ, ବାଜରାର ମିଶ୍ରିତ ଚାଷ, ଫସଲ ପର୍ଯ୍ୟାୟ ଅବଲମ୍ବନ, ଜମିରେ ବାଉଁଶ କଣି ବା ଡାଳ ପୋତି ପକ୍ଷୀ ଆଶ୍ରୟସ୍ଥଳୀ ସୃଷ୍ଟି କରିବା ଓ ପ୍ରାରମ୍ଭିକ ଅବସ୍ଥାରୁ ୫ ପ୍ରତିଶତ ନିମ୍ବ ଆଧାରିତ ଜୈବ କୀଟନାଶକ ପ୍ରୟୋଗ କଲେ ରୋଗ, ପୋକ ନିୟନ୍ତ୍ରିତ ହୋଇଥାଏ। ପତ୍ରଚିତା ରୋଗ ନିୟନ୍ତ୍ରଣ ପାଇଁ କ୍ଲୋରୋଥାଲୋନିଲ୍ ୭୫ ପ୍ରତିଶତ, ଡବ୍ଲ୍ୟୁପି ୨୦ ଗ୍ରାମ, ବୀଜାଣୁଜନିତ ପତ୍ରପୋଡ଼ା ପାଇଁ କପର ଅକ୍ସିକ୍ଲୋରାଇଡ୍ ୫୦ ପ୍ରତିଶତ, ଡବ୍ଲ୍ୟୁପି ୩୦ ଗ୍ରାମ ; ଶୁଖିଲା ମୂଳଶଢ଼ା/କଳାପଚା ପାଇଁ କାର୍ବେଣ୍ଡାଜିମ୍ ୫୦ ପ୍ରତିଶତ ଡବ୍ଲ୍ୟୁପି ୧୫ ଗ୍ରାମ ; ଝାଉଁଳା ପାଇଁ ମେଟିରାମ ୭୦ ପ୍ରତିଶତ ଡବ୍ଲ୍ୟୁଜି ୧୫ ଗ୍ରାମ ; ପାଉଁଶିଆ ରୋଗ ଦମନ ପାଇଁ ସଲ୍‌ଫର ୮୦ ପ୍ରତିଶତ ଡବ୍ଲ୍ୟୁପି ୪୦ ଗ୍ରାମ/ପ୍ରୋପିକୋନାଜଲ୍



୨୫ ଇ.ସି. ପତ୍ରଗୁଚ୍ଛ (ସବୁଜ ପତ୍ରଡିଆଁ ପୋକ ଏହି ରୋଗର ବାହକ) ପାଇଁ ଥାୟୋମେଥୋକ୍ସାମ୍ ୨୫ ପ୍ରତିଶତ ଡବ୍ଲ୍ୟୁଜି ୧୦ ଗ୍ରାମ/ଆସେଟାମିପ୍ରିଡ୍ ୨୦ ପ୍ରତିଶତ ଏସ୍‌ପି ୩.୫ ଗ୍ରାମକୁ ୧୦ଲିଟର ପାଣିରେ ମିଶାଇ ଫସଲରେ ସିଞ୍ଚନ କରାଯାଏ। ପୋକ ନିୟନ୍ତ୍ରଣ ନିମନ୍ତେ ଧଳାମାଛି, ଗଣ୍ଡିମାଛି ନିୟନ୍ତ୍ରଣ ପାଇଁ ଆସେଟାପ୍ରିମିଡ୍ ୨୦ ପ୍ରତିଶତ ଏସ୍‌ପି ୨.୫ ଗ୍ରାମ/ବୁପ୍ରୋଫ୍ରେଜିନ ୨୫ ପ୍ରତିଶତ ଏସ୍‌ପି ୧୦ ମିଲି ; ସବୁଜ ପତ୍ରଡିଆଁ ପୋକ ପାଇଁ ଥାୟୋମେଥୋକାମ ୨୫ ପ୍ରତିଶତ ଡବ୍ଲ୍ୟୁଜିର ୨ ଗ୍ରାମ, ପତ୍ର ବୁଢ଼ିଆଣୀ ଏବଂ ହକମଥ ପାଇଁ ପ୍ରୋଫେନୋଫସ୍ ୫୦ ପ୍ରତିଶତ ଇସିର ୨୦ ମିଲିକୁ ୧୦ଲିଟର ପାଣିରେ ମିଶାଇ ଫସଲର ସିଞ୍ଚନ କରାଯାଏ।

**ଅମଳ ଓ ସାଇତା**

ପତ୍ର ଓ ଫଳ ହଳଦିଆ ପଡ଼ିଗଲେ ଫସଲ କାଟିବା ପାଇଁ ସୂଚନା ମିଳେ। ଯଥା ସମୟରେ ଫସଲ ନ କାଟିଲେ ଫଳ ଫାଟିଯାଏ ଓ ମଞ୍ଜି ବାହାରି ଜମିରେ ପଡ଼ି ନଷ୍ଟହୁଏ। ସାଧାରଣତଃ ରାଶି ଗଛ ସବୁ କାଟିଲା ପରେ ବିଡ଼ା ବାନ୍ଧି ଖଳାକୁ ନିଆଯାଏ। ସେଠାରେ ଏକ ସପ୍ତାହ ଖରାରେ ଶୁଖାଯାଏ। ଫଳ ସମ୍ପୂର୍ଣ୍ଣ ଶୁଖି ଫାଟିଗଲା ପରେ ରାଶି ଅମଳ କରାଯାଏ। ମିଶ୍ରିତ ରାଶିକୁ ପାଛୁଡ଼ିଦେଇ ପରିଷ୍କାର ରାଶି ମଞ୍ଜି ସଂଗ୍ରହ କରିଗଲା ପରେ ୩-୪ଦିନ ଖରାରେ ଶୁଖାଯାଏ। ମଞ୍ଜିରୁ ଜଳୀୟାଂଶ ଶତକଡ଼ା ୯ ଭାଗ ହେଲେ ଯାଇ ସାଇଥି ରଖିବା ପାଇଁ ଉପଯୋଗୀ ହୁଏ। ଏକର ପ୍ରତି ବର୍ଷାଋତୁରେ ୩-୪ କୁଇଣ୍ଟାଲ ଓ ରବି ବା ଖରାଟିଆ ଚାଷରୁ ୪-୮ କୁଇଣ୍ଟାଲ ଅମଳ ମିଳିଥାଏ।

**–ଡ. ପରେଶ କୁମାର ପଣ୍ଡା**
ଜିଲା କୃଷି ଅଧିକାରୀ, ସାକ୍ଷୀଗୋପାଳ
ମୋ :୯୪୩୭୧୧୨୭୦୪

# ଭାରତର ଦୃଢ଼ ବ୍ୟାଟିଂ

## ମହିଳା ବିଶ୍ୱକପ୍ ଆରମ୍ଭ

**ଗୁଆହାଟୀ,୩୦।୯**

ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ମଙ୍ଗଳବାରଠାରୁ ଆରମ୍ଭ ହୋଇଯାଇଛି। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍‌ରେ ଆୟୋଜକ ଭାରତ ଓ ଶ୍ରୀଲଙ୍କା ପରସ୍ପରକୁ ଭେଟିଛନ୍ତି। ମ୍ୟାଚ୍ ପୂର୍ବରୁ ଭାରତରେ ଅନୁଷ୍ଠିତ ବିଶ୍ୱକପ୍‌ରେ ଭାରତୀୟ ମହିଳା ଦଳର ନେତୃତ୍ୱ ନେଇଥିବା ପୂର୍ବତନ ଅଧିନାୟିକା ଡାଏନା ଇଡୁଲଜି (୧୯୭୮), ପ୍ରମିଳା ଭଟ (୧୯୯୭) ଓ ମିଥାଲି ରାଜ (୨୦୧୩)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ ୪୭ ଓଭରରେ ୮ଉଇକେଟ ହରାଇ ୨୬୯ ରନ କରିଥିଲା। ଡିଏଲ୍‌ଏସ୍ ମେଥଡରେ ୨୭୧ ରନର ଟାର୍ଗେଟ ଧାର୍ଯ୍ୟ କରାଯାଇଥିବା ବେଳେ ଶ୍ରୀଲଙ୍କା ୧୨ ଓଭରରେ ୧ ଉଇକେଟ ହରାଇ ୬୩ ରନ କରିଛି। ଭାରତୀୟ ଦଳ ଆରମ୍ଭରୁ ଇନ୍ ଫର୍ମ ଓପନର ସ୍ମୃତି ମନ୍ଧାନା(୮)ଙ୍କ ଉଇକେଟ ହରାଇଥିଲା। ନଂ-୩ରେ ଆସିଥିବା ହର୍ଲିନ ଦେଓଲ ଓ ଅନ୍ୟତମ ଓପନର ପ୍ରତିକା ରାୱଲ ଦ୍ୱିତୀୟ ଉଇକେଟରେ ୬୭ ରନ ଯୋଡ଼ିଥିଲେ। ୩୭ ରନ କରିଥିବା ପ୍ରତିକାଙ୍କୁ ଇନୋକା ରଣବିରା ପାଭିଲିଅନ ପଠାଇଥିଲେ। ଏହାପରେ ହର୍ଲିନ ଓ ଅଧିନାୟିକା ହରମନପ୍ରୀତ କୌର ଚତୁର୍ଥ ଉଇକେଟରେ ୩୯ ରନ ଯୋଡ଼ିଥିଲେ। ଏହିଠାରୁ ଦଳ ଦୁଇ ଓଭରରେ ମଧ୍ୟରେ ହର୍ଲିନ ୪୮ (୬ ଚୌକା), ଜେମିମା ରୋଡ୍ରିଗୁଏଜ (୦) ହରମନପ୍ରୀତ ୨୧ (୨ ଚୌକା), ରିଚା ଘୋଷ (୨)ଙ୍କ ଉଇକେଟ ହରାଇଥିଲା। ଏଭଳି ପରିସ୍ଥିତିରେ ଦୀପ୍ତି ଶର୍ମା ଓ ଅମନଜୋତ କୌର ସପ୍ତମ ଉଇକେଟରେ ୧୦୩ ରନ ଯୋଡ଼ିଥିଲେ। ଅମନଜୋତ ୫ ଚୌକା ଓ ୧ ଛକା ସହ ୫୭ ରନ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ସ୍ନେହ ରାଣା ୨ ଲେଖାଏ ଚୌକା ଓ ଛକା ସହ ଦ୍ରୁତ ୨୮ ରନ୍ କରିଥିଲେ। ଶେଷ ବଲରେ ଆଉଟ୍ ହେବା ପୂର୍ବରୁ ଦୀପ୍ତି ୩ ଚୌକା ସହ ୫୩ ରନ କରିଥିଲେ। ଫଳରେ ଭାରତ ନିର୍ଦ୍ଧାରିତ ୪୭ ଓଭରରେ ୮ ଉଇକେଟ ହରାଇ ୨୬୯ ରନ କରିଥିଲା। ଶ୍ରୀଲଙ୍କା ପକ୍ଷରୁ ଇନୋକା ରଣବିରା ୪ ଓ ଉଦେଶିକା ପ୍ରବୋଧନି ୨ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଭାରତୀୟ ମହିଳା ଦଳ: ୪୭ ଓଭରରେ ୨୬୯/୮ (ଅମନଜୋତ କୌର-୫୭, ଦୀପ୍ତି ଶର୍ମା-୫୩, ହର୍ଲିନ ଦେଓଲ-୪୮, ପ୍ରତିକା ରାୱଲ-୩୭, ଇନୋକା ରାଣାୱିରା-୪/୪୬, ଉଦେଶିକା ପ୍ରବୋଧନି-୨/୫୫)।

# ଜାତୀୟ କ୍ରୀଡ଼ା ପୁରସ୍କାର ଆବେଦନ ପ୍ରକ୍ରିୟା ଆରମ୍ଭ

**ନୂଆଦିଲ୍ଲୀ,୩୦।୯(ପି.ଟି.):** କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଚଳିତବର୍ଷର ଜାତୀୟ କ୍ରୀଡ଼ା ପୁରସ୍କାର ଲାଗି ଆବେଦନ ପ୍ରକ୍ରିୟା ଆରମ୍ଭ କରାଯାଇଛି ଏବଂ ଅକ୍ଟୋବର ୨୮ ତାରିଖକୁ ଅନ୍ତିମ ତାରିଖ ଧାର୍ଯ୍ୟ କରାଯାଇଛି। ଭାରତ ପାଇଁ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ଲାଗି ଆଥଲେଟ୍‌ଙ୍କୁ ପ୍ରତିବର୍ଷ ରାଷ୍ଟ୍ରପତି ପୁରସ୍କାର ଦିଅନ୍ତି। ରାଷ୍ଟ୍ରପତି ଭବନରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଲାଗି ଏପର୍ଯ୍ୟନ୍ତ ତାରିଖ ଧାର୍ଯ୍ୟ କରାଯାଇ ନାହିଁ। ଡୋପିଂ ଉଲ୍ଲଂଘନ କରିଥିବା ଆଥଲେଟ୍ ମଧ୍ୟ ଏଥିଲାଗି ଯୋଗ୍ୟ ବିବେଚିତ ହୋଇପାରିବେ। କିନ୍ତୁ ଉକ୍ତ ଆଥଲେଟ୍‌ଙ୍କର ବାସନ୍ଦ ସମୟସୀମା ଶେଷ ହୋଇଥିବା ଦରକାର। ଜାତୀୟ ପୁରସ୍କାର ଉତ୍ସବରେ ଦିଆଯାଉଥିବା ସବୁଠୁ ସମ୍ମାନଜନକ ପୁରସ୍କାର ହେଲା ମେଜର ଧ୍ୟାନଚାନ୍ଦ ଖେଳ ରତ୍ନ। ଏହି ପୁରସ୍କାର ସହିତ ୨୫ ଲକ୍ଷ ଟଙ୍କାର ଅର୍ଥରାଶି ଓ ପ୍ରମାଣପତ୍ର ଦିଆଯାଏ। ସେହିଭଳି ଅର୍ଜୁନ ପୁରସ୍କାର ଲାଗି ୧୫ ଲକ୍ଷ ଟଙ୍କାର ଅର୍ଥରାଶି ଦିଆଯାଏ। ଏଥିଲାଗି ଯୋଗ୍ୟ ହେବା ପାଇଁ ଆଥ୍‌ଲେଟ୍‌ଙ୍କୁ ଗତ ୪ ବର୍ଷରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଦରକାର।







GST ଲାଭ

| ଉତ୍ପାଦଗୁଡ଼ିକ | ଏକ୍ସ-ସୋରୁମ୍ ମୂଲ୍ୟ | GST ଲାଭ |
|---|---|---|
| DESTINI 125 | ~~₹86 780~~ ₹79 997# | ₹6 783 |
| GLAMOUR X | ~~₹91 999~~ ₹84 808# | ₹7 191 |

ସୀମିତ ସମୟର ଅଫର
+ ତୁରନ୍ତ ରିହାତି ₹10 000^ ପର୍ଯ୍ୟନ୍ତ HDFC BANK CREDIT CARDS FESTIVE TREATS Powered by pine labs + ଦୈନିକ EMI ₹79$ ରୁ ଆରମ୍ଭ | ଡାଉନ୍ ପେମେଣ୍ଟ ₹1 999$ ରୁ ଆରମ୍ଭ | ସ୍ୱତନ୍ତ୍ର କର୍ପୋରେଟ୍ ଅଫର୍ ₹3 200~ ପର୍ଯ୍ୟନ୍ତ

INDIA'S FIRST 5 YEAR WARRANTY* *Conditions apply
Hero GoodLife ଜିତିବାର ସୁଯୋଗ 100% କ୍ୟାସବ୍ୟାକ | 24 କ୍ୟାରେଟ ସ୍ୱର୍ଣ୍ଣ ମୁଦ୍ରା ଏବଂ ଆହୁରି ଅନେକ ସୁନିଶ୍ଚିତ ଲାଭ*
Additional offers on: Flipkart amazon.in

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. I CIN: L35911DL1984PLC017354 I For further information, contact your nearest Hero MotoCorp authorized outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ~Offer amount and combination of offer may vary for model/variant and states and it is applicable on select models only, for a limited time period or till stock lasts. $Finance offer is at the sole discretion of the Financier, subject to its respective T&Cs, Available at select dealerships. ^T&C apply, Offer available only on limited stores. *Limited period offer, T&C apply. As per cumulative dispatch numbers till August 2025. #Ex-showroom price of Destini 125 and Glamour X in Bhubaneshwar.

TOLL FREE 1800 266 0018

Authorized Dealers: Behrampur: Lakshmi Motors, Dharma Nagar, Ph: 9289922184, Phulbani: Narayani Hero, Ph: 9289922991 Associate Dealers: Parlakhemundi:Preetam Enterprises-9438685535, Bhanjanagar:Rebati Motors-9438279794/9937015509, Patrapur:Ronak Motors-9030985084, Tikabali:M/S Maa Rudrakali Automobiles-7846961367, Baliguda:Sai Automobiles-9827843657, Aska: Sagar Automobiles, Ph: 9437257777 , Hinjilikatu: Sri Dakhinakali Automibiles- 9438076861.

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ